# ଆଦିବାସୀ

ଓଡ଼ିଶା ଆଦିବାସୀ ଗବେଷଣା ପରିଷଦ



# ଆଦିବାସୀ


## ଓଡ଼ିଶା ଆଦିବାସୀ ଗବେଷଣା ପରିଷଦ

ପ୍ରଥମ ଭାଗ    ଚତୁର୍ଥ ସଂଖ୍ୟା    ୧୯୫୭



ସଂପାଦକ— **ଗଣନାଥ ଦାସ**

ଯୁଗ୍ମ ସଂପାଦକ— **ନିତ୍ୟାନନ୍ଦ**



**ଓଡ଼ଶା ସରକାରଙ୍କ**

**ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗଦ୍ୱାରା**

**ପ୍ରକାଶିତ**

ମୂଲ୍ୟ—ଆଠ ଅଣା ମାତ୍ର

# ସୂଚୀପତ୍ର


୧ । ଲଞ୍ଜିଆ ଭାଇ

ଗୋପୀନାଥ ମହାନ୍ତି ... ... ୩

୨ । ଆଶ୍ରମ ଶିକ୍ଷା ପଦ୍ଧତି

ଅମ୍ବାଲାଲ ପି. ବ୍ୟାସ ... ... ... ... ୧୦

୩ । ସ୍ୱାଗତ ହେ ସନ୍ତାବନ

ଘନଶ୍ୟାମ ମିଶ୍ର ... ... ... ୧୫

୪ । ନୃତତ୍ତ୍ୱ ବିଦ୍ୟା ଓ ଆଦିବାସୀ ଉନ୍ନୟନ

ଡକ୍ଟର ଏସ୍. ଏସ୍. ସରକାର ... ... ... ... ୧୭

୫ । ବଣାଇ ଭୂୟାଁମାନଙ୍କର ପର୍ବପର୍ବାଣି ଓ ଗୃହବାସ

ନିତ୍ୟାନନ୍ଦ ପଟ୍ଟନାୟକ ... ... ... ୨୦

୬ । ଜୁଆଙ୍ଗମାନଙ୍କର ମାଘ ପର୍ବ

ବିନୋଦିନୀ ଦେବୀ ... ... ... ... ୨୫

୭ । ହଡ଼ ଓ ସେମାନଙ୍କ ଭାଷା

ପଞ୍ଚାନନ ମାରଣ୍ଡି ... ... ... ... ୨୮

୮ । କରୁଆ

ପୂର୍ଣ୍ଣଚନ୍ଦ୍ର ମହାନ୍ତି ... ... .. ... ୩୧

୯ । ହେଗେ ପର୍ବ ଓ 'ହୋ' ସମାଜରେ ପରିବର୍ତ୍ତନ

ସୁଶ୍ରୀ ଦାସ ... ... ... ... ୩୮

୧୦ । ମାନମୁଣ୍ଡା ଅଞ୍ଚଳରେ ଏକ ପ୍ରଚଳିତ ପ୍ରବାଦ

ସୋମନାଥ କହର ... ... ... .. ୪୧

୧୧ । ଜୁଆଙ୍ଗମାନଙ୍କର ନୃତ୍ୟ ଓ ଗୀତ

ଅଜିତ ଗୁପ୍ତ ... ... ... ... ୪୨

୧୨ । ଦେବତା ପୂଜା

ଗଣନାଥ ଦାସ ... ... ... ... ୪୮

୧୩ । ଆଦିବାସୀ ଜୀବନରେ କଳାର ସ୍ଥାନ

ରାମଚନ୍ଦ୍ର ରଥ ... ... ... ୫୧

୧୪ । କନ୍ଧର ଝାଗଡ଼ ପୂଜା ଓ ଅନ୍ୟ ପର୍ବପର୍ବାଣି

ସମାଜ କର୍ମୀ, ଫୁଲବାଣୀ ସଦର ... ... ... ୫୪

୧୫ । ଉଠ ଆଦିବାସୀ ଉଠ

ଯାଦବାନନ୍ଦ ମହାନ୍ତି ... ... ... ... ୫୭

୧୬ । ପାଲମାଉଡ ବରକଥା

ନିତ୍ୟାନନ୍ଦ ଦାସ ... ... ... ... ୬୧

୧୭ । କୁଟିଆଁକନ୍ଧ

ଡକ୍ଟର ହରେକୃଷ୍ଣ ମହତାବ ... ... ... ୬୭

୧୮ । ସମ୍ପାଦକୀୟ ୭୦

# ଲାଞ୍ଜିଆ-ଭାଇ

**ଶ୍ରୀ ଗୋପୀନାଥ ମହାନ୍ତି,** ଏମ୍. ଏ., ଓ. ଏ. ଏସ.

ସେ ନୁହେଁ ଲାଙ୍ଗୁଲା ନରସିଂହ ଦେବ, କୋଣାର୍କ-ନିର୍ମାତା । ସାଧାରଣ ଇତିହାସରେ ତାର ନାଁ ନାହିଁ । ସେ ସାଧାରଣଠୁଁ ଆହୁରି ସାଧାରଣ, ପାହାଡ଼ର ନଗଣ୍ୟ ମଣିଷ । କିନ୍ତୁ ତାର ଲାଞ୍ଜ ଅଛି । କିମ୍ବଦନ୍ତୀ ନୁହେଁ, ସତ; କିନ୍ତୁ ସେ ଲାଞ୍ଜ ମଣିଷ-ହାତଗଢ଼ା, ସେ କେବଳ ତା କଉପୁନୀର ଝୁଲିଲା ଫେର । ସେଥିରେ ପାହାଚ ପାହାଚ ହୋଇ ରଙ୍ଗ ସୂତାରେ ଫୁଲପରି ବୁଣା ହୋଇଛି, ରଙ୍ଗ ରଙ୍ଗର ପଟାପଟା ହୋଇ ମୋଟା ଲାଞ୍ଜ, ଦି ପଟେ ଦେଖିହୁଏ, ସାମ୍ନାରେ ଆଉ ପଛରେ । ସ୍ତ୍ରୀର ଲାଞ୍ଜ ନାହିଁ, ଅଣ୍ଟା ତଳେ ହାତେ ଓସାରର ବେଡ଼େଇ ହୋଇଥାଏ । ଅଣ୍ଟା ଉପରକୁ ନିର୍ବିକାର ସବୁ ଖୋଲା, ଖୋଲା ଯେପରି ତା ଦେଶର ପାହାଡ଼ ଆଉ ଝାଲ । ଅତି ବଳିଷ୍ଠ ଗଢ଼ଣ, ଶାଳଗଛ ପରି ସିଧା ମଣିଷ । ଚାଲି ଆଉ ଚରିତ୍ରରେ ବି ସେହିପରି ସିଧାସଳଖ, ଖୋଲା ନିର୍ବିକାର । ଚରିତ୍ରରେ, ଆଚରଣରେ ସେ ଲାଙ୍ଗୁଳମନ୍ତ ଆଦୌ ନୁହେଁ । ଲାଞ୍ଜଟା କେବଳ ତାର ଚଳନ୍ତି ପୋଷାକ, ସାହାବଙ୍କୁ ଯେପରି ସୁଟ୍ । ଆଉ ଅଧିକା ନୁହେଁ ।

କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ପୂର୍ବଘାଟ । ପୂର୍ବଘାଟ ପର୍ବତମାଳାର ପୂର୍ବପଟେ ପାରଳାଖେମଣ୍ଡି ଦକ୍ଷିଣରେ ସଉରା ମାଳର ପର୍ବତମାନଙ୍କରେ ଯେପରି ଲାଞ୍ଜପିନ୍ଧା ଲୋକେ ମଝିରେ ବଂଶଧାରା ଉପତ୍ୟକା ଛାଡ଼ି "ଶୁଦ୍ଧ ସଉରା" କୋଣ୍ଡାଦୋରା, ଜତାପଦୋରା, ସାଧାରଣ କୁଭିକନ୍ଧ, କିଛି କୋଟିଆକନ୍ଧ ଅଧ୍ୟୁଷିତ ଅଞ୍ଚଳ ଛାଡ଼ି ପ୍ରାୟ ଶହେ ମାଇଲ ଦୂରରେ ବିଷମକଟକ ମୁନିଗୁଡ଼ା ସେ କଡ଼େ ନିୟମଗିରି ପର୍ବତ ଉପରେ ବି ଲାଞ୍ଜପିନ୍ଧା ଲୋକେ ରହିଛନ୍ତି । ଯଦିଚ ସେମାନେ ସଉରା ନୁହନ୍ତି ସେମାନେ 'ଡଂଗ୍ରିଆ କନ୍ଧ' ଏବଂ ଏ ଦୁଇ ଜାତି ସେତିକି ଫରକ ଯେତିକି ଫ୍ରେଞ୍ଚଠୁଁ ଇଂରେଜ । ଚେହେରାରେ ଉଭୟେ ବଳିଷ୍ଠ ହେଲେହେଁ ମୁଣ୍ଡ ଆଖି ସମେତ ଦେହର ଗଠନ ସମ୍ପୂର୍ଣ୍ଣ ପୃଥକ୍ । ମାଳ ସଉରା ଶୁନାଖଡ଼ିଆ ପରି, ସେ ପ୍ରାୟ ହଳଦିଆ ଗୋରା, କସରତିଆ ପାତଳା, ଡେଙ୍ଗା । ଡଂଗ୍ରିଆ କନ୍ଧ ସେତେ ଡେଙ୍ଗା ନୁହେଁ, ବୋଦକା, ଓଜନ । ଚେହେରା ଓ ଭାଷା ଛଡ଼ା ଆଗୃହ ବ୍ୟବହାର ବି ଭିନେ ନିଷ୍ଟୁପ । ତା ଛଡ଼ା ଜୀବନର ଦର୍ଶନ ସମ୍ପୂର୍ଣ୍ଣ ଭିନେ । ସବୁ ଜାତିର କନ୍ଧଙ୍କ ପରି "ଡଂଗ୍ରିଆ କନ୍ଧ" ବି ବିଶ୍ୱାସ କରେ ମଣିଷ ଏ ସଂସାରକୁ ଆସିବା ଗୋଟାଏ ଜନ୍ମରେ ସରେ ନାହିଁ, ଅମର ଆତ୍ମା ଗୋଟାଏ ପରେ ଗୋଟାଏ ଦେହ ଛାଡ଼ି ଛାଡ଼ିକା ପୁଣି ପୁଣି ଦେହ ଧରି ଜନ୍ମ ହେଉଥାଏ । କିନ୍ତୁ ସବୁ ଜାତିର ସଉରାଙ୍କ ପରି ଲାଞ୍ଜିଆ ସଉରା ବି ବିଶ୍ୱାସ କରେ ଏ ଜନ୍ମ ମଲେ ଆଉ ଜନ୍ମ ନାହିଁ, ଏ ଦେହ ଛାଡ଼ିଲେ ଆଉ ଅନ୍ୟ ଦେହକୁ ଲେଉଟିବା କଥା ନାହିଁ; ତେଣିକି ମଣିଷ ରହିବ ପ୍ରେତାତ୍ମା ବା "କୋଲ୍‌ବା" ହୋଇ । ସେହି "କୋଲ୍‌ବା"ର ଯେତେ-ବେଳେ ମଇଁଷି କି କୁକୁଡ଼ା ଖାଇବାକୁ ଇଚ୍ଛା ହେବ, ସେ ସେହି ଘରେ କେଉଁ ଏକ ଜୀଅନ୍ତା ଦାୟାଦ ଉପରେ ଅବତରିବ ଓ ତାକୁ ରୋଗ କରାଇବ । ଅତଏବ ସର୍ଦ୍ଦି କି ମୁଣ୍ଡବ୍ୟଥା କି ଜର କି ଝାଡ଼ା କି ଯେଉଁ ରୋଗ ହେଉ ସେ କେଉଁ ପିତୃପୁରୁଷର ଅତୃପ୍ତ ପ୍ରେତାତ୍ମାର ହିଁ କରଣି । ରୋଗ ଭଲ କରିବାକୁ ଔଷଧ କିଛି କାମ କରିବ ନାହିଁ, ମଇଁଷି ହାଣି ପିତୃପୁରୁଷ ଉଦ୍ଦେଶ୍ୟରେ ତା ରକ୍ତକୁ ଭୂଇଁରେ ଢାଳିଲେ ସେ

କୋଲ୍‌ବା ଶାନ୍ତ ହେବ, ତା ପରେ ରୋଗ ଭଲହେବ; ଏହିପରି ସେ ଲାଞ୍ଜିଆ-ସଉରର ବିଶ୍ୱାସ । ସେ ଭାବେ ଏ ଜୀବନଟା ଗଲେ ସେ ଆଉ ମଣିଷ ଜୀବନ ପାଇବ ନାହିଁ । କିନ୍ତୁ କାହା ଦେହ ଟିକିଏ କିଛି ହେଲେ ଅଶ୍ରୀତର ହଜିଲା ପିତୃପୁରୁଷଙ୍କ କୋଲ୍‌ବାମାନଙ୍କୁ ଶାନ୍ତ କରିବାକୁ ଥରକୁ ପଚିଶ ଟଙ୍କା ଷାଠିଏ ଟଙ୍କା ଏତେ ଲେଖାଁ ଦେଇ ଗୋଟାକୁ ଗୋଟା ମଇଁଷି କିଣି ବଳି ଦେଇ ଦେଇ ତାର ଧନ ସରିଯାଏ, ସମ୍ପତ୍ତି ସରିଯାଏ । ଡଂଗ୍ରିଆ କନ୍ଧମାନଙ୍କର ଏଭଳି ବିଶ୍ୱାସ ନାହିଁ କି ଏତେ ମଇଁଷି ହଣା ନାହିଁ । ମଇଁଷି ହଣା ହୁଅନ୍ତି କେତେକ ପର୍ବରେ, ବିଶେଷତଃ "ଜୁଗେ" ପର୍ବରେ । 'ଜୁଗେ' ତ ବନ୍ଦ ହେଲାଣି; ତେଣୁ ମଇଁଷି ହଣା ବି କମ୍ । ଲାଞ୍ଜିଆ ଆବହମାନ କାଳରୁ ରୋଗ ଭଲ ହେବ ବୋଲି ଭାବି ମଇଁଷି ହାଣୁଛି । ଫଳରେ ଏ ଅଭ୍ୟାସ ବନ୍ଦ କରିବାପାଇଁ ତାଙ୍କୁ ଏପରି ବି କୁହାଗଲା—"ଯେଉଁ କାଳସୀ ଲଗାଇ ତୁମେ ତୁମ ପୂର୍ବପୁରୁଷଙ୍କ ଇଚ୍ଛା କଣ ତା ଜାଣିପାରୁଛ, ତୁମ ପୂର୍ବପୁରୁଷଙ୍କ ସଙ୍ଗେ କଥାଭାଷା ହୋଇପାରୁଛ, ସେହି କାଳସୀଦ୍ୱାରା ତୁମ ପୂର୍ବପୁରୁଷଙ୍କୁ କୁହାଅ ଯେ ହେ ପୂର୍ବପୁରୁଷମାନେ ! ତୁମେ ଯେତେବେଳେ ବଞ୍ଚିଥିଲ ସେତେବେଳେ ହୁଏତ ମଇଁଷି ଗୋଟାକ ପାଞ୍ଚ ଟଙ୍କା ଥିଲା ଯେ ତୁମ ପୂର୍ବପୁରୁଷଙ୍କୁ ମଇଁଷି ବଳି ଦେଉଥିଲ । ଆମବେଳେ ତ ଟଙ୍କାକୁ ଦିସେରେ ଚାଉଳ, ମଇଁଷି ଗୋଟାକ ପଚିଶ ଷାଠିଏ ଟଙ୍କା, ଆମେ ମଇଁଷି ବଦଳରେ ତମ ପାଇଁ ପଛେ ଛେଳି କି ଘୁଷୁରି ହାଣିମୁଁ, ମଇଁଷି ବଳିରୁ ଆମକୁ ଅବ୍ୟାହତି ଦିଅ ।" ଜଳତର ହାଟରେ ବାରମ୍ବାର ଏପରି ପ୍ରଚାର କରାଗଲା, କିଛି ଫଳ ହେଲାନାହିଁ । ସେମାନେ କହିଲେ, "ଆମ ପର୍ବପୁରୁଷ ସେ ପ୍ରସ୍ତାବରେ ଅପିଲେ ନାହିଁ । କହିଲେ, ଯାହାର ଯେଉଁଟା ମାମୁଲ୍ ସେ ତା ଛାଡ଼ିବ କାହିଁକି ? ଆମେ ବଞ୍ଚିଥିଲାବେଳେ ଆମ ପୂର୍ବପୁରୁଷମାନଙ୍କୁ ଆମେ ମଇଁଷି ବଳି ଦେଉଥିଲୁ, ତେଣୁ ଆମ ବଂଶଧରମାନଙ୍କଠୁଁ ଆମେ ତା ପାଇବାକୁ ହକ୍‌ଦାର । ସେମାନେ ତହିଁରେ ଉଚ୍ଛନ୍ନ ହୋଇଗଲେ ଆମେ ତହିଁରେ ଲଗା କି ?" ଅତଏବ ସର୍ଦ୍ଦି ହେଲା କି ମୁଣ୍ଡବ୍ୟଥା ହେଲା କି ଜର କି ନାଳଝାଡ଼ା, ଧାଇଁଲା ଲାଞ୍ଜିଆ ଆଣିଇ ମଇଁଷି କିଣି । ବିକବା ଲୋକ ବି ଛକି ବସିଛି । ବର୍ଷକେ ଦଶ କୋଡ଼ିଏ ମଇଁଷି ହାଣିଲେ ଗୋଟାଏ ଲେଖାଁ ପରିବାରର ଶହ ଶହ ଟଙ୍କା ତ ଏହିପରି 'ଭୂତ ଖାଇବା'ରେ ଯିବ । ଆଉ ବଳିବ କଣ ? ସନ୍ଦେହ ହୁଏ; ଓଡ଼ିଆରେ "ସମ୍ପତ୍ତି ଭୂତ ଖୋଇବା" ବୋଲି ଯେଉଁ ବ୍ୟବହାରଟି ଅଛି, ଲାଞ୍ଜିଆର ମଇଁଷି ହଣା ପ୍ରଥାରୁ ତା ଆସିନାହିଁ ତ !

ବହୁତ ତଫାତ୍ ଏ ଦୁହେଁ, ଲାଞ୍ଜିଆ ସଉରା ଓ ଡଂଗ୍ରିଆ କନ୍ଧ; କିନ୍ତୁ ଦୁହିଁଙ୍କ ଭାବଭଙ୍ଗୀରେ ସାମଞ୍ଜସ୍ୟ ଅଛି । ଉଭୟେ ନିର୍ଭୀକ, ସ୍ପଷ୍ଟବାଦୀ, ଯୁକ୍ତିପ୍ରିୟ, ଆଉ ମର୍ଯ୍ୟାଦାମନ୍ତ । ଉଭୟେ ରାଗିଲେ ଭୟଙ୍କର ଜନ୍ତୁର ରାଗପରି ଅସଣା ରାଗ । ଏମାନେ ରାଗିଲେ ହାଣି ପକାନ୍ତି ବୋଲି ପାହାଡ଼ ତଳ ଲୋକଙ୍କର ଭୟାର୍ତ୍ତ ବିଶ୍ୱାସ । ଅଥଚ ଉଭୟେ ରହସ୍ୟପ୍ରିୟ, ଅତିଥିପରାୟଣ, ଉଦାର, ରୁଚି ଓ ବୃତ୍ତିରେ ଉଭୟଙ୍କର ସାମଞ୍ଜସ୍ୟ ଅନେକ । ଉଭୟେ ପର୍ବତ ଉପରେ ରହିବାକୁ ଭଲ ପାଆନ୍ତି, ଗୋଟାକୁ ଗୋଟା ପର୍ବତ ଲଣ୍ଡା କରି ସେଠି ନାନାଜାତି ଫଳଗଛର ତୋଟା ଲଗାନ୍ତି ଓ ଶସ୍ୟ ଉପୁଜାନ୍ତି । ଉଭୟେ ଭାବନ୍ତି ଯେ ସ୍ତ୍ରୀଲୋକର ଅନାବୃତ୍ତ ଦେହରେ ଲଜ୍ଜା ପାଇଲା ଭଳି କିଛି ନାହିଁ । ସ୍ତନ କେବଳ ସନ୍ତାନର ଖାଦ୍ୟ, ଯେପରି ଏକ ପ୍ରକାର ଫଳ । ଏଭଳି ବି କୁହାଯିବାର ମୁଁ ଶୁଣିଛି ଯେ କୌଣସି ଦୁଃସାହସୀ ବାହାରର ଲୋକର ହାତ ଡଂଗ୍ରିଆ ଯୁବତୀର ସ୍ତନରେ ବାଜିଯାଇଛି ତ ସଙ୍ଗେ ସଙ୍ଗେ ଡଂଗ୍ରିଆ ନାରୀର ମାତୃସ୍ନେହ ଉଦୟ ହୋଇଛି ଓ ସେ ହସି ହସି ସେହି ପୁରୁଷକୁ ଲକ୍ଷ୍ୟ କରି କହିଛି:—

"ହେଇ ଦେଖ ଯାକୁ । ଯେ ମୋ ପୁଅ ହେବାକୁ ମନ ବଳାଇଛି । ମୋ ପୁଅ ଯାହା ଖାଇବ ସେହିଆକୁ ହାତ ପାଉଛି । ଟିକିଏ ବଡ଼ ହୋଇଗଲୁ ବାବୁ, ନଇଲେ ମୋ'ଠୁ ଖାଇଥାନ୍ତୁ ଯେ ।" ଆଉ ତେଣେ ଲାଞ୍ଜିଆ ଭଉଣୀ ବି ସେହି ଅର୍ଥରେ କଥା କହେ । ଏ ଦେହ ଈଶ୍ୱର ସୃଷ୍ଟ, ଯାକୁ କିହିଁ ମୋହଗ୍ରସ୍ତ ହେଲାଭଳି କରୁ ନାହିଁ । ଉଭୟଙ୍କ ଅଲେଖା ଆଇନରେ ବ୍ୟଭିଚାରୀକୁ ଦଣ୍ଡ ମୃତ୍ୟୁ । ଡଂଗ୍ରିଆର ଅଣ୍ଟାର ଦି କରରେ ଝୁଲୁଥାଏ ଗୁର୍ଖାର କୁରକି ପରି ଫୁଟେ ଲେଖାଁ ଲୁହାର ବାଙ୍କଛୁରୀ ଦଟା, ଅବଶ୍ୟ ଚମଡ଼ା ଖାପରେ ପଶିଥାଏ, ମନଇଚ୍ଛା ବିଜୁଳି ବେଗରେ ବାହାରିପାରେ । ସଓରାର ଧନୁଶର, ଉଭୟଙ୍କ କାନ୍ଧରେ ଟାଙ୍ଗିଆ । ଉଭୟେ ବିଶ୍ୱାସ କରନ୍ତି ପରର ସ୍ତ୍ରୀ, ପରର ଜମି, ପରର ସଂପତ୍ତିକୁ ଅନାଇବା ହିଁ ଅନ୍ୟାୟ । ସେହିପରି ନିଜର ଅଧିକାର ଉପରେ ପରର କୌଣସି ପ୍ରକାର ହସ୍ତକ୍ଷେପ ଦୁର୍ବିସହ, ଅଧିକାର ଉପରେ ଆକ୍ରମଣ କଲେ ତାର ଉତ୍ତର ମୃତ୍ୟୁଦଣ୍ଡ । ଏକ ସଲପ ଗଛ କି ମହୁଲ ଗଛ, ପାହାଡ଼ ଉପରର ଜମି ଚେନାଏଁ, ବେଳେବେଳେ ଏହି ହୁଏ ହଣାହଣି ହେବାର କାରଣ । ପର୍ବତ ଉପରେ ରହୁଥିବା ଏ ଦୁଇ ପୃଥକ୍ ଅଞ୍ଚଳରେ ପୃଥକ୍ ଗୋଷ୍ଠୀର ମଣିଷଙ୍କ ସାମଞ୍ଜସ୍ୟର ବିଷୟମାନ ଭାବି ଦେଖିଲେ ଲାଗେ, ବୋଧହୁଏ ମନୁଷ୍ୟଜାତିର ଆଦିମ ଅଜ୍ଞାତରେ ମନୁଷ୍ୟ ଯେତେବେଳେ ପ୍ରଥମେ ସମାଜ ଗଢ଼ିଲା ସେତେବେଳେ ଏଇ ଦୁଇ ବିସଦୃଶ ଗୋଷ୍ଠୀ ଭିତରେ ମିଳୁଥିବା ସାମଞ୍ଜସ୍ୟମାନହିଁ ସମାଜ ଗଠନ କ୍ରିୟାର ପ୍ରଥମ ପାଦ । ଜଣେ ବ୍ୟକ୍ତି ଏକ ସମାଜର "ସଭ୍ୟ" ହେବା ପୂର୍ବରୁ ବ୍ୟକ୍ତିତ୍ୱର ନିମ୍ନତମ ଆକୁଞ୍ଚନ ଏହି ଅଧିକାର ବୋଧରେ ଯେ "ତୁମର ଯେତିକି, ମୋର ଏତିକି, ଏତିକି ନ ମାନିଲେ ରକ୍ତପାତ ଓ ଲୋକକ୍ଷୟ ।" ଗୋତ୍ର ବିଶ୍ୱାସ, ସଗୋତ୍ରରେ ବିବାହ ନିଷେଧ—ଅନ୍ୟାନ୍ୟ ଆଦିମଜାତିର ଜନଗୋଷ୍ଠୀଙ୍କ ପରି ଡଂଗ୍ରିଆ ଓ ଲାଞ୍ଜିଆ ଉଭୟେ ଏ ଆଚାର ମାନନ୍ତି । ଉଭୟଙ୍କ ଯୌନ ଆଚାର ପ୍ରାୟ ଲୋକାଳୟ ବାହାରେ ହିଁ ଘଟେ, ଆବଦ୍ଧ ଗୃହରେ ନୁହେଁ । ଉଭୟେ ମୁକ୍ତ ପ୍ରକୃତିପ୍ରେମୀ, ଉଭୟଙ୍କ ବିବାହ ପଦ୍ଧତିରେ କନ୍ୟାକୁ ତାର ଜାତି କୁଟୁମ୍ବଙ୍କୁ କନ୍ୟା ମାଗି ନେବାର ବିଧି ଥିଲେହେଁ କନ୍ୟାର ପୂର୍ବ ସମ୍ମତିକ୍ରମେ ତାକୁ ବଳେ ବଳେ ଘେନିଯିବାର ବିଧି ବି ଅଛି । ଉଭୟଙ୍କ ଗ୍ରାମ ସମାଜରେ ଏକ ମୁଣ୍ଡିଆଳ, ସଓରାର ଗମାଂ ବା କନ୍ଧର ମାଝିଁ ପ, ଉଭୟଙ୍କର 'ଜାନି' ବା ଦେବପୂଜକ, 'ଉସାରି' ବା ସିଦ୍ଧାନ୍ତୀ, ବେଜୁଣୀ ବା କାଳସୀ । ତା ଛଡ଼ା ବାହାର ଦୁନିଆ ସଙ୍ଗେ ସମ୍ବନ୍ଧ ରକ୍ଷା କରିବା ଲାଗି ମଧ୍ୟସ୍ଥ ସ୍ୱରୂପରେ ଏକ ଡମ୍ବ ଜାତିର ବା ପାଣ ଜାତିର (ଉଭୟେ ଏକ ଡମ୍ବ ବା ପାଣ) ଲୋକ, ଯାହାକୁ କନ୍ଧ କହନ୍ତି ବାରିକ, ସଓରା କହେ 'ପେସିନ' । ପଦା ଲୋକ ସଙ୍ଗେ ଯାହା କିଛି କଥାଭାଷା ହେଲେ ଆଗ ଏହି ମଧ୍ୟସ୍ଥ ଦରକାର । ଉଭୟେ ବିଶ୍ୱାସ କରନ୍ତି ଏ ସଂସାରର ସ୍ରଷ୍ଟା ଏକ ବଡ଼ ଦେବତା । ସଓରାର ଏ "କିା ତୁ", କନ୍ଧର "ଏଟେ ଦରମୁ" ଧର୍ମଦେବତା । କେବେ କିଛି ନୂଆ ଖାଇଲେ ଆଗ ତାଙ୍କୁ ପୂଜା ଦିଆହୁଏ । ଧାନ, ମୁଆଁ, ନୂଆ ଖାଇଲାବେଳେ ସଓରାର "କୁଣ୍ଡେମ୍ପିର୍' ପର୍ବ, କାନ୍ଦୁଲ ନୂଆ ଖାଇଲା ବେଳେ ସଓରାର 'ମେରିଆପିର୍' ପର୍ବ, ମହୁଲ ନୂଆ ଖାଇଲା ବେଳେ ସଓରାର 'ତୈତ୍ରସାଇ' ପର୍ବ, ଆମ୍ବ ଟାକୁଆ ନୂଆ ଖାଇଲା ବେଳେ 'ଟାଙ୍କୁ ପିର୍' ପର୍ବ । କନ୍ଧର ବି ପ୍ରତି ଶସ୍ୟ ନୂଆ ଖାଇଲା ବେଳେ ପର୍ବ । ଦେବତାଙ୍କୁ କୃତଜ୍ଞତା ଜ୍ଞାପନକଲେ ନୂତନ ଶସ୍ୟ ଭୋଗ ଉପଲକ୍ଷେ ପର୍ବ ସବୁ ଆଦିମ ମନୁଷ୍ୟଗୋଷ୍ଠୀରେ ପ୍ରଚଳିତ ଅଛି । ଉଭୟଙ୍କର ଗ୍ରାମଦେବତା; କନ୍ଧର ଝାଙ୍କର୍, ସଓରାର "ପ୍ୟୋ ପ୍ୟୋ-ବଇ' ଅର୍ଥାତ୍ 'ବୁଢ଼ୀମା' । ଏ ଦେବତା ପ୍ରତିଷ୍ଠା ନହେଲେ ଗାଁ ବସି ନ ପାରେ । ମହୁଲପ୍ରିୟ ଚୈତ୍ରରେ ଉଭୟଙ୍କର ବଡ଼ ମଉଜ, ନାଚ ଗୀତ ବାଜା । ବୃତ୍ତିରେ ଉଭୟେ ଆହରଣକାରୀ, ଶିକାରୀ ଓ

ପକ୍ଷୀ । ଖାଦ୍ୟରେ ବିଶିଷ୍ଟ ପାର୍ଥକ୍ୟ ଅଛି । ଡଙ୍ଗରିଆ ଅଧିକ ମାଂସପ୍ରିୟ । ସେ କଞ୍ଚା ମାଂସକୁ ଘରେ ସାଇତି ରଖି ସଡ଼ି ଯାଇଥିବା ମାଂସକୁ ବି ଖାଏ । ଲାଞ୍ଜିଆ ସଓରା ବେଶି ଖାଏ ବଣର ଶାଗ ଓ କନ୍ଦା । ହାଣ୍ଡିଏ ଶାଗରେ ମୁଠିଏ ଗୁଡ଼ଲ ହେଲେ ତାର ଚଳେ । ସଲପ ଗଛର ରସକୁ ଠେକି ବସାଇ ସେ ଧରେ । ସଲପ ରସ ଗଛରେ ମଦ ହୋଇଯାଏ । ଲାଞ୍ଜିଆର ଅତି ପ୍ରିୟ ନିଶା ସେ, ବଡ଼ି ଅନ୍ଧାରୁ ଥରେ, ଦି ପହରେ ଥରେ, ସଞ୍ଜରେ ଥରେ ଏହିପରି ଦିନକୁ ତିନିଥର ସେ ସଲପ ଗଛରେ ଚଢ଼ି ସଲପ ମଦ ପିଏ । ଉଭୟ ଗୋଷ୍ଠୀର ପୁରୁଷ ନାକରେ ନୋଲି ନାଆନ୍ତି, ହାତରେ ବଳା ପିନ୍ଧନ୍ତି, ସ୍ତ୍ରୀ ପୁରୁଷ ଉଭୟେ ରଙ୍ଗ ରଙ୍ଗର ମାଳି ପିନ୍ଧନ୍ତି । ଡଙ୍ଗରିଆର ବିଶେଷତ୍ୱ ସେ ନାକଦଣ୍ଡି କଣା କରି ଦି ନାକପୁଡ଼ାତଳେ ନିଶ ଉପରେ ହାଡ଼ର କି କାଠର ଏକ କାଠି ନାଏ । ଲାଞ୍ଜିଆ ସ୍ତ୍ରୀଲୋକେ ତାର ତଳ କାନ କଣା କରି ଏକ ସରୁ କାଠି ନାଏ । ଧୀରେ ଧୀରେ ଆହୁରି ମୋଟ କାଠି ଆହୁରି ମୋଟ କାଠି ଗଳେଇ ଗଳେଇ ଶେଷରେ ଗୃଖଣ୍ଡେ ଓସାର କାଠ ଚକି ସେ କଣାରେ ପୂରାଏ । ସେ କଣା ଏଡ଼େ ବଡ଼ ହୋଇଯାଏ ଯେ କାଠି କାଢ଼ି ନେଲେ ତା ଦି' କରେ ସରୁ ପଇତାପରି ଚମ ଓହଳି ପଡ଼େ, ସେ କଣାରେ ଛ ଇଞ୍ଚ ଲମ୍ବା ଏକ ଗୋଜିଆ ପିତଳ ଗୋବା ସେ ନାଏ । ମୁଣ୍ଡବାଳ ସହିତ ସେ ବନ୍ଧା ହୋଇଥାଏ । ଉଭୟଙ୍କ ସ୍ତ୍ରୀଲୋକ ଚିତା କୁଟିଥାନ୍ତି ।

କିନ୍ତୁ ସ୍ତ୍ରୀଲୋକଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ଏ ଦୁଇ ଲାଞ୍ଜିଆଙ୍କର ଭିନ୍ନ । ଡଙ୍ଗରିଆ କନ୍ଧ ସାଧାରଣତଃ ଗୋଟିକରୁ ବେଶି ବିଭା ହୁଏ ନାହିଁ । ଲାଞ୍ଜିଆ ସଓରା ସାଧାରଣତଃ ଯୋଡ଼ିକରୁ ବେଶି ବିଭା ହୁଏ । ଏପରିକି ଜଣେ ଜଣେ ପୁରୁଷରେ ଛ ଜଣ, ଆଠଜଣ ସ୍ତ୍ରୀ ଥିବାର ଦେଖାଯାଏ । ସାଧାରଣତଃ ପୁରୁଷ ଅତି ଓଜନ କାମ କରେ, ସଲପ ପିଏ ଓ ଅଳସ କରେ । ତାର ସ୍ତ୍ରୀମାନେ ତାଠୁ ବେଶି ପରିଶ୍ରମୀ । ସେମାନେ କୋଡ଼ର୍କରେ ମାଟି ଖୁଡ଼ନ୍ତି, ତା'ପର ସବୁ କାର୍ଯ୍ୟ ଆପେ କରନ୍ତି, ତାର ସେବା କରନ୍ତି । ସ୍ତ୍ରୀ ସତେ କି ତାର ସମ୍ପତ୍ତି, ଗୁହାଳରେ ତିନିହଳ ଗୋରୁ ଥିଲେ, ଘର ପଛରେ ତିନିହଳ ସ୍ତ୍ରୀ ଥିଲେ କାର୍ଯ୍ୟରେ ଆସିବେ, ସେ ବସିଥିବ, ସଲପ ପିଉଥିବ, ସେମାନେ ପରିଶ୍ରମ କରୁଥିବେ । ଡଙ୍ଗରିଆର ସ୍ତ୍ରୀ ସମ୍ଭବତଃ ବେଶି ସମ୍ମାନ ପାଏ ।

ଭୂମି ବିଷୟକ ସ୍ୱଭାବରେ ବି ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ ସଓରାଙ୍କ ଭିତରେ ପାର୍ଥକ୍ୟ ଦେଖାଯାଏ । ଡଙ୍ଗରିଆ କନ୍ଧର ଜମିରେ ଏକା ତାର ନୁହେଁ ତାର ସଗୋତ୍ର ସମସ୍ତଙ୍କର ସ୍ୱତ୍ୱ, ତାର ଗୋତ୍ରର ଲୋକେ ଯେ ଯେଉଁଠି ଥାଆନ୍ତୁ ପଛେ । ସେ ଅନ୍ୟ ଗୋତ୍ରର ସବୁଲୋକଙ୍କୁ ଡକାଇ ତାଙ୍କର ମତ ନେବ । ଲାଞ୍ଜିଆ ସଓରାର ସେପରି ପ୍ରଥା ନାହିଁ । ଡଙ୍ଗରିଆ କନ୍ଧର ସାମାଜିକ ଜୀବନରେ କୋଠ ରହଣିର ପ୍ରାଧାନ୍ୟ ବେଶି ଦେଖାଯାଏ । ଲାଞ୍ଜିଆ ସଓରା ସମ୍ଭବତଃ ତା ତୁଳନାରେ ଆହୁରି ଆଧୁନିକ । ତା ସମାଜରେ କର୍ମକାଣ୍ଡ ବେଶି, ଗାଁରେ ସେ ଘର କରେ ସତ, କିନ୍ତୁ ତାର ସ୍ୱଭାବରେ ଯେପରିକି ଏକୁଟିଆ ଏକୁଟିଆ ଭାବ । ପର୍ବତ ଉପରେ ଥିବା ତାର ଜଣ ଜଣକିଆ ଚାଷ କୁଡ଼ିଆରେ ହିଁ ସେ ବେଶି ସମୟ କଟାଏ । ସେଠି ସେ ପାହାଡ଼ ଲଣ୍ଡା କରି ସାରି ପାହାଡ଼ ଦାଢ଼ରେ ବନ୍ଧ ବାନ୍ଧିଥିବ, ଯେପରି ବର୍ଷାରେ ମାଟି ବୋହି ନଯିବ । ତଳକୁ ତଳ ପାହାଚ ହୋଇ ଏହିପରି ଅନେକ ଅଧାକାନ୍ଥିଦ୍ୱାରା ତାର ପାହାଡ଼ ଭୂଇଁ ସୁରକ୍ଷିତ । ସେଇଠି ତାର ସ୍ତ୍ରୀମାନେ, ଦିହଳ କି ତିନିହଳ କି ଆଠଜଣ, ତାର କୁକୁର, ଫସଲର ଗହଳି ଭିତରେ ତାର ଶ୍ରେଷ୍ଠ କୁଡ଼ିଆଟି, ଆଉ ସେଇଠି ତାର ଧନୁଶର, ବନ୍ଧୁକ ଓ ସାରଙ୍ଗି । ରହଣିରେ ସେ ବେଶି ବ୍ୟକ୍ତିଗତ ସ୍ୱଚ୍ଛନ୍ଦ୍ୟପ୍ରିୟ, ଯଦିଚ ଦଳରେ ତାର ବହୁତ ମେଣ୍ଟ । ଅନ୍ୟାନ୍ୟ ଆଦିବାସୀଙ୍କ ପରି ସେ ବି ସେପରି ଯେ ଜଣେ ଯେଉଁ ବାଟେ ଯିବ ସମସ୍ତେ ଠିକ୍ ସେହି ବାଟେ

ଯିବେ ଏବଂ ତାର ବି ଗୋଷ୍ଠୀଗତ ନାଚ, ଗୋଷ୍ଠୀଗତ ଯାତ୍ରାପର୍ବ ଅଛି । କିନ୍ତୁ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟପ୍ରିୟତା ଯୋଗୁଁ ସେ ଯେପରି କି ବେଶି ମନୁଆଁ, ହିତ ପାଖେ ଥାଇ ଧରି ନ ଦେଲା ଭଳି ଜଣାଯାଏ । ମନ ଖୋଲି କଥା କୁହେନାହିଁ କିବାପରି । ଯେତେବେଳେ ଦେଖିଲେ ତାଂ ବାଟେ ସେ ଏକ ମାୟାବୀ । ଅଇଛି ଦେଖିଲି ବେଳକୁ ହାତ ଗୋଟାକର ଗହଳି, ଆଉ ଟିକିଏ ପରେ କେହି ନାହାନ୍ତି, ଯେଝା ଯେଝା ଚାଷ କୁଡ଼ିଆକୁ ଗଲେଣି ।

ସଭ୍ୟତାର ବିବର୍ତ୍ତନ ଦିଗରୁ ଲାଞ୍ଜିଆ ସଉରା ଡଂଗ୍ରିଆ କନ୍ଧଠୁଁ ଆହୁରି ପରବର୍ତ୍ତୀ । ଯେପରି ଡଂଗ୍ରିଆର ପାଞ୍ଚକଣାବିଶିଷ୍ଟ ବଇଁଶି ଅପେକ୍ଷା ସଉରାର ତାରଯନ୍ତ୍ର ଆହୁରି ପରବର୍ତ୍ତୀ, ତାର "ଟେଁ ଏଁ ଲ୍"ରେ ତି ସ୍ୱର ବନ୍ଧା ହୋଇଛି । ଲାଞ୍ଜିଆ ସଉରାଙ୍କ ବର୍ଷଯାକର ବୃତ୍ତି ନିର୍ଘଣ୍ଟ ବି ଏକ ପ୍ରକାର, ବନ୍ଧାଗତ ।

ଜାନୁଆରୀ—ଜୋଣା ଓ କାନ୍ଦୁଲ ଅମଳ ।

ଫେବୃଆରୀ—ବିବାହ ଓ ପିଣ୍ଡଦାନ ।

ମାର୍ଚ୍ଚ—ଜୋଣା କାନ୍ଦୁଲ କ୍ଷେତରେ ଖୁଣ୍ଟାରେ ନିଆଁ ଲଗେଇବା, ଜମି ତିଆରି । ମହୁଲ ଓ କରଞ୍ଜଫଳ ଗୋଟାଇବା, ବିକିବା ।

ଅପ୍ରେଲ—ଜମିରେ ଖୁଣ୍ଟାମାଡ଼ି ଗାତ କରି ଯୋଡ଼ା ଯୋଡ଼ା କରି କାନ୍ଦୁଲ ମଞ୍ଜି ପୋତିବା, ତା ପୂର୍ବରୁ କାଳି ମଞ୍ଜି ପୋତିବା ।

ମଇ—ଜୋଣା, କାଂଗୁ, କୋଶଳା ଅମଳ । ଏସବୁ ବିହନ ଏକାଠି ମିଶା ହୋଇ ବୁଣା ହୋଇଥାଏ । ଏତେବେଳେ ଲାଞ୍ଜିଆ ପାହାଡ଼ରେହିଁ ଥାଏ ।

ଜୁନ୍, ଜୁଲାଇ, ଅଗଷ୍ଟ—ଧାନରୁଷ । ପାହାଡ଼ରେ କିଛି କାମ ନାହିଁ । ଡଂଗ୍ରିଆ ଯଦି ମେଘ ତୁଡ଼ୁ ପଡ଼ ଜୁଡ଼ୁ ଜୁଡ଼ୁ ତା' ହେଲେ ଉଲ୍ଲାସ ହୁଏ । ଲାଞ୍ଜିଆ ସଉରା ବରଷାଧାରକୁ ଡରେ ।

ସେପ୍ଟେମ୍ବର—ପାହାଡ଼ କାମ ଆରମ୍ଭ, ଜୋଣା କାନ୍ଦୁଲ କ୍ଷେତର ଘାସ ଉପୁଡ଼ା ।

ନଭେମ୍ବର—ସେହି କାମ । ତା ଛଡ଼ା ଧାନ ଜମିରୁ ଘାସ ଉପୁଡ଼ା ।

ଡିସେମ୍ବର—ଧାନ ଅମଳ, ପର୍ବତରେ କ୍ଷେତ ଜଗା । ଦିନଯାକ ପାହାଡ଼ରେ । ସଞ୍ଜକୁ ଦେଖାଯାଏ ସ୍ତ୍ରୀଲୋକମାନେ ଦଳ ଦଳ ହୋଇ ଗାଁକୁ ଲେଉଟୁଛନ୍ତି । ଟୋକି ଗୁଣ୍ଡିରେ ଯାକଛନ୍ତି ଗୋଟିଏ ଗୋଟିଏ କୁକୁରଛୁଆ । ସେମାନେ କହନ୍ତି, ମୂଳରୁ ଅଭ୍ୟାସ ନ କରାଇଲେ କୁକୁରଛୁଆ ବଡ଼ ହେଲେ କେମିତି ବାଟ ଚିହ୍ନିବ ? ତାର କାମ ଚିହ୍ନିବ ?

ବେଶ୍, ସବୁଥିକୁ ଯୁକ୍ତି, ସବୁଥିରେ ପଦ୍ଧତି ଓ କର୍ମକାଣ୍ଡ, ଏମିତି କରିବ, ଏମିତି କରିବ ନାହିଁ, ଏଇଆ କରିବ, ଏଇଆ କରିବ ନାହିଁ । ଡଂଗ୍ରିଆ ସ୍ତରରୁ ଲାଞ୍ଜିଆ ସଉରାର ସ୍ତର ବହୁତ ପାହାଚ ଆଧୁନିକ ସମୟ ଆଡ଼କୁ ଲମ୍ବି ଆସିଛି । କିନ୍ତୁ କଣ ହୋଇଛି ? ଜୀବନର ମୁକ୍ତ ଆନନ୍ଦ ବୈଦିକ ଯୁଗର ଉଲ୍ଲାସ ଓ ଉଚ୍ଛ୍ୱାସ ଯେପରି କି ହ୍ରାସ ହୋଇଯାଇଛି ବହୁ ଗୁଣରେ ! ଗଛପଥର ସବୁଠି ଭୂତଭୟ 'କୋଲବା', ତାକୁ ଶାନ୍ତ କରିବାକୁ ବଳି ଦେଉ ଦେଉ ପାଣ୍ଠି ଶେଷ । ବ୍ୟକ୍ତିଗତ ଆନନ୍ଦ କରୁ କରୁ ସବୁବେଳେ ସଲପ ପିଇ ନିଶାରେ ଟଳିର । ଏଣେ ଭାରିଯା ଯେ ଜଣକେ ପାଞ୍ଚସାତ । ନାରୀ ସ୍ୱାଧୀନା ସଙ୍ଗିନୀ ହେବା ପରିବର୍ତ୍ତେ ଖାଲି ଭୋଜ୍ୟ ପଦାର୍ଥ, ତା ଉପରେ ଦାସତ୍ୱର ଜୁଲମ ଅଧିକ । ଦେହ ସଜେଇବାକୁ ଯତ୍ନ କରୁ କରୁ ତାର ସୁନ୍ଦର ରୂପ ବିକୃତ କରାହେଉଛି ଚିତା କୁଟି କୁଟି । ପୁଣି ତାର ତଳ କାନକୁ କଣା କରି ଫରକଟେଇ ଏପରି କରି ଯେପରି କି ଖୋଲା ଥିଲେ ବଲୁଆ ନ ହେଲେ ବି ବଲେଇ ତ ନିଶ୍ଚୟ ତହିଁରେ ପଶି ପଳେଇବ । ଆଉ ପାହାଡକେ ସେ ତଳକୁ

ଓହ୍ଲାନ୍ତି । ବବ୍‌ଡ଼ ହେଆର, ଚସ୍ମା ଆଖିପତା, ନକଲି ଦାନ୍ତ, ପୁରୁଷ ଭଦ୍ର ହେଉ ହେଉ ବେଳ ଚାଲିଯାଏ । ମାଟି ସରାରେ ଥିର ପାଣିକି ଦର୍ପଣ କରି ତହିଁରେ ଆପଣା ମୁଖଶ୍ରୀ ଦେଖି ଦେଖିକା ଗୋଟିଏ ଧାନଟିଏ ଧରି ତହିଁରେ ଆପଣାର ପ୍ରତ୍ୟେକ ନିଶକୁ ଚିପିଧରି ଗୋଟି ଗୋଟି କରି ସେ ଆପଣା ମୁଞ୍ଛମାନଙ୍କର ମୂଳୋତ୍ପାଟନ କରେ । ନିଶ ଗଜୁରୁ ଗଜୁରୁ ସେ ତା ଆରମ୍ଭ କରି ଅଭ୍ୟାସ କରି ନେଇଥାଏ । ତେଣୁ ତାହା ବିଶେଷ କଷ୍ଟ ଦିଏ ନାହିଁ । ଏଣେ ଆପଣା ହାତରେ ଆପଣା ମୁଞ୍ଛ ଉପାଡ଼ୁ ଉପାଡ଼ୁ ଯାଉ ଛତ ସକାଳ ଗୋଟାକ, ସ୍ତ୍ରୀ ଲୋକମାନେ ଯିବେ ପର୍ବତକୁ ହଳ କରି । ଲାଞ୍ଜିଆଭାଇ ନିର୍ବିକାର । ତାର ସଲପ ମନ୍ଦକ ଭଣା ପଡ଼ିଲେ ସେ ପାଗଳ । ବାପ ଯଦି ଠେକା ବସେଇଥିବ ପୁଅ ପିଇଦେବ, ତେବେ ବାପ ତା ପୁଅ ବେକଟା ଉଡ଼ାଇ ଦେବା ଘଟଣା ବି ବିରଳ ନୁହେଁ । ତା ଛଡ଼ା ତୋଳେ ମଦ ପିଇ ସଲପ ଗଛରୁ ଓହ୍ଲାଉ ଓହ୍ଲାଉ ଗଛରୁ ପଡ଼ି 'କୋଲ୍‌ବା" ରେ ରୂପାନ୍ତରିତ ହେବା ଅତି ସାଧାରଣ କଥା । ତା ପରେ ବନ୍ଧୁ କୁଟୁମ୍ବ ସେ ପ୍ରେତାତ୍ମାର ବିଦାୟ ଉଦ୍ଦେଶ୍ୟରେ ଆକାଶକୁ ବନ୍ଧୁକୁ ମୋହିଁ ଗୁଳି ଫୁଟେଇବେ; ଗଲା ତ ଗୋଟାଏ ଜନ୍ମ ଶେଷ; ଆଉ ପୁନର୍ଜନ୍ମ ନାହିଁ । ଆପେ ଆପଣା ଖିଆଲ ଧରି ଦିନ କାଟୁ କାଟୁ ବ୍ୟବସାୟ ବୁଦ୍ଧି ଚାଳନା କାର୍ଯ୍ୟ ଡମ୍ଭ ସେସିନ ଉପରେ ନ୍ୟସ୍ତ । ସେ ଯାହା ବୁଝେଇଲା, ଯେଉଁବାଟେ ଆଡ଼େଇଲା ପଛେ । ପିତୃପୁରୁଷଙ୍କ ଉପଲକ୍ଷେ ମଇଁଷି ହାଣିବାର ଯେଉଁ କୁସଂସ୍କାର ତା ଯଦି ଛୁଟେ, ତେବେ ସେସିନର ଲାଭ ନାହିଁ । ମଇଁଷି ହଣା ହେଲେ ମାଂସରୁ ତ ସେ ଭାଗ ପାଇବନିଁ ଚାଲ ବି ନେବ । ମଇଁଷି କାଣେଇ ଦେଇ ଲାଞ୍ଜିଆଠୁ ଓ ସାଉକାରଠୁ ଉଭୟ ଆଡ଼ୁ ପୁରସ୍କାର ପାଇବ । ସଂସ୍କାର ଓ କର୍ମକାଣ୍ଡ ଜାଲରେ ପଡ଼ି ଲାଞ୍ଜିଆ ପର ଖୋଇବାକୁ ଖଟିବା ଲାଗି ଏକ କଳ ହୋଇଛି । ପର୍ବତ ପ୍ରମାଣେ ଶସ୍ୟ ଉପୁଜାଇ କି ସ୍ତ୍ରୀ କି ପୁରୁଷ ସମସ୍ତଙ୍କ ଆଙ୍ଗୁଠି ମୋଟା ମୋଟା, ହାତ ଛିଣ୍ଡି । କିନ୍ତୁ ଫସଲଟିକ ଗଡ଼ି ଆସୁଛି ସାହୁକାର ଗୋଦାମକୁ । ମଇଁଷିର ମୂଲ, କରଜର ସୁଧ, ସାହୁକାର ବି ସଉଦା ସହିତ 'ଗଣ୍ଡି' ବା ମୈତ୍ର ବସିଛି । ମଇତ୍ର ବସିଲେ ସଓଦା ଯେତେ ଥର ସାହୁକାର ମଇତ୍ରକୁ ସଖୋଳିବାକୁ ଆସିବ, ସେତେଥର ଭାର ଭାର ଶସ୍ୟ ଆଣି ଗଦା କରିବ । ମଇତ୍ର ଘରେ ମାଛ, ମାଂସ ସେ ଖାଇବ ନାହିଁ । ତେଣୁ ସେ କୁଣିଆକୁ ଚଳେଇବା ଅତି ଶସ୍ତା । ମାଣ୍ଡିଆ ଜାଉ ଟିକିଏ, ଗୁଣୁପୁରରେ ସିନେମାରେ ଚଟାଣଉପରେ ବସିବାପରି ଖଣ୍ଡେ ଦିଅଣିଆ ଟିକଟ, ଗଡ଼୍ ପରମ ପରିତୃପ୍ତ, ପୁଣି ଆଉ ଥରକୁ ସେ ତିରିଶି ଟଙ୍କା ମୂଲ୍ୟର ଦୁଇଭାର ହରଡ଼ ହେଲେ ଆଣି ବନ୍ଧୁଘରେ ଅଜାଡ଼ିବ । ଅନେକ କୁମୁଟି ପୁଞ୍ଜା ପୁଞ୍ଜା ସଓଦା ମଇତ୍ର କରିଛନ୍ତି । ଏ ବି ଖୁବ ଭଲ ବେଉସା । କିନ୍ତୁ ବେପାରୀ ମଇତ୍ର ସୁଧ ନିଏ କିପରି । ଟଙ୍କାକୁ ଖୁବ୍ କମରେ ସୁଧ ମାଗେ, ଅର୍ଥାତ୍ ୩ ସେର ଫସଲ । ସୁଧ ଚାଲେ ଚକ୍ରବୃଦ୍ଧିକ୍ରମରେ । ଏପରି କି ଉଦାହରଣର ସମ୍ବାଦ ମିଳେ ଯେ କି କେବେ ୨ ଅଡ଼ା ଚାଉଳ ନେଇଥିଲା ( ୬ ପା ) ବର୍ଷକୁ ବର୍ଷ ତା ଉପରେ ସୁଧ ଦେଉ ମହଣ !!! ଡଙ୍ଗରିଆ କନ୍ଧର ବେଶି କରଜ ନାହିଁ । ସେ ଶସ୍ତାରେ ବିକି ଦିଏ । କାରଣ ସେ ପଇସାର ମୂଲ୍ୟ ବୁଝେ ନାହିଁ । ତା ପାଖେ ବେଭାର ପ୍ରାୟ ବଦଳଦ୍ୱାରା । ତା ଛଡ଼ା ସେ ସହରିଆ ଜାଗାରେ ଜିନିଷ କିଣିବାକୁ ଗଲେ ବହୁତ ଠକେଇରେ ପଡ଼େ । ପାହାଡ଼ ଉପରେ ଆପଣା ଗାଁରେ ସେତେ ମଉଆଳ ନ ଥାଏ । ଅନେକ ବି ଅଛନ୍ତି, ବେଶି ଧୂଆଁପତ୍ର ବି ଛୁଅନ୍ତି ନାହିଁ । କେବଳ ସେ ଯେତେବେଳେ ତଳକୁ ଓହ୍ଲାଏ ସେତିକିବେଳେ ମଦ ବିକ୍ରେତାଙ୍କ ହାବୁଡ଼େ ପଡ଼ି ପିଉ ପିଉ ବହୁତ ପିଇଯାଏ ଓ ତେଣୁ ଜୁବେ ଆଦି ପର୍ବରେ ତାର ବେହାଲ ଅବସ୍ଥା ଦେଖି ତଳଦେଶର ଲୋକ ଭୁଲରେ ଭାବନ୍ତି ସେ ଭାରି ମଦୁଆ ଓ ଶୋଷଣ ହୋଇଥିବ । ଆଦିମ ସ୍ୱାଧୀନ ଜୀବନର ବହୁତ ସ୍ୱାତନ୍ତ୍ର୍ୟ ବହୁତ ଆନନ୍ଦ ଉଲ୍ଲାସ ତାଁଠି ଅଛୁଟ ରହିଛି, ଯାହାକୁ

ଆଧୁନିକତା ଗ୍ରାସ କରି ପାରିନାହିଁ । ଚିନ୍ତାରେ ଓ ସଂସ୍କାରରେ ଲାଞ୍ଜିଆ, ସଉରା ଆଡ଼କୁ ମାଡ଼ି ଆସିଛି । କିନ୍ତୁ ଏଭଳି ଏକ ସଂକଟମୟ ପରିସ୍ଥିତି ଆଦରି ନେଇଛି ଯେଉଁଠି, ସେ ଯୁଗ ଯୁଗ ବନ୍ଦୀ । ଯୁଗ ଯୁଗ ଶୋଷିତ । ଏପରି କି ଯେଉଁଠି ତାରି ଜାତିର ଲୋକ କେଉଁଠି ଲାଞ୍ଜ ଛାଡ଼ି ଲୁଗା କାମିଜ୍ ପିନ୍ଧି ସାମାନ୍ୟ ପାଠ ପଢ଼ି ସଭ୍ୟ ହୋଇଛନ୍ତି, ସେମାନେ ବି ତାର ଶୋଷକ । ସଭ୍ୟତା ବିବର୍ତ୍ତନରେ ଗଡ଼ି ଆସୁ ଆସୁ ଠାଏ ଅଟକି ଯାଇଛି, କ୍ରମେ ଏହା ଭାଙ୍ଗିଯିବ । ଏ ଲାଞ୍ଜ ଯେତେ ସୁନ୍ଦର ହେଉ ପଛେ ଆପଣାର ସଂସ୍କୃତି ପାଇଁ ତାକୁ ଛାଡ଼ିବାକୁ ପଡ଼ିବ, ମଦ୍ୟପାନ ଯେତେ ଆଜ୍ଞାନୁବର୍ତ୍ତୀ ହେଉ । ସେ ତାକୁ ଛାଡ଼ି ଆପଣା ବୁଦ୍ଧି ଉପରେ ନିର୍ଭର କରିବାକୁ ପଡ଼ିବ । ଲାଞ୍ଜିଆ ସଉରା ସଂକଟ, ଏକ ମାନସିକ ସଂକଟ । ତାକୁ ଦୂର କରିବା ପାଇଁ ସାହସ, ସହାନୁଭୂତି, ଘନିଷ୍ଠ ସମ୍ପର୍କ ଓ ମାନସିକ ଉତ୍କର୍ଷ ସାଧନ ଆଗେ ଲୋଡ଼ା । କେବଳ ବୈଷୟିକ ଉନ୍ନତି ସାଧନରେ ଏ ସଂକଟ ଦୂର ହୋଇ ପାରିବ ନାହିଁ ।

# ଆଶ୍ରମ ଶିକ୍ଷା-ପଦ୍ଧତି

## ଶ୍ରୀ ଅମ୍ବାଲାଲ ପି. ବ୍ୟାସ

ଆଶ୍ରମ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆମ୍ଭମାନଙ୍କର ମନୋଭାବ ପରିଷ୍କାର କରିବାପାଇଁ ତଥା ଏ ସମ୍ବନ୍ଧରେ ଆମ୍ଭମାନଙ୍କର କର୍ମୀଗୋଷ୍ଠୀମଣ୍ଡଳୀ ଓ ଶିକ୍ଷକବର୍ଗଙ୍କ ମନରେ ଦୀର୍ଘଦିନ ଧରି ଥିବା ସନ୍ଦେହର ନିରସନ ପାଇଁ ସର୍ବୋପରି ଭୁଲ ଧାରଣାର ବଶବର୍ତ୍ତୀ ହୋଇ ବା ରାଜନୈତିକ କାରଣବଶତଃ ପକ୍ଷପାତିତା ହେତୁ ଯେଉଁମାନେ ଚତୁର୍ଦ୍ଦିଗରୁ ସମାଲୋଚନାରତ, ସେମାନଙ୍କୁ ଏକ ସନ୍ତୋଷଜନକ ଓ ଯୁକ୍ତିଯୁକ୍ତ ଉତ୍ତର ଦେବାପାଇଁ ମୋତେ ଏ ବିଷୟରେ କିଛି ଲେଖିବାକୁ ପଡୁଛି । ଆରମ୍ଭରୁ କହି ରଖେ ଯେ ଆମ୍ଭମାନଙ୍କର ପୂଜ୍ୟାସ୍ପଦ ଠକ୍କର ବାପା, ଯେ ଆଦିବାସୀମାନଙ୍କର ପରମ ବନ୍ଧୁ ଓ ଶୁଭାକାଙ୍କ୍ଷୀ-ରୂପେ ସର୍ବଜନ ପରିଚିତ ଓ ଯାହାଙ୍କ ଉଦ୍ୟମ ହେତୁ ହିନ୍ଦୁ ସମାଜର କେତେକ ସାମ୍ପ୍ରଦାୟିକ ନେତାଙ୍କ ପ୍ରବଳ ପ୍ରତିରୋଧ ସତ୍ତ୍ୱେ ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ଓ ସ୍ଥାନ ସଂରକ୍ଷଣ ହେଲା, ତାଙ୍କ ନିର୍ଦ୍ଦେଶ ଓ ପରିଚାଳନାରେ ଏ ଯୋଜନାଟି ପ୍ରସ୍ତୁତ ହୋଇଥିଲା । ତାଙ୍କ ଉଦ୍ଦେଶ୍ୟ ଓ ସର୍ବୋତ୍ସର୍ଗ ସମ୍ପର୍କରେ ସନ୍ଦେହର ଅବକାଶ ନାହିଁ ।

ମନେ ରଖିବାକୁ ହେବ ଯେ ଆଶ୍ରମ ଓ ସେବା-ଶ୍ରମମାନଙ୍କରେ ଆମ୍ଭେମାନେ ଯଥାକ୍ରମେ ପ୍ରାଥମିକ ଓ ମଧ୍ୟ-ଇଂରାଜୀ ଶିକ୍ଷା ପ୍ରବର୍ତ୍ତନ କରୁଥିଲେହେଁ, ପ୍ରକୃତ-ପକ୍ଷେ ସମସ୍ତଙ୍କ କାଳକ୍ରମ ପ୍ରାଥମିକ ଶିକ୍ଷାପାଇଁ । କାରଣ ଆଜିକାଲିକା ରୀତିରେ ପ୍ରଥମ ସାତ ବା ଆଠ ବର୍ଷ କାଳରେ ପାଠକୁ ମୌଳିକ ବା ପ୍ରାଥମିକ ଓ ତତ୍‌ପରବର୍ତ୍ତୀ ଚାରି ବା ପାଞ୍ଚ ବର୍ଷ କାଳର ପାଠକୁ ମାଧ୍ୟମିକ ଶିକ୍ଷାରୂପେ ବିବେଚନା କରାଯାଉଛି । ତେଣୁ ଯୋଜନା ପ୍ରଥମେ ପ୍ରସ୍ତୁତ ହେଲାବେଳେ ଶିକ୍ଷାର ଦ୍ୱିତୀୟ ଓ ତୃତୀୟ ଅବସ୍ଥା, ଯଥାକ୍ରମେ ମାଧ୍ୟମିକ ଓ ବିଶ୍ୱବିଦ୍ୟାଳୟ ଶିକ୍ଷା ପ୍ରତି ସ୍ୱତନ୍ତ୍ରରୂପେ ବିଶେଷ ମନୋଯୋଗ ଦିଆଯାଇ ନଥିଲା । କିନ୍ତୁ ହାଇ ସ୍କୁଲ ଓ କଲେଜମାନଙ୍କରେ ପଢୁଥିବା ଆଦିବାସୀ ଓ ହରିଜନ ଛାତ୍ରମାନଙ୍କ ଉଚ୍ଚଶିକ୍ଷା ପାଇଁ ସାହାଯ୍ୟ କରିବାକୁ ବେତନ ଛାଡ଼, ଭତ୍ତା, ବୃତ୍ତି ଓ ଏକକାଳୀନ ଅର୍ଥଦାନ ନିମନ୍ତେ ସୁପାରିଶ କରାଯାଇଥିଲା । ଏକମାତ୍ର ଏହି ଘଟଣାହିଁ ରାଜନୈତିକ କାରଣବଶତଃ ପକ୍ଷପାତ ମନୋଭାବାପନ୍ନ ସମାଲୋଚକମାନଙ୍କର ହୃଦ୍‌ବୋଧ ହେବା କଥା ଯେ ବୈଷୟିକ ଶିକ୍ଷା ପ୍ରଦାନ କରି ଆଦିବାସୀମାନଙ୍କୁ କେବଳ ସାମାନ୍ୟ କାଠକଟାଳୀ ବା ପାଣିବୁହାଳୀରୂପେ ରଖିବାକୁ ଯୋଜନାକାରୀ-ମାନଙ୍କର କଦାପି ଉଦ୍ଦେଶ୍ୟ ନଥିଲା ।

ଗତାନୁଗତିକ ପଦ୍ଧତିରେ ପ୍ରାଥମିକ, ମାଧ୍ୟମିକ ତଥା ବିଶ୍ୱବିଦ୍ୟାଳୟ ଶିକ୍ଷା ନିମିତ୍ତ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଓ ପାଠ୍ୟ ନିର୍ଘଣ୍ଟମାନଙ୍କରେ ବୁଦ୍ଧି ବିକାଶ ଦିଗରେ ଗୁରୁତ୍ୱ ଦିଆଯାଉଥିଲା ଏବଂ ହସ୍ତକୌଶଳ ଓ ହୃଦୟ ବିକାଶ ଦିଗ ଅବହେଳିତ ହେଉଥିଲା । ସର୍ବୋପରି ଏହାଦ୍ୱାରା ଏପରି ଏକ ଶିକ୍ଷିତ ବୁଦ୍ଧିଜୀବୀ ଜାତିର ସୃଷ୍ଟି ହେଲା ଯେ ସେମାନେ କେବଳ ବାକ୍-ଚାତୁରୀ ଦେଖାଇ ପାରୁଥିଲେ । କିନ୍ତୁ କର୍ମକୁଶଳତା ତାଙ୍କଠାରେ ଖୁବ୍ କମ୍ ଥିଲା । ଅବଶ୍ୟ ଦେଶରେ ପ୍ରଚଳିତ ଥିବା ବିଦେଶୀ ବ୍ରିଟିଶ ଶାସନ ପାଇଁ ଅଧସ୍ତନ କର୍ମଚାରୀ ଯୋଗାଇବା ଏହାର ମୂଳ ଲକ୍ଷ୍ୟ ଥିଲା । ଆମ୍ଭମାନଙ୍କର

ଜାତୀୟ ନେତୃବୃନ୍ଦ ସେ ଶିକ୍ଷାଦ୍ୱାରା ଉତ୍ପନ୍ନ ହୋଇ ନ ଥିଲେ । କିନ୍ତୁ ସେ ଶିକ୍ଷା ଥିବା ସତ୍ତ୍ୱେ କେତେକ ଭାରତୀୟ ବୀରପୁଙ୍ଗବଙ୍କର ବିକ୍ଷୁବ୍ଧ ହୃଦୟରେ ସେତେବେଳେ ଯେଉଁ ଅକୃତ୍ରିମ ଜାତୀୟତାର ଆନ୍ଦୋଳନ ହେଲା, ତାର ଫଳରେ ସେମାନଙ୍କର ଆବିର୍ଭାବ ହେଲା ।

ପୁରାତନ ଶିକ୍ଷା-ପଦ୍ଧତି ସବୁଦିଗରୁ ନିନ୍ଦିତ ହୋଇ ସାରିଛି । ତେଣୁ ତହିଁର ନାନା ଦୋଷଦୁର୍ଗୁଣ ସମ୍ପର୍କରେ ବିଶଦ ଆଲୋଚନା କରିବାର ଆବଶ୍ୟକତା ନାହିଁ । ଶିକ୍ଷାବିତ୍‌ମାନେ ଜନସମାଜ ପାଇଁ ଏକ ଯଥୋଚିତ ଶିକ୍ଷା-ପଦ୍ଧତି ଉପସ୍ଥାପିତ କରିବାପାଇଁ ନାନା ଆଲୋଚନା, ଚର୍ଚ୍ଚା ଓ ଉଦ୍ୟମ କରୁଛନ୍ତି । ଆମ୍ଭେମାନେ 'ସମଗ୍ର ମାନବ'କୁ ଅର୍ଥାତ୍ ତାର ମସ୍ତିଷ୍କ, ହୃଦୟ ଓ ହସ୍ତଗୁଡ଼ିକୁ ଶିକ୍ଷା ଦେବାକୁ ଚାହୁଁ । ଯୋଜନାକାରୀମାନଙ୍କ ମଧ୍ୟରୁ ଜଣେ ହିସାବରେ ମୁଁ ପରିଷ୍କାରରୂପେ କହିପାରେ ଯେ ଆଦିବାସୀ ଯୁବକମାନଙ୍କର ବୁଦ୍ଧି-ବିକାଶ ଦିଗରେ ଅବହେଳା କରିବାକୁ ବା ବଞ୍ଚିତ କରିବାକୁ ଆମ୍ଭେମାନେ ଯୋଜନାର କୌଣସି ସ୍ଥାନରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କହିନାହୁଁ ବା ପ୍ରସ୍ତାବ କରିନାହୁଁ । ମୁଁ ଏହି ଧାରାରେ ମୋର ଗୁଜରାଟସ୍ଥ ଆଶ୍ରମରେ ଛାତ୍ରମାନଙ୍କ ମଧ୍ୟରେ କାର୍ଯ୍ୟ କରି ସନ୍ତୋଷଜନକ ଫଳ ଲାଭ କରିଛି । ଆଦିବାସୀ ଯୁବକମାନଙ୍କୁ ଭାରତୀୟ ସମାଜରେ ବୁଦ୍ଧିଜୀବୀ, ଦକ୍ଷ, ନୈତିକ ତଥା ସହଯୋଗୀ ନାଗରିକରୂପେ ଉପଯୋଗୀ କରିବାକୁ ତାଲିମ ଦେବା ନିମନ୍ତେ ସମଗ୍ର ଯୋଜନାଟି ଉଦ୍ଦିଷ୍ଟ । ନିଜ ନିଜ ଗୋଷ୍ଠୀର ଅଗ୍ରଣୀରୂପେ ସେମାନେ ଯେ ଗଠିତ ହେବେ, କେବଳ ତାହା ନୁହେଁ, ଯେପରି ମନୁଷ୍ୟତ୍ୱର ପୂର୍ଣ୍ଣ ବିକାଶ ଲାଭ କରି ନିଖିଳ ଭାରତର ଜାତୀୟ ନେତୃତ୍ୱକୁ ସେମାନେ କିଛି ଦାନ କରି ପାରିବେ, ସେହିପରି ଭାବରେ ଗଠିତ ହେବା ଦରକାର । ସେଥି-ପାଇଁ କେତେକ କୃତୀ ଯୁବକଙ୍କୁ ଆଶ୍ରମ ଶିକ୍ଷା ସାଙ୍ଗକଲା ପରେ ଉଚ୍ଚଶିକ୍ଷା ନିମନ୍ତେ ପ୍ରବେଶିକା ସ୍କୁଲ, ବିଶ୍ୱ-ବିଦ୍ୟାଳୟ ତଥା ବିଦେଶ ଯାତ୍ରା କରିବାକୁ ପଡ଼ିବ । ଆଦିବାସୀମାନେ ଯେପରି ସରକାରୀ ଚାକିରୀ ଓ ଡାକ୍ତରୀ, ଓକିଲାତି ଇତ୍ୟାଦି ଶିକ୍ଷିତ ଜୀବିକାରେ ସେମାନଙ୍କର ନ୍ୟାଯ୍ୟୋଚିତ ଅଂଶ ଲାଭ କରିବେ, ସେଥିପାଇଁ ସେମାନଙ୍କୁ ଯଥେଷ୍ଟ ତାଲିମ ଦେବାକୁ ପଡ଼ିବ ।

ଏହା ଯଦି ଆମ୍ଭମାନଙ୍କର ଲକ୍ଷ୍ୟ ହୁଏ, ତେବେ ଆମ୍ଭମାନଙ୍କୁ ଶାନ୍ତ ଓ ନିର୍ମଳ ଚିତ୍ତରେ ବିଚାର କରିବାକୁ ପଡ଼ିବ କିପରି ବର୍ତ୍ତମାନର ଆଶ୍ରମ ଶିକ୍ଷା ରୂପକ ଭିତ୍ତି ଉପରେ ଆମ୍ଭେମାନେ ସେ ବିରାଟ ହର୍ମ୍ୟ କୃତିତ୍ୱର ସହିତ ନିର୍ମାଣ କରି ପାରିବା । ଆମ୍ଭମାନଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକର ପ୍ରାରମ୍ଭିକ ବିଶ୍ଳେଷଣ ପରେ ଆମ୍ଭମାନଙ୍କର ମୂଳ ପତ୍ତନଗୁଡ଼ିକ ଯେପରି ସୁଦୃଢ଼ ରହିବା କଥା, ସେପରି ରହିଲା କି ନା ତାହା ଦେଖିବାକୁ ପଡ଼ିବ ଏବଂ ଯେଉଁ ପ୍ରାଥମିକ ଶିକ୍ଷା ଆମ୍ଭମାନଙ୍କର ଆଶ୍ରମ ଓ ସେବାଶ୍ରମଗୁଡ଼ିକରେ ଦିଆ-ଯାଉଛି, ତାହା ସେମାନଙ୍କୁ ଦ୍ୱିତୀୟ ଅବସ୍ଥାର ହାଇସ୍କୁଲ ଶିକ୍ଷା ଓ ତତ୍‌ପରବର୍ତ୍ତୀ କଲେଜ ଶିକ୍ଷା ପାଇଁ ପ୍ରସ୍ତୁତ କରିବାରେ ଉପଯୋଗୀ ହେଉଛି କି ନା, ତାହା ଦେଖିବାକୁ ପଡ଼ିବ । ଏହା ଆମ୍ଭମାନଙ୍କର ଚରମ ଯୁକ୍ତିର ମେରୁଦଣ୍ଡ ସ୍ୱରୂପ ହେବା ଉଚିତ । ତିନୋଟିଯାକ ଅବସ୍ଥା, ଯଥା—ପ୍ରାଥମିକ, ମାଧ୍ୟମିକ ଓ ବିଶ୍ୱବିଦ୍ୟାଳୟ ଶିକ୍ଷା ସମସ୍ତ ପରସ୍ପର ସମ୍ବନ୍ଧଯୁକ୍ତ ହେବା ଉଚିତ । ସେ ବିଷୟରେ ଆମ୍ଭମାନଙ୍କର ଚିତ୍ତ ଅତ୍ୟନ୍ତ ନିର୍ମଳ ରହିବା ଦରକାର ।

ଏଥିପୂର୍ବେ ଏକ ନଗଣ୍ୟସଂଖ୍ୟକ ଲୋକ ପ୍ରାଥମିକ ଶିକ୍ଷା ଅତିକ୍ରମ କରି ଉଚ୍ଚଶିକ୍ଷା ପାଇଁ ଅଗ୍ରସର ହେଉଥିଲେ । ଫଳରେ ଶିକ୍ଷିତ ବେକାର ପ୍ରଶ୍ନ ଆଜିକାଲି ଯେପରି ଦିନକୁ ଦିନ ବଢ଼ି ଏକ ସମସ୍ୟାରେ ପରିଣତ ହେଲାଣି,

ସେତେବେଳେ ସେପରି ନ ଥିଲା । ଏତେକାଳ ପର୍ଯ୍ୟନ୍ତ ସମାଜର ଉପରେ ସ୍ତରସ୍ଥ ଏକ କ୍ଷୁଦ୍ରସଂଖ୍ୟକ ଲୋକ ଚାତୁରୀପୂର୍ବକ ଶିକ୍ଷା-ପଦ୍ଧତିଦ୍ୱାରା ଶାରୀରିକ ଶ୍ରମକୁ ଘୃଣା କରିବାକୁ ଶିକ୍ଷା ଦେଇ ମଧ୍ୟ ଜନ-ସମାଜରେ ସେତେବେଳେ ଚଳିଯାଉଥିଲେ । କିନ୍ତୁ ଜାତିପକ୍ଷରେ ଏହାଦ୍ୱାରା ଅଳ୍ପ କ୍ଷତି ହେଉ ନ ଥିଲା । କାରଣ ସାମାଜିକ ଜୀବନରେ ସମସ୍ତ ଆଦର୍ଶ ଏହାଦ୍ୱାରା ବିଷମୟ ହୋଇ ଉଠୁଥିଲା । ଜନସମାଜ ତଥା ବିଭିନ୍ନ ଗୋଷ୍ଠୀର ଲୋକେ ଚିନ୍ତା କରିବାକୁ ଲାଗିଲେ ଯେ ଯେଉଁମାନେ କାୟିକ ଶ୍ରମ କରୁଛନ୍ତି, ଏପରିକି ମିସ୍ତ୍ରୀ କାରିଗର ଓ ଶିଳ୍ପ ବଂଶଧରମାନେ ମଧ୍ୟ ନିକୃଷ୍ଟ ସ୍ତରର ଏବଂ ସେମାନେ ସମାଜରେ ନିକୃଷ୍ଟ ସ୍ଥାନର ଉପଯୁକ୍ତ । ଭାରତୀୟ ସମାଜ ଆଜି ମଧ୍ୟ ଏହି ଭ୍ରମ ଧାରଣାରୁ ମୁକ୍ତ ହୋଇନାହିଁ । କିନ୍ତୁ ସ୍ୱାଧୀନତା ଲାଭ ପରେ ଯେତେବେଳେ ପ୍ରାଥମିକ ଶିକ୍ଷା ଅବୈତନିକ ଓ ବାଧ୍ୟତାମୂଳକ ହେବାକୁ ଯାଉଛି ଏବଂ ଯେତେବେଳେ ସରକାର ଆଦିବାସୀ, ହରିଜନ ତଥା ଅନ୍ୟାନ୍ୟ ଅନୁନ୍ନତ ଜାତିର ଲୋକମାନଙ୍କର ଶିକ୍ଷା ନିମନ୍ତେ ବିପୁଳ ଆୟୋଜନରେ ବ୍ୟସ୍ତ, ସେତେବେଳେ ଏକ ଭ୍ରମାତ୍ମକ ଶିକ୍ଷାପ୍ରଣାଳୀ ଯଦି ସମଗ୍ର ଦେଶରେ ଚାଲେ, ତେବେ ତାହା ସମଗ୍ର ଜାତିକୁ ଏପରି ଭାବରେ ଧ୍ୱଂସମୁଖକୁ ନେଇଯିବ ଯେ ଉଦ୍ଧାର ପାଇଁ ଆଉ କୌଣସି ଉପାୟ ନ ଥିବ । ଏହି ଆପଦ ହେତୁ ଗାନ୍ଧିଜୀ ମୌଳିକ ଶିକ୍ଷା ବିଷୟ ଚିନ୍ତା କଲେ । ତେବେ ମଧ୍ୟ ସେହି ଭ୍ରମାତ୍ମକ ଆଦର୍ଶବାଦ ବିଦ୍ୟମାନ ରହିଛି । ଏହାର ଏକମାତ୍ର କାରଣ ଏହି ଯେ ଜାତିର ଜନକଙ୍କ ଭଳି ଏକ ବ୍ୟକ୍ତିଙ୍କଦ୍ୱାରା ମୌଳିକ ଶିକ୍ଷା ପ୍ରଣାଳୀ ପ୍ରବର୍ତ୍ତିତ ହେଲେ ମଧ୍ୟ ସମଗ୍ର ଜାତି ବିଶେଷତଃ ଶିକ୍ଷିତ ସମାଜ ଏହାକୁ ହାର୍ଦ୍ଦିକ ଭାବରେ ଗ୍ରହଣ କରି ନାହାନ୍ତି ବା ଏଥିରେ ଏକମତ ହୋଇ ନାହାନ୍ତି । କିନ୍ତୁ ସମସ୍ତେ ଏହାକୁ ଦୋ ଦୋ ପାଞ୍ଚ ହୋଇ ଗ୍ରହଣ କରିଥିଲେ ମଧ୍ୟ ଶିକ୍ଷିତ ବେକାର ରୂପକ ଗୁରୁତର ସମସ୍ୟା ଶିକ୍ଷାବିତ୍ ତଥା ସରକାରଙ୍କର ଚକ୍ଷୁ ଖୋଲି ଦେଇଛି ଏବଂ ପରିଣାମରେ ସମଗ୍ର ଶିକ୍ଷା-ଯୋଜନାକୁ ବୃତ୍ତିମୁଖୀ କରାଇବାକୁ ଓ ଶିକ୍ଷାନୁଷ୍ଠାନ-ମାନଙ୍କରେ ବୈଷୟିକ, କୃଷି ସମ୍ବନ୍ଧୀୟ ତଥା ଶିଳ୍ପବିଦ୍ୟା ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ଓ ମାଧ୍ୟମିକ ସ୍କୁଲମାନ ଉଦ୍‌ଘାଟନ କରି ଛାତ୍ରମାନଙ୍କର ନାନାବିଧ କୌତୁହଳ, ଆଗ୍ରହ, ଇଚ୍ଛା ଓ କ୍ଷମତାର ବିକାଶପାଇଁ ଅବାଧ କ୍ଷେତ୍ର ଛାଡ଼ି ଦେବାକୁ ପ୍ରବଳ ଉଦ୍ୟମ କରାଯାଉଛି ।

ଆମ ଆଶ୍ରମ ସ୍କୁଲମାନଙ୍କରେ ଯେଉଁ ଧରଣର ଶିକ୍ଷା ଦିଆଯିବ, ତାହା ବିଶୁଦ୍ଧ ବା ସମ୍ପୂର୍ଣ୍ଣ ମୌଳିକ ନ ହେଲେ ମଧ୍ୟ ସେହି ପ୍ରଣାଳୀ ମଧ୍ୟରୁ ସମସ୍ତ ବିଶିଷ୍ଟ ଓ ଭଲ ବିଷୟଗୁଡ଼ିକୁ ଆମ୍ଭେମାନେ ଏଥିରେ ଯୋଗ କରିଛୁ । ମୌଳିକ ପ୍ରଣାଳୀରେ କୌଣସି କାରୁକଳା ବା ଦେହ ଚାଳନ ସହିତ ସଂପର୍କ ରଖି ଜ୍ଞାନଲାଭ କରିବାକୁ ହୁଏ । କେବଳ ପ୍ରକୃତ ତାଲିମପ୍ରାପ୍ତ ଓ ବୁଦ୍ଧିମାନ ଶିକ୍ଷକଗଣ ଏ ଧରଣର ଶିକ୍ଷା ପ୍ରତି ଯଥୋଚିତ ନ୍ୟାୟ ପ୍ରଦର୍ଶନ କରନ୍ତି । ତେଣୁ ଯେପରି ସାଧୁ ଓ ବୁଦ୍ଧିମାନ ଲୋକେ ମୌଳିକ ଶିକ୍ଷକରୂପେ ତାଲିମ ପାଇବାପାଇଁ ଆକୃଷ୍ଟ ହେବେ, ସେଥିପାଇଁ ସେମାନଙ୍କୁ ଅଧିକ ଦରମା ଓ ସମାଜରେ ଅଧିକ ମର୍ଯ୍ୟାଦା ଦେବାପାଇଁ ପ୍ରବଳ ଉଦ୍ୟମ ହେବା ଦରକାର । ସେପରି ନ ହେବା ପର୍ଯ୍ୟନ୍ତ ଶିକ୍ଷାରେ ବୈଷୟିକ ଗୁରୁତ୍ୱ ଆରୋପ କରି ଏବଂ ଆମ ଶିକ୍ଷାନୁଷ୍ଠାନମାନଙ୍କରେ ଆବଶ୍ୟକୀୟ ସ୍ଥାନୀୟ କାରୁକଳାଗୁଡ଼ିକ ପ୍ରବର୍ତ୍ତନ କରାଇ ସନ୍ତୁଷ୍ଟ ରହିବା ଛଡ଼ା ଅନ୍ୟ ପନ୍ଥା ନାହିଁ । କିନ୍ତୁ ଏହି କାରୁକଳାଗୁଡ଼ିକ ମଧ୍ୟ କୌଶଳକ୍ରମେ ଶିକ୍ଷା ଦିଆଯିବା ଉଚିତ । ଭାରତ ଭଳି ଏକ ଦରିଦ୍ର ଦେଶରେ ଉତ୍ପାଦନରେ ଅବହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ । ତଥାପି କାରୁକଳାଗୁଡ଼ିକ ଏପରି ଭାବରେ ଶିକ୍ଷା ଦିଆଯିବା ଉଚିତ, ଯେପରି ଛାତ୍ରମାନଙ୍କ ମଧ୍ୟରେ ସେଥିପାଇଁ

କୌତୁହଳ ପ୍ରବୃତ୍ତି ଜାଗ୍ରତ ହେବ ଏବଂ ଜ୍ଞାନଲାଭପାଇଁ ତୃଷା ବୃଦ୍ଧି ପାଇବ । ଏହି ପ୍ରଣାଳୀରେ ଶିକ୍ଷା କେବଳ ଯେ ଆଦିବାସୀମାନଙ୍କ ମଙ୍ଗଳ ନିମିତ୍ତ ବା ତାଙ୍କ ପାଇଁ ଉଦ୍ଦିଷ୍ଟ, ଏହା ମନେ କରି ନ ଯିବା ଉଚିତ । ଏହା କ୍ରମେ କ୍ରମେ ଦେଶର ସମଗ୍ର ପ୍ରାଥମିକ ତଥା ମଧ୍ୟ-ଇଂରାଜୀ ବିଦ୍ୟାଳୟମାନଙ୍କରେ ପ୍ରବର୍ତ୍ତନ କରିବାକୁ ହେବ ।

ଆଶ୍ରମ ସ୍କୁଲ ପ୍ରଚଳନ କରିବାର ଆଦର୍ଶ, ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଛାଡ଼ିଦେଲେ ଆମ୍ଭେମାନେ କି କି ବାସ୍ତବ ଫଳ ଲାଭ କରିଛୁ, ଦେଖାଯାଉ । ୧୯୪୭ ମସିହା ଜୁଲାଇ ତା୧୦ ତାରିଖରେ ଫୁଲବାଣୀ ଜିଲାର ବାଲିଗୁଡ଼ା ସବଡ଼ିଭିଜନ ଅନ୍ତର୍ଗତ ନୂଆଗାଁଠାରେ ପ୍ରଥମ ଆଶ୍ରମ ସ୍ଥାପିତ ହେବାର ଆଜିକୁ ପ୍ରାୟ ଆଠ ବର୍ଷରୁ ଊର୍ଦ୍ଧ୍ୱ କାଳ ହେଲାଣି । ସେ ଆଶ୍ରମର ପ୍ରାୟ ୧୫ ଜଣ ଛାତ୍ର ଭୁବନେଶ୍ୱର ରାଜଧାନୀସ୍ଥ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଯୋଗ ଦେଇଛନ୍ତି ଓ ୨ ଜଣ ବଡ଼ାଇ ଶିକ୍ଷକରୂପେ କାର୍ଯ୍ୟ କରୁଛନ୍ତି । ରାୟଗଡ଼ା ଆଶ୍ରମର ପ୍ରାୟ ୬ ଜଣ ଛାତ୍ର ଛତ୍ରପୁର ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଯୋଗ ଦେଇଛନ୍ତି । ନାମ ଲେଖା ପୂର୍ବରୁ ସେମାନଙ୍କ ଜ୍ଞାନର ସାଧାରଣ ପରୀକ୍ଷା ମଧ୍ୟ ସଂପୃକ୍ତ କର୍ତ୍ତୃପକ୍ଷମାନେ କରିଛନ୍ତି । ଯେତେଦୂର ଜଣା ଯାଏ, ନାମ ଲେଖାଇବାକୁ କାହା ପାଇଁ କୌଣସି ଅସୁବିଧା ହୋଇନାହିଁ । ଯଦି ସାଧାରଣ ଶିକ୍ଷାରେ ଅବହେଳା ବା ଫାଙ୍କ ଥାଆନ୍ତା, ତେବେ ନିଶ୍ଚୟ ଅସୁବିଧା ହୋଇଥାନ୍ତା । ବହୁମୁଖୀ ମାଧ୍ୟମିକ ବିଦ୍ୟାଳୟ ସ୍ଥାପିତ ନ ହେବା ପର୍ଯ୍ୟନ୍ତ ଆମ୍ଭେମାନେ ଆଶ୍ରମ ଛାତ୍ରମାନଙ୍କୁ ବିଶେଷତଃ ଶେଷ (final) ବର୍ଷ ମାନଙ୍କରେ ଏପରି ଶିକ୍ଷା ଦେବା ଉଚିତ ଯେ ସେମାନଙ୍କ ମଧ୍ୟରୁ ଯେଉଁମାନେ ଉଚ୍ଚ ଶିକ୍ଷା ପାଇବା ପାଇଁ ଯିବେ, ସେମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ।

କିନ୍ତୁ ଯେଉଁମାନେ ଆଶ୍ରମରେ ମଧ୍ୟ-ଇଂରାଜୀ ସ୍ତରର ଶିକ୍ଷା ସମାପ୍ତ କରିବେ, ସେମାନେ ସମସ୍ତେ ଉଚ୍ଚ ଶିକ୍ଷା ପାଇଁ ଯିବା ଆବଶ୍ୟକ ହେବ କି ? ସେମାନେ ସମସ୍ତେ ସାଧାରଣ ଦିଗ ପାଇଁ ଉପଯୁକ୍ତ ହେବେ କି ? ମୁଁ ବିନମ୍ର ଭାବରେ ପ୍ରସ୍ତାବ କରେ ଯେ ବର୍ତ୍ତମାନ ପରିସ୍ଥିତିରେ ଆମ୍ଭେମାନେ ପାଠ୍ୟକ୍ରମକୁ ଦୁଇଭାଗ କରି ଅଳ୍ପ କେତେ ଜଣଙ୍କୁ ନିରପେକ୍ଷ ଭାବରେ ପରୀକ୍ଷା କରି ସାଧାରଣ ଦିଗରେ ଉଚ୍ଚ ଶିକ୍ଷା ପାଇବାକୁ ପଠାଇବାପାଇଁ ସ୍ଥିର କରିବା ଉଚିତ । ଅନ୍ୟମାନେ ସେମାନଙ୍କର କୌତୂହଳ, ଆଗ୍ରହ, ଇଚ୍ଛା ଓ କ୍ଷମତା ଅନୁସାରେ ଉଚ୍ଚ ଶିକ୍ଷା ପାଇଁ ବୈଷୟିକ କୃଷି ବିଜ୍ଞାନ ବା ଶିଳ୍ପବିଦ୍ୟା ଅନୁଷ୍ଠାନମାନଙ୍କୁ ଯାଇ ପାରନ୍ତି । ଦେଶର ମାନବ ସଂପଦ ତଥା ଅର୍ଥ ସଂପଦକୁ ନଷ୍ଟମୁଖରୁ ରକ୍ଷା କରିବାପାଇଁ ଏହା ଏକମାତ୍ର ପଥ । ଶିକ୍ଷିତ ବେକାର ସମସ୍ୟା ଅନ୍ୟ କୌଣସି ଉପାୟରେ ସମାଧାନ ହୋଇ ପାରିବ ନାହିଁ ।

ଏହି କାରଣରୁ ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି । ଗତାନୁଗତିକ ପଦ୍ଧତି ଶୋଚନୀୟ ଭାବରେ ବିଫଳ ହୋଇଛି । ଜ୍ଞାନଶିକ୍ଷା ସହିତ କାରୁକଳାଶିକ୍ଷା ବା ଦେହ କସରତର ମିଳନ ଶିକ୍ଷା ଦିଗରୁ ମଧ୍ୟ ନିର୍ଦ୍ଦୋଷ । ଶିଶୁମାନେ ନିଶ୍ଚଳ ହୋଇ ବସିବାଠାରୁ ଦେହ କସରତକୁ ଭଲ ପାଆନ୍ତି ଓ ବେଶି ପସନ୍ଦ କରନ୍ତି । ଶିଶୁ ମନୋବିଜ୍ଞାନ ତଥା ଶିଶୁ ଶିକ୍ଷାରେ ପୃଥିବୀବିଖ୍ୟାତ ମ୍ୟାଡାମ ମଣ୍ଟେସୋରୀ ତାଙ୍କ ଉଦ୍ଭାବିତ ନୂତନ ପ୍ରଣାଳୀରେ କପରି ଭାବରେ ଶିକ୍ଷା ଦିଆଯିବ ଏବଂ ଶିକ୍ଷା ଓ ଦେହଚାଳନ ପରସ୍ପର ସୁସମ୍ବନ୍ଧିତ ହେବ, ସେ ବିଷୟରେ ଏକ ବିଶଦ ଯୋଜନା କରିଛନ୍ତି । ଗାନ୍ଧିଜୀ ଆଉ ପାଦେ ଅଗ୍ରସର ହୋଇ ପ୍ରସ୍ତାବ କରିଛନ୍ତି ଯେ ଦେହ-ଚାଳନ ସହଜବୋଧ ହେବ ଏବଂ ସୂତାକଟା, ବଗିଚା କାମ, ବଢ଼ାଇ କାମ ପ୍ରଭୃତି ଯାହା ଶିକ୍ଷା ଦିଆଯିବା କଥା

ତାହା ବୈଜ୍ଞାନିକ କ୍ଷେତ୍ରରେ ଆଗ୍ରହଶୀଳତା ସହିତ ଶିକ୍ଷା ଦିଆଯିବ । ଯଦି ଆମ ଶିକ୍ଷକମାନେ ଏଗୁଡ଼ିକୁ ମନେ ରଖି ନିରଳସ ଭାବରେ ଆଗ୍ରହାନ୍ୱିତ ହୋଇ କାମରେ ଲାଗି ପଡ଼ନ୍ତି, ତେବେ ଫଳାଫଳ ପ୍ରତି ଆମର ଭୟ କରିବାର ଅବକାଶ ନ ଥାନ୍ତା । ଯଦି ଆମ ଆଶ୍ରମର ଶହେ ଜଣ ଛାତ୍ରଙ୍କ ମଧ୍ୟରୁ ଦଶ ଜଣ ଉଚ୍ଚ ଶିକ୍ଷାପାଇଁ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ଦିଅନ୍ତୁ, ପଚିଶ ଜଣ ବୈଷୟିକ ବା ଶିଳ୍ପବିଦ୍ୟା ଅନୁଷ୍ଠାନରେ ଯୋଗ ଦିଅନ୍ତୁ ଏବଂ ପଚିଶ ଜଣ ବୈଜ୍ଞାନିକ କ୍ଷେତ୍ରରେ ଓ ବ୍ୟାପକ ଭାବରେ ସେମାନଙ୍କ କୃଷିକାର୍ଯ୍ୟ ସାଧନ କରିବାକୁ ଫେରି ଯାଆନ୍ତି, ତେବେ ଆମ୍ଭେମାନେ ସନ୍ତୁଷ୍ଟ ହେବା ଉଚିତ ।

# ସ୍ୱାଗତ ହେ ସତାବନ

ଶ୍ରୀ ଘନଶ୍ୟାମ ମିଶ୍ର

ସୁଜଳା ସୁଫଳା ଏଇ ଶ୍ୟାମଳା
ମୋ ଦେଶ ଆଜି
ଆସ ତୁମେ ଆସ ସନ୍ତାବନ !
ପାହାଡ଼ ଡୋଙ୍ଗର ମଳେ
ଝର ଝିଲ ତାଳେ ତାଳେ
ହେଉ ତବ ଶୁଭ ଆବାହନ ।
ଅତୀତ ଯା' ଯାଇଛି ହେ
ଯାଉ ଲୁଚି ବିସ୍ମୃତି ଗରଭେ
ଲୁପ୍ତ ହେଉ ଅବାଞ୍ଛିତ ଯେତେ
ତୋଳୁ ମଥା ମୋ ଦେଶ ଗରବେ
ଅନାସ୍ଥର ଅବସ୍ଥର
ଯେତେ ଯହିଁ ବିଭସ୍ଥର
ଏ ଜାତିର ହେଉ ସମାପନ
ହେଉ ତବ ଜୟ ସନ୍ତାବନ ! ।୧।

ମୋ ଦେଶର ଆଦିବାସୀ
ନିରଳସ ବନବାସୀ
ଚିରକାଳ ଜୀବନ-ସନ୍ଧାମୀ
ପ୍ରକୃତିର ଉପାସକ
ନିରାଡ଼ମ୍ବର ତା' ଭେକ
ମାମି ନୁହେ-ନୁହେ ସେ ଗୁମାମୀ
ମାଟି ସଙ୍ଗେ ଯୁଝି ସେହୁ
ବଞ୍ଚି ଜାଣେ ମଧୁଛନ୍ଦ ତୋଳି
ବୁଝେନି ସେ ଖରା ବର୍ଷା
ଦିନ ଚାଲି ଯାଏ ହସି ଖେଳି
ହେ ନବୀନ, ହୁଅ ସାହା
ଦେଖାଅ ନୂତନ ରାହା
ପାଚ୍ଛୁ ଚାଲି ଆମ ଜନ୍ମିହାମୀ
ଚିର କାଳ ଜୀବନ-ସନ୍ଧାମୀ ।୨।

ତୁମେ ହେ ସ୍ୱଜନ ବୋଲ
ଅନନ୍ତ-ସ୍ୱଜାବ ଖୋଲ
ଝାଡ଼ବାଡ଼ ଧାରେ ଧାରେ ଆଜ
କନ୍ଧ ନାଚେ, କୋହ୍ଲ ନାଚେ
ଗାଦବା ସଉରା ନାଚେ
ସାରା ଦେଶ ନାଚେ ପ୍ରାଣ ଖୋଜ
ସେ ନାଚରେ ଦିଅ ଭରି
ସତ୍ୱ ସାହସ, ଆଶା ଉଦ୍ଦୀପନା
ଜାଳଦିଅ ନବାଲୋକ
ଜୟଯୁକ୍ତ ହେଉ ତା କଳ୍ପନା
ସ୍ୱାଗତ ହେ ସତାବନ !
ଘେନ ତା ଅଭିବାଦନ
ନାଶ କର ବାଧାବିଘ୍ନ ସ୍ୱଜ
ଝାଡ଼ବାଡ଼ ଧାରେ ଧାରେ ଆଜ । ୩ ।

ପାହାଡ଼ିଆ ସାଂସ୍କୃତିକ ଅର୍ଥନୀତିର ବିକାଶ କରି ପାରିବେ । ନଦୀ ଉପତ୍ୟକା ତଥା ଉପକୂଳ-ବର୍ତ୍ତୀ ଅଞ୍ଚଳରେ ବାସକରୁଥିବା ଲୋକମାନେ ନିଜ ଅଞ୍ଚଳ ଉପଯୋଗୀ ସ୍ୱତନ୍ତ୍ର ଅର୍ଥନୀତି ଅନୁସରଣ କରିବା ସମ୍ଭବ । ଏହା ଭିତରୁ କେଉଁଟି ଆଦିମ ତାହା କହିବା ସମ୍ଭବ ନୁହେଁ । କାରଣ ଆଦିମତା ଏକ ତୁଳନାତ୍ମକ ସଂଜ୍ଞା । ଗୋଟିଏ ଉଦାହରଣ ନିଆଯାଉ । ଆମ୍ଭମାନଙ୍କ ଭଳି ଶିକ୍ଷିତ ଲୋକେ ପୋଷାକପରିଚ୍ଛଦ ବିଷୟରେ ପାଶ୍ଚାତ୍ୟମାନଙ୍କୁ ହିଁ ଅତିଶୀଘ୍ର ଅନୁକରଣ କରି ଯାଉଅଛନ୍ତି । ଅପ୍ରେଲ ଓ ମଇ ମାସ ଭଳି ପ୍ରଚଣ୍ଡ ଗ୍ରୀଷ୍ମକାଳରେ ଲୋକେ ବିଶୁଦ୍ଧ ୟୁରୋପୀୟ ଢଙ୍ଗରେ ପରିଚ୍ଛଦମଣ୍ଡିତ ହୋଇଥିବାର ଦେଖାଯାଏ । ଏହା କେବଳ ଯେ ଅସ୍ୱସ୍ତିକର ତାହା ନୁହେଁ, ଅସ୍ୱାସ୍ଥ୍ୟକର ମଧ୍ୟ । କାରଣ ଯେତେବେଳେ କୌଣସି ପରିବର୍ତ୍ତନ ଆବଶ୍ୟକ ହୁଏ, ଖୁବ୍ କମ ଲୋକେ ସେଥିରେ ଭାଗ ନିଅନ୍ତି । କିନ୍ତୁ ଦେଖାଯାଏ ଯେ ଅଳ୍ପ ଲୁଗାପଟା ପିନ୍ଧୁଥିଲେ ମଧ୍ୟ ଆଦିବାସୀମାନେ ଆମ୍ଭମାନଙ୍କ ଭଳି ସଭ୍ୟ ଲୋକଙ୍କ ଅପେକ୍ଷା ଅଧିକ ନୈସର୍ଗିକ ଏବଂ ସ୍ୱାସ୍ଥ୍ୟବାନ । ପରିଚ୍ଛଦ ସମ୍ବନ୍ଧୀୟ ଉଦାହରଣଟି ଖାଦ୍ୟ ପ୍ରଭୃତି ଅନ୍ୟାନ୍ୟ କେତେକ ସ୍ୱଭାବ ସମ୍ପର୍କରେ ମଧ୍ୟ ପ୍ରଯୁଜ୍ୟ । ସହରର କେତେକ ଲୋକ ଭଲଭାବରେ ଖାଇବାକୁ ପାଆନ୍ତି । ସେମାନଙ୍କ ମଧ୍ୟରେ ଚାହା ଓ କଫି ପିଇବା ଅଭ୍ୟାସ ପ୍ରବଳ ଭାବରେ ବୃଦ୍ଧି ହେଉଛି । ଭୋକ ନ ଥିଲେ ମଧ୍ୟ ତାହା ଖାଇବା ତାଙ୍କର ଅଭ୍ୟାସଗତ ହୋଇଗଲଣି । ଆମ୍ଭମାନଙ୍କର କାମ କରିବା ଅଭ୍ୟାସ ସମ୍ପର୍କରେ ମଧ୍ୟ ସେହିଭଳି କୁହାଯାଇପାରେ । କାମର ସଂଜ୍ଞା ଯଦି ଶାରୀରିକ ପରିଶ୍ରମ ବୋଲି ଧରାଯାଏ, ଆମ୍ଭମାନଙ୍କ ମଧ୍ୟରୁ ପ୍ରକୃତରେ କେହି ଯେ କାମ କରନ୍ତି, ତାହା ସନ୍ଦେହଜନକ । ସହରର ବୁଦ୍ଧିଜୀବୀମାନଙ୍କ ମଧ୍ୟରୁ ଅଧିକାଂଶ ନିଶ୍ଚଳ କର୍ମ କରନ୍ତି । ଏଥିଲାଗି ସହରରେ ମଫସଲ ଅପେକ୍ଷା ବେଶି ମୋଟା ଲୋକ ଦେଖାଯାଇ ଥାଆନ୍ତି । ଲେଖକ ଭାରତୀୟ ଆଦିମ ଅଧିବାସୀମାନଙ୍କ ସହିତ ତାଙ୍କର ଦୀର୍ଘ ଅନୁଭୂତି ମଧ୍ୟରେ ଜଣେ ହେଲେ ମୋଟା ଲୋକ ଦେଖିବାକୁ ପାଇନାହିଁ । ସ୍ଥୂଳକାୟତ୍ୱ ଏକ ବ୍ୟାଧି । ଏ ରୋଗରୁ ଭାରତର ଆଦିବାସୀମାନେ ମୁକ୍ତ ।

ଏହିପରି କେତେକ ଉଦାହରଣ ଆମ୍ଭମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ କରୁଛି । କିନ୍ତୁ ଯଥେଷ୍ଟ ଜ୍ଞାନର ଅଭାବ ସତ୍ତ୍ୱେ ଆଦିବାସୀଙ୍କର ମଙ୍ଗଳବିଧାନ ପାଇଁ ଆମ୍ଭମାନଙ୍କର କେତେ ଦୂର ଶକ୍ତି ଅଛି, ତାହା ଆଲୋଚନା କରାଯାଉ । ଆମ୍ଭେମାନେ ଆଦିବାସୀମାନଙ୍କ ନିଜ ଦୃଷ୍ଟିକୋଣକୁ ଉପେକ୍ଷା କରି ଆମ ଆଦର୍ଶ ଅନୁଯାୟୀ କାମ କରାଇବାର ଯଥେଷ୍ଟ ସମ୍ଭାବନା ଅଛି । ଏହାର ଅର୍ଥ ନୁହେଁ ଯେ ଆଦିବାସୀମାନଙ୍କ ପାଇଁ ଆମ୍ଭମାନଙ୍କର କିଛି କରିବାର ନାହିଁ । ସେମାନଙ୍କ ମଧ୍ୟରେ କାମ କଲାବେଳେ ବିଶେଷ କରି ପ୍ରତ୍ୟେକ ସମାଜସେବକ ଓ ଗ୍ରାମସେବକ ଆମ୍ଭମାନଙ୍କର ବ୍ୟକ୍ତିଗତ ପ୍ରଚାରର ଧାରଣା ଓ ମୂଲ୍ୟବୋଧ ସେମାନଙ୍କ ମଧ୍ୟରେ ପ୍ରବର୍ତ୍ତନ ନ କରିବାପାଇଁ ଦୃଢ଼ ଭାବରେ ଭାବିବା ଉଚିତ । ସମାଜସେବକ ଓ ଗ୍ରାମସେବକମାନେ ନିଜେ ଯାହା କିଛି ଜାଣନ୍ତି ବା ତାଙ୍କର ଯାହା କିଛି ଜ୍ଞାନ ଅଛି, ତାହା ଯେ ଶ୍ରେଷ୍ଠ ଏବଂ ଆଦିବାସୀମାନଙ୍କ ମଧ୍ୟରେ ପ୍ରବର୍ତ୍ତନ କରାଯିବାର ଉପଯୁକ୍ତ, ଏଭଳି ଧାରଣା ରହିବା ଠିକ୍ ନୁହେଁ । ବହୁଦିନର ବା ବହୁଯୁଗର ପରୀକ୍ଷା ଓ ଉଦ୍ୟମ ଫଳରେ ଆଦିବାସୀମାନେ ଯାହା କିଛି ବିକାଶ ନିଜେ ନିଜେ କରି ପାରିଛନ୍ତି, ସେଥିପ୍ରତି ସେମାନଙ୍କର ଯଥେଷ୍ଟ ସମ୍ମାନ ରହିବା ସ୍ୱାଭାବିକ ।

ନୃତତ୍ତ୍ୱବିତ୍‌ମାନଙ୍କ ବିରୁଦ୍ଧରେ ସାଧାରଣତଃ ସମାଲୋଚନା କରା ଯାଇଥାଏ ଯେ "ସେମାନେ ଆଦିମ ସଂସ୍କୃତିକୁ ଯାଦୁଘର ନମୁନା କରି ରଖିବାକୁ ଚାହାନ୍ତି । ଯେଉଁମାନେ ଏପରି କରନ୍ତି, ସେମାନେ ୟୁରୋପୀୟ, ଭାରତୀୟ ବା ଯୁଆଙ୍ଗ ପ୍ରଭୃତିଙ୍କ ସଂସ୍କୃତିର ପରିବର୍ତ୍ତନଶୀଳତାକୁ ବୁଝି ନ ପାରି ଏପରି କହି ଥାଆନ୍ତି । ମାନବ ତାର ମାନସିକ ଶକ୍ତିବଳରେ

ସଂସ୍କୃତି ଗଢ଼ିବ ଏବଂ ଲୋକସଂଖ୍ୟାର ପ୍ରସାର ସଙ୍ଗେ ସଙ୍ଗେ ସଂସ୍କୃତିର ମଧ୍ୟ ପ୍ରସାର ହେବ । ଏହି ପ୍ରସାରଣ ପ୍ରକ୍ରିୟାରେ ସଂସ୍କୃତି ପରିବର୍ତ୍ତନଶୀଳ ହେବ । ଏହାକୁ Whitehead ଯଥାର୍ଥରେ କହିଅଛନ୍ତି :—

" Progress is to preserve order amid change and to preserve change amid order."

ଅନେକ ଭାରତୀୟ ଆଦିବାସୀମାନଙ୍କର ପରିବର୍ତ୍ତନଶୀଳତା ସମ୍ବନ୍ଧରେ ଅବହିତ ନୁହନ୍ତି । ସାନ୍ତାଳ, ଗଣ୍ଡ ଓ ଓରାଙ୍ଗମାନଙ୍କର ଧର୍ମପରିବର୍ତ୍ତନ, ସେମାନଙ୍କ ସ୍ଥାନାନ୍ତର—ବାସ ଅଭ୍ୟାସଯୋଗୁଁ ହୋଇଛି । ଆମ୍ଭେମାନେ ସେମାନଙ୍କ ପାଇଁ ମଙ୍ଗଳ-ବିଧାନ କରିବାକୁ ଚିନ୍ତା କରିବା ପୂର୍ବରୁ ସେମାନେ ସ୍ୱତନ୍ତ୍ରଭାବରେ ମାଡ଼ି ଯାଇଛନ୍ତି । ସେମାନେ ସ୍ଥାନୀୟ ଅର୍ଥନୀତି ସହିତ ନିଜକୁ ସଜାଡ଼ି ନେଇଛନ୍ତି । କେବଳ ଏହି ଗୋଟିଏ କଥାରୁ ଆମ୍ଭେମାନେ ଯଥେଷ୍ଟ ଶିକ୍ଷା ଲାଭ କରିପାରିବା । କୌଣସି ଯାଦୁଘର ମଧ୍ୟରେ ଏକ ଜୀବନ୍ତ ସଂସ୍କୃତିକୁ ସଂରକ୍ଷିତ କରିବା ବଡ଼ ଜଟିଳ କଥା । କେହି କାହାକୁ ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଯାଇ ବାସ କରିବାକୁ ବାଧା ଦେଇ ପାରିବେ ନାହିଁ । ଏହା ଫଳରେ ମିଶ୍ର-ପ୍ରଜନନ ହେଉଛି ଏବଂ ସଂସ୍କୃତି ମଧ୍ୟ ସେହିପରି ମିଶ୍ରିତ ହୋଇ ପଡ଼ୁଛି । ଆମ୍ଭମାନଙ୍କର ସୀମିତ ଅଭିଜ୍ଞତା ତୁଳନାରେ ଆଦିବାସୀମାନଙ୍କର ବହୁ ବ୍ୟାପକ ଅଭିଜ୍ଞତା ରହିଛି । ସେମାନେ ସମୟାନୁଯାୟୀ ଉପଯୁକ୍ତ ହୋଇ ପାରିଛନ୍ତି । ଆମ୍ଭେମାନେ ଧନ ଓ ପଶୁ-ଶକ୍ତିରେ ବଳବାନ ହୋଇପାରୁ; କିନ୍ତୁ ସଂସ୍କୃତି ତଥା ଆଧ୍ୟାତ୍ମିକ ଭାବରେ ତାକୁ ଦେଇଲଭଳି ଆମର କିଛି ନାହିଁ ବୋଲି ମନେହୁଏ । ସମ୍ଭବତଃ ଖୁବ୍ ହେଲେ ଆମ୍ଭେମାନେ ତାକୁ ଭୌତିକ ସାହାଯ୍ୟ କରି ପାରିବା ।

ଏହି ଭୌତିକ ସାହାଯ୍ୟ ମଧ୍ୟରେ ପ୍ରଥମ ଓ ମୂଳ ସାହାଯ୍ୟ ପାନୀୟ ଜଳଯୋଗାଣ ହେବା ଉଚିତ । ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକ ମଧ୍ୟ ବିଚାର କରାଯିବା ଉଚିତ—

(କ) ଭାରତର ଆଦିବାସୀ ଅଞ୍ଚଳରେ ବିଦ୍ୟମାନ ପାନୀୟ ଜଳଯୋଗାଣ ବ୍ୟବସ୍ଥାର ବ୍ୟାପକ ଅନୁସନ୍ଧାନ କରାଯାଉ ।

(ଖ) ବର୍ଷସାରା ପାଣି ରହିବା ଭଳି ଯଥେଷ୍ଟସଂଖ୍ୟକ ଗଭୀର ପୁଷ୍କରିଣୀ ଖୋଳାଯାଉ ।

(ଗ) ସ୍ୱାସ୍ଥ୍ୟସମ୍ମତ ବିଧିରେ କୂଅରେ ଜଳଯୋଗାଣ ନିର୍ବାହ କରିବା କଷ୍ଟକର । ତେଣୁ ଅଳ୍ପ-ସଂଖ୍ୟକ କୂପ କରାଯାଉ ।

(ଘ) ପାହାଡ଼ି ତଳ ଗାଁମାନଙ୍କରେ ପାହାଡ଼ ଝରଣାରେ ବନ୍ଧ କରି ଜଳ ଯୋଗାଯାଉ ।

# ବଣାଇ ଭୂୟାଁମାନଙ୍କର ପର୍ବପର୍ବାଣି ଓ କୃଷିବାସ

ଶ୍ରୀ ନିତ୍ୟାନନ୍ଦ ପଟ୍ଟନାୟକ, ଏମ୍. ଏସ୍‌ସି.

ବଣାଇର ଆୟତନ ୧୨୯୭ ବର୍ଗମାଇଲ ହେବ । ଏଠାରେ ଭୂୟାଁ, ଗଣ୍ଡ, କିସାନ, ମୁଣ୍ଡା, ପାଣ, ମହନ୍ତ, ଓରାମ, କୋଲ, ଗଉଡିଆ, ଭୂମିଜ, କନ୍ଧ ଓ ଖଡ଼ିଆ ପ୍ରଭୃତି ଅନେକପ୍ରକାର ଜାତି ବାସ କରନ୍ତି । ଏହାର ଲୋକସଂଖ୍ୟା ପ୍ରାୟ ୯୩ ହଜାର ହେବ । ଏହି ଲୋକସଂଖ୍ୟାର ଶତକଡ଼ା ୭୨ ଭାଗ ଆଦିବାସୀ ଶ୍ରେଣୀର ଲୋକ ଅଟନ୍ତି । ଭୂୟାଁମାନେ ଏଠାର ଆଦିବାସୀମାନଙ୍କ ମଧ୍ୟରେ ସଂଖ୍ୟାରେ ବେଶି ହେବେ । ଲୋକସଂଖ୍ୟାର ପ୍ରାୟ ଶତକଡ଼ା ୧୬ ଭାଗ ଭୂୟାଁ ଅଟନ୍ତି । ଯେଉଁ ଭୂୟାଁମାନେ ଜଙ୍ଗଲ-ପାହାଡ଼ରେ ବାସ କରନ୍ତି ଓ ବ୍ରିଙ୍ଗା (ପୋଡୁଚାଷ) ଉପରେ ନିର୍ଭର କରନ୍ତି, ସେମାନେ ପାହାଡ଼ ଭୂୟାଁ ଅଟନ୍ତି । ଯେଉଁମାନେ ବଣାଇର କୋଇଡ଼ା ଅଞ୍ଚଳରେ ଅଛନ୍ତି ଓ ଏହି ଅଞ୍ଚଳର ସମତଳ ଭୂମିକୁ କୃଷିବାସ କରି ଓ ନିକଟସ୍ଥ ଲୁହା ଓ ମାଙ୍ଗାନିଜ ପ୍ରଭୃତି ଧାତୁ ଖଣିମାନଙ୍କରେ ଦୈନିକ ମଜୁରିଆ ଭାବରେ କାମ କରି ପେଟ ପୋଷନ୍ତି, ସେମାନେ କୋଇଡ଼ା ଅଞ୍ଚଳର ଭୂୟାଁ ବୋଲି କହିବା । ଆଉ ଯେଉଁ ଭୂୟାଁମାନେ ସହର-ବଜାର ପାଖରେ ଓ ଅନ୍ୟାନ୍ୟ ଜାତିମାନଙ୍କ ସହିତ ଗାଁମାନଙ୍କରେ ଅଛନ୍ତି ଓ ପାଠ ପଢୁଛନ୍ତି, ଭଲରକମ କୃଷିବାସ ଓ ଅନ୍ୟାନ୍ୟ ବ୍ୟବସାୟ କରି ପ୍ରତିପୋଷଣ ହେଉଛନ୍ତି ସେମାନଙ୍କୁ ସଦର ଭୂୟାଁ କହିଲେ ବୋଧହୁଏ ଭୁଲ ହେବ ନାହିଁ ।

ବଣାଇର କୋଇଡ଼ା ଅଞ୍ଚଳରେ ବାସ କରୁଥିବା ଭୂୟାଁମାନେ ବର୍ତ୍ତମାନ ଯେଉଁ ଯେଉଁ ପର୍ବ ବର୍ଷକ ଭିତରେ ପାଳନ କରନ୍ତି, ତାହାର ଗୋଟିଏ ତାଲିକା ନିମ୍ନରେ ଦିଆଗଲା ।

| ମାସର ନାମ | ପର୍ବର ନାମ | ପାଳନ କରିବାର କାରଣ |
|---|---|---|
| ୧ । ମାଘ | ମାଘ ପୁଣେଇ (ମାଘ ପୁନେଇ) | ମକରଯାତ୍ରା—ଏହା ହେଲେ ସେମାନେ ଜଙ୍ଗଲରୁ ଛଣ, ନୂଆ ଦାନ୍ତକାଠି ଓ ପଥର କାଟନ୍ତି ଏବଂ ଶିଳିଆ ଫୁଲ ଖାଆନ୍ତି । |
| ୨ । ଫାଲ୍‌ଗୁନ | ବଜମ ଯାତ୍ରା, କାଠଯାତ୍ରା | ଏମାନଙ୍କର ବିଶ୍ୱାସ ଯେ ବଜମଯାତ୍ରା ପାଳନ କଲେ ଭଲ କୃଷି ହେବ, ବର୍ଷା ହେବ, ବାଘ ଜଙ୍ଗଲରୁ ପଳାଇଯିବ, ଛୁଆମାନଙ୍କ ଦେହ ଭଲ ରହିବ ଇତ୍ୟାଦି । |
| ୩ । ଫାଲ୍‌ଗୁନ-ଚୈତ୍ର | ଆସନୁଆ | ପାବୁଡ଼ ଅଞ୍ଚଳରେ ମାଘ ମାସରେ ବଉଳ ହେବା ସଙ୍ଗେ ସଙ୍ଗେ ଏହି ପର୍ବ ଭୂୟାଁମାନେ ପାଳନ୍ତି । କାରଣ ବଉଳ ପାଣିରେ ପଡ଼ିଲେ ଓ ପୂଜା ପୂର୍ବରୁ ସେହି ପାଣି ବ୍ୟବହାର କଲେ, |

| ମାସର ନାମ | ପର୍ବର ନାମ | ପାଳନ କରିବାର କାରଣ |
|---|---|---|
| | | ବାଘ ଖାଇଯିବ । କିନ୍ତୁ କୋଇଡ଼ା ଅଞ୍ଚଳରେ ଆମ୍ବ ହେଲେ ଏହି ପର୍ବ ପାଳନ କରାଯାଏ । ଏଠାରେ ପରଦେଶିଆ ଲୋକ ବହୁତ ରହିଲେ, ଖଦାନ ହେଲା । କଏ କେତେବେଳେ ଏହି ପର୍ବ ପାଳୁଛି, ତାହା ମଧ୍ୟ ଠିକ୍ ଠିକଣା ନାହିଁ । ଆହୁରି ମଧ୍ୟ ଏହି ଅଞ୍ଚଳରେ ଅନ୍ୟାନ୍ୟ ଉପାୟରେ, ଯଥା-ପୁଷ୍କରିଣୀ ଓ କୂପରୁ ପାଣି ଖାଇବାର ବ୍ୟବସ୍ଥା ଅଛି । |
| ୪ । ଚୈତ୍ର | ଲକ୍ଷ୍ମୀଯାତ୍ରା | ଏହି ପୂଜା ପାଳନ କଲେ ଧାନ ଭଲ ହେବ, ଛୁଆପିଲା ଭଲ ରହିବେ, ବାଘ ଚାଲିଯିବ, ବହୁଳ ବୃଷ୍ଟି ହେବ, ଶସ୍ୟବୃଦ୍ଧି ଓ କାଳୁଙ୍ଗା ଓ ଅନ୍ୟାନ୍ୟ ଅନିଷ୍ଟକାରୀ ଜୀବମାନଙ୍କର କ୍ଷୟ ହେବ । |
| ୫ । ବୈଶାଖ | × × | |
| ୬ । ଜ୍ୟେଷ୍ଠ | × × | |
| ୭ । ଆଷାଢ଼ | ଅଷାର ଯାତ୍ରା | (ଆମ୍ବ କୋଇଲି ପିଠା କରି ଖାଇବା) ରୁଆ ଓ ବିହୁଡ଼ା ଯାତ୍ରା ଏହି ପର୍ବ ପାଳନ କଲେ ରୁଆ ଓ ବିହୁଡ଼ା ପ୍ରଭୃତି କ୍ଷେତକାମମାନ ଆରମ୍ଭ ହୁଏ । ଅଷାର ପର୍ବ—ଏହି ପୂଜା ପରେ ବୁଣାଶାଗ ଖାଇବାକୁ ଚଳେ । ଏହି ପର୍ବରେ ମଧ୍ୟ ଆମ୍ବ କୋଇଲି ଖାଇବା ନିଷିଦ୍ଧ ଅଟେ । ଆଜିକାଲି ବୁଣାଶାଗ କୋଇଡ଼ା ଅଞ୍ଚଳରେ ପୂଜା ପୂର୍ବରୁ ଖାଇଲେଣି । |
| ୮ । ଶ୍ରାବଣ | ଜନ୍ଥାଲ ପୂଜା | |
| ୯ । ଭାଦ୍ରବ | (କ) ନୂଆପୂର୍ଣ୍ଣିମା<br>(ଖ) ନୂଆଖିଆ | ସୁଆଁ ଚାଉଳ ଓ ଧାନ ଚାଉଳ ନୂଆ ଖାଇବା ଗ୍ରାମ ଶ୍ରୀ |
| ୧୦ । ଆଶ୍ୱିନ | ଦଶହରାପୂଜା | |
| ୧୧ । କାର୍ତ୍ତିକ | × | |
| ୧୨ । ମାର୍ଗଶିର | (କ) କର୍ମା<br>(ଖ) ୮ ଦିନ ପର୍ଯ୍ୟନ୍ତ ବର୍ଣ୍ଣିପୂଜା | ଧାନ ଖଳା ପୂଜା |
| ୧୩ । ପୌଷ | ପୁଷପୂର୍ଣ୍ଣମୀ | |

ଏହି ପର୍ବଗୁଡ଼ିକ ବିଭିନ୍ନ ଉଦ୍ଦେଶ୍ୟରେ ପାଳନ କରାଯାଏ ଓ କାଳକ୍ରମେ ଭୂୟାଁମାନେ ନିଜର ବାସସ୍ଥାନ ଛାଡ଼ି ସମତଳ ଅଞ୍ଚଳରେ ବସତି ସ୍ଥାପନ କରିବାଦ୍ୱାରା ଅନ୍ୟାନ୍ୟ ଉନ୍ନତ ଜାତି-ମାନଙ୍କ ସହିତ ମିଳାମିଶା ହେଉଛି ଓ ସେମାନଙ୍କ ମଧ୍ୟରେ ଚାଲିଚଳଣ, ପର୍ବପର୍ବାଣି ପାଳିବାର ପଦ୍ଧତି, ପୋଷାକପରିଚ୍ଛଦ ଇତ୍ୟାଦିର ତାଙ୍କର ଆଦାନପ୍ରଦାନ ହେଉଛି । କୋଇଡ଼ାରେ କେତେ ଭୂୟାଁ ଅଛନ୍ତି, ସେମାନେ ସମସ୍ତେ ଏକ ସମୟରେ ପାହୁଡ଼ି ଭୂୟାଁଙ୍କ ପରି ଚଳୁଥିଲେ । ଅଦ୍ୟାବଧି ସେମାନଙ୍କର କୁର୍ଶିନାମା ପାଠକଲେ ଜଣାଯାଏ ଯେ ସେମାନଙ୍କର ପାଉଡ଼ି ଭୂୟାଁମାନଙ୍କ ସହିତ ବୈବାହିକ ସମ୍ବନ୍ଧ ରହିଛି । କିନ୍ତୁ ଏମାନେ ପାଉଡ଼ି ଭୂୟାଁମାନଙ୍କଠାରୁ ଅନେକ କ୍ଷେତ୍ରରେ ଫରକ ଦେଖାଯାଉଛନ୍ତି । ସାଧାରଣ ଭାବରେ କେଉଁ କେଉଁ କ୍ଷେତ୍ରରେ ଏହି ବୈଷମ୍ୟ ପରିଲକ୍ଷିତ ହୁଏ, ତାର ଗୋଟିଏ ତାଲିକା ତଳେ ଦିଆଗଲା ।

| ପାଉଡ଼ି ଭୂୟାଁ (ଉପର ଭୂୟାଁ) | କୋଇଡ଼ା ଭୂୟାଁ (ତଳ ଭୂୟାଁ) |
|---|---|
| ୧ । ବିରଖା ବା ପୋଡ଼ୁଚାଷ କରି ଚଳନ୍ତି | ୧ । ଅନ୍ୟାନ୍ୟ କୃଷକମାନଙ୍କ ପରି ସମତଳ ଭୂମିକୁ ଚାଷ କରି ଚଳନ୍ତି । |
| ୨ । ପାଉଡ଼ିମାନେ ବାସ କରୁଥିବା ଅଞ୍ଚଳରେ ଶାସନର ସୁବିଧା ପାଇଁ ଗ୍ରାମଗୋଷ୍ଠୀ ବା ବାରି ଅଞ୍ଚଳ ଅଛି ଓ ଗୋଟିଏ ମହା-ନାୟକ ଗୋଟିଏ ବାରିର ସର୍ବଶ୍ରେଷ୍ଠ ଶାସନକର୍ତ୍ତା ଅଟନ୍ତି । | ୨ । କୋଇଡ଼ା ଅଞ୍ଚଳରେ ବାରି ବିଭାଗ ନାହିଁ । କିନ୍ତୁ ଗଡ଼ନାୟକ ବୋଲି ଜଣେ ଶାସନ ବିଭାଗର କର୍ମୀ ଅଛନ୍ତି । |
| ୩ । ବିବାହ ଓ ପୁଣ୍ୟ ପର୍ବରେ ବ୍ରାହ୍ମଣମାନଙ୍କର ପୌରୋହିତ୍ୟ ଦରକାର ହୁଏ ନାହିଁ । | ୩ । କୋଇଡ଼ାର ଭୂୟାଁମାନେ ଏହିସବୁ କର୍ମରେ ବ୍ରାହ୍ମଣମାନଙ୍କର ପୌରୋ-ହିତ୍ୟ ଆବଶ୍ୟକ କରନ୍ତି । |
| ୪ । ମୃତ୍ୟୁକ୍ରିୟାରେ ନିଜ ଜାତିର ଜଣେ କ୍ଷିଅର କରେ । | ୪ । ଏମାନଙ୍କର ବ୍ରାହ୍ମଣ, ଧୋବା ଓ ଭଣ୍ଡାରିମାନଙ୍କର ସେବା ଦରକାର ହୁଏ । |
| ୫ । ଏମାନଙ୍କର ପିତୃଶ୍ରାଦ୍ଧ ନାହିଁ । | ୫ । ଅସ୍ଥି ଗୟାରେ ପକାଯାଏ ଓ ପ୍ରତିବର୍ଷ ପିତୃଶ୍ରାଦ୍ଧ ଦିଆଯାଏ (ଗୟା ଅର୍ଥ କୌଣସି ତୀର୍ଥସ୍ଥଳ) । |
| ୬ । ଏମାନେ କାନରେ ଫିରିଫିରି (କଂସାର) ବ୍ୟବହାର କରନ୍ତି । | ୬ । ଏମାନେ କାନରେ ନୋଳି ଗଣ୍ଠିଆ ଓ ମୁଦ୍ରା ପ୍ରଭୃତି ଅଳଙ୍କାର (ସୁନାର) ବ୍ୟବହାର କରନ୍ତି । |
| ୭ । ସ୍ତ୍ରୀମାନେ ଜୁଡ଼ା ପାରନ୍ତି ଓ ତହିଁରେ ଜଙ୍ଗଲର ଫୁଲ ଲଗାନ୍ତି । | ୭ । ସ୍ତ୍ରୀମାନେ ବେଣୀ ପକାଇଲେଣି ଓ ରୂପାଫୁଲ ମୁଣ୍ଡରେ ବ୍ୟବହାର କଲେଣି । |



ଭୂୟାଁ ରମଣୀର ବାତ୍ସଲ୍ୟ



ଅଲଙ୍କାରବଭୂଷିତା ଭୂୟାଁ ରମଣୀ

| ପାଉଡ଼ି ଭୂୟାଁ (ଉପର ଭୂୟାଁ) | କୋଇଡ଼ା ଭୂୟାଁ (ତଳ ଭୂୟାଁ) |
| --- | --- |
| ୮ । ଏମାନେ ବ୍ରାହ୍ମଣ ହେଉ ବା ଯେଉଁ ଜାତି ହେଉ କାହାର ପାକରେ ଖାଇବେ ନାହିଁ । | ୮ । ଏମାନେ କେଉଁ କେଉଁ ଜାତି ହାତରୁ ଭାତ ଖାଇ ପାରିବେ, କେଉଁ ଜାତି ହାତରୁ କେବଳ ଶୁଖିଲା ଜିନିଷ, ଯଥା—ଚୂଡ଼ା, ଭୂଜା ଇତ୍ୟାଦି ଖାଇ ପାରିବେ, କାହା ହାତରୁ ପାଣି ପିଇବେ ଇତ୍ୟାଦି ଜାତିପ୍ରଥା ପାଳନ୍ତି । ଏମାନେ ହିନ୍ଦୁ ଜାତି ଭିତରେ ଗୋଟିଏ ନୂଆ ଜାତି ହୋଇ ଯାଉଛନ୍ତି । |
| ୯ । ଏମାନଙ୍କର ନିଜ ଗୀତ ଅଛି । ସେମାନେ ବୋଲନ୍ତି । | ୯ । ଏମାନେ ନିଜ ଜାତିର ପୂର୍ବ ଗୀତ ଭୁଲିଗଲେଣି । ଏଣିକି ରାମାୟଣ, ମହାଭାରତ ଇତ୍ୟାଦି ଗ୍ରନ୍ଥମାନ ପଢ଼ିଲେଣି । |
| ୧୦ । ପର୍ବପର୍ବାଣି ପୂର୍ବପରି ପାଳନ କରି ଆସୁଛନ୍ତି । | ୧୦ । କେତେକ ବଦଳେଇ ଦେଲେଣି ଓ କେତେକ ମଧ୍ୟ ଠିକ୍‌ରୂପେ ପାଳନ କରୁ ନାହାନ୍ତି । |

## ଭୂୟାଁମାନଙ୍କର କୋମାଣ ଚାଷ

ବଣାଇର ଉତ୍ତର-ପୂର୍ବରେ ଅବସ୍ଥିତ କୋଇଡ଼ା ଓ ପାଉଡ଼ି ପ୍ରଗଣାରେ ବାସ କରୁଥିବା ଭୂୟାଁମାନେ ଜଙ୍ଗଲ କାଟି ପୋଡ଼ି ଚଷିରେ ନାନା ପ୍ରକାର ଫସଲ କରି ଜୀବିକା ନିର୍ବାହ କରନ୍ତି । ସେମାନେ ପାହାଡ଼ ଉପରେ ଥିବା ଛୋଟ ଛୋଟ ଗଛ ଓ ବୁଦା ପ୍ରଥମେ ପୋଡ଼ି ଦେଇ ତା'ପରେ ଗୋଟିଏ ଛୋଟିଆ ଲଙ୍ଗଳରେ ଚାଷ କରି ଦିଅନ୍ତି । ବଡ଼ ବଡ଼ ଗଛ ମୂଳେ ନିଆଁ ଲଗାଇ ଦେଇ ମାରି ଦିଅନ୍ତି । ଏହି ମଲା ଗଛମୂଳରେ ଶିମ୍ବ, ତୁଙ୍କ ଓ ଝଇସା ପ୍ରଭୃତି ଫସଲ ଲଗାଇଦେଲେ ଏମାନଙ୍କର ଡଙ୍କ ଏହି ଗଛ ଉପରେ ମାଡ଼ିବା ପାଇଁ ସୁବିଧା ହୁଏ । ସେମାନେ ପାହାଡ଼ର ଗୋଟିଏ ଜାଗାକୁ ୩ ବର୍ଷ ପର୍ଯ୍ୟନ୍ତ କୋମାଣ ଚାଷ କରନ୍ତି । ତା'ପରେ ସେ ଜାଗାଟିକୁ ଛାଡ଼ିଦେଇ ପାହାଡ଼ ଉପରେ ଆଉ ଗୋଟିଏ ଜାଗା ଧରନ୍ତି ଓ ସେହିପରି ଜଙ୍ଗଲ ପୋଡ଼ି ଚାଷ କରି ୩ ବର୍ଷ ପର୍ଯ୍ୟନ୍ତ ଫସଲ କରନ୍ତି ।

## କୋମାଣ ଚାଷର ପ୍ରଥମ ବର୍ଷ

ଛୋଟ ଛୋଟ ଗଛ ଓ ବୁଦାଜାତୀୟ ଗଛସବୁ କାଟି ଦିଆଯାଏ ଓ ପୋଡ଼ି ଦିଆଯାଏ । ଏହି ପାଉଁଶ ଉପରେ ଶ୍ରାବଣ ମାସରେ ବିରି ବୁଣାହୁଏ ଏବଂ ବିରି ବୁଣା ହେବାରୁ ବିରିଗଙ୍ଗା ଚାଷକୁ ପ୍ରଥମ ବର୍ଷ ବାଜଭୁଇଁ କୁହାଯାଏ । ସେମାନେ ବିରି ସହିତ କଖାରୁ, ବାଇଗଣ, କଳାମୁଗ, ତରଭୂଜ ( bottle gourd ), କନ୍ଦମୂଳ ଓ କୋଳଥ ଓ ଜଟଙ୍ଗି ପ୍ରଭୃତି ଫସଲ ମଧ୍ୟ କରନ୍ତି । ଏହି ସମୟରେ ସେମାନେ ଜଡ଼ା ଓ କପା ମଧ୍ୟ ଚାଷ କରନ୍ତି । ବିରି କାର୍ତ୍ତିକ-ମାର୍ଗଶିର ମାସରେ ଅମଳ ହୁଏ । ଏହା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଫସଲ ମଧ୍ୟ

ଅମଳ ହୁଏ । କିନ୍ତୁ ଶିମ୍ବ ମାଘ ମାସ ପର୍ଯ୍ୟନ୍ତ ରହିଯାଏ । ଏହି ଅମଳ ପରେ ବରଙ୍ଗା ପ୍ରାୟ ବୈଶାଖ ମାସ ପର୍ଯ୍ୟନ୍ତ ପଡ଼ିଆ ରହେ । ଏହି ଭିତରେ ଯେଉଁ ଜଙ୍ଗଲ ବରଙ୍ଗା ଉପରେ ମାଡ଼ିଯାଏ ତାକୁ ପୁଣି କାଟି ପୋଡ଼ି ପାଉଁଶକୁ ଚାରିଆଡ଼େ ବିଞ୍ଚି ଦିଆଯାଏ ଏବଂ ଜ୍ୟେଷ୍ଠମାସ ଆଡ଼କୁ ଚାଷ କରାଯାଏ ।

## କୋମଣ ଚାଷର ଦ୍ୱିତୀୟ ବର୍ଷ

ଚାଷ ହେବାପରେ ଏହା ଉପରେ ଧାନ ବୁଣା ହୁଏ । ବରଙ୍ଗାକୁ ଏହି ଭୂଇଁ ପରବର୍ତ୍ତେ ଏଣିକି ଧାନ ଭୂଇଁ ବୋଲାଯାଏ । ହିଡ଼ମାନଙ୍କରେ କାଙ୍ଗୁ, ଗଙ୍ଗେଇ ଓ ମାଣ୍ଡିଆ ପ୍ରଭୃତି ରବିଫସଲ ମଧ୍ୟ କରାଯାଏ । ମକା ଓ ରାହାଡ଼ି ମଧ୍ୟ ଧାନସହିତ ବୁଣାଯାଏ । ଶିମ୍ବ ହୋଇଯିବା ପରେ ମକା ଗଛ ମୂଳରେ ଏଥର ଝୁମା ମଞ୍ଜି ଲଗାଯାଏ । ତାର ଡଙ୍କ ଏହି ଗଛମାନଙ୍କରେ ମାଡ଼େ । ଧାନ କାର୍ତ୍ତିକ ମାସରେ ଅମଳ ହୁଏ ଏବଂ ମକା ଓ ରବିଫସଲ ଗୁଡ଼ିକ ମାର୍ଗଶିର ମାସକୁ ହୋଇଯାଏ ।

## କୋମାଣ ଚାଷର ତୃତୀୟ ବର୍ଷ

ଧାନ ଓ ରବିଫସଲ ଓ ମକା ହୋଇଯିବାପରେ ଏହି ବରଙ୍ଗାରେ ଗୁଲନ୍ଦି ଓ ସୁଆଁ ପ୍ରଭୃତି ମିଲେଟ-ଜାତୀୟ ଫସଲ ୩ୟ ବର୍ଷ କରାଯାଏ । ଏହିସବୁ ଫସଲ ଭାଦ୍ରବ ଆଡ଼କୁ ଆମଦାନି କରାଯାଏ ।

ଏହି ଭୂୟାଁମାନଙ୍କର ଶାସନ ଓ ସଂସ୍କୃତି କୋଇଡ଼ା ପ୍ରଗଣାରେ ଥିବା ଭୂୟାଁ ଭିତରେ ଦୀର୍ଘ ୩୦ ବର୍ଷ ମଧ୍ୟରେ କେତେକ ପରିବର୍ତ୍ତନ ପରିଲକ୍ଷିତ ହେଉଛି ।

# ଜୁଆଙ୍ଗମାନଙ୍କର ମାଘ-ପର୍ବ

ଶ୍ରୀମତୀ ବିନୋଦିନୀ ଦେବୀ

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ଜୁଆଙ୍ଗମାନେ ଗୋଟିଏ ଅନୁନ୍ନତ ସମ୍ପ୍ରଦାୟ । ଖୁବ୍ ଅନୁନ୍ନତ ଥିବାରୁ ଏମାନେ ନାନାପ୍ରକାର ଅନ୍ଧ-ବିଶ୍ୱାସକୁ ପ୍ରଶ୍ରୟ ଦିଅନ୍ତି । ଏହି ସମ୍ପ୍ରଦାୟରେ ମାଘ-ଯାତ୍ରା ପର୍ବଟି ଖୁବ୍ ସମାରୋହରେ ପାଳିତ ହୁଏ । ଏହାକୁ ପାଳନ ନ କଲେ ଦେବଦେବୀ ଅସନ୍ତୁଷ୍ଟ ହୁଅନ୍ତି ଓ ଭଲ ଫସଲ ହୁଏ ନାହିଁ ବୋଲି ତାଙ୍କର ଦୃଢ଼ ବିଶ୍ୱାସ । ଏହାକୁ ହିନ୍ଦୁମାନେ ଅଗିରା ବା ଅଗ୍ନି ଉତ୍ସବ ବୋଲି କହିଥାନ୍ତି । ଆମଠାରୁ ବହୁ ଦୂରରେ ବଣଜଙ୍ଗଲପୂର୍ଣ୍ଣ ପାର୍ବତ୍ୟ ଅଞ୍ଚଳରେ ଥାଇ ଅଶିକ୍ଷିତ ଆଦିବାସୀମାନେ ମଧ୍ୟ ଏହାକୁ ପାଳନ କରନ୍ତି । ସେମାନେ ହିନ୍ଦୁମାନଙ୍କଠାରୁ ଏହାକୁ ଅନୁକରଣ କରିଛନ୍ତି ବୋଲି କେତେକ ବିଶ୍ୱାସ କରନ୍ତି । ତଥାପି ତାଙ୍କର ଏହି ପୂଜାରେ କେତେକ ବୈଚିତ୍ର୍ୟ ଦେଖାଯାଏ ।

ଏହି ପର୍ବଟି ମାଘ ମାସରେ ଅନୁଷ୍ଠିତ ହେଉଥିବାରୁ ତାର ଏପରି ନାମକରଣ ହୋଇଅଛି । ମାଘ ମାସର ଗୋଟିଏ ଭଲ ଦିନରେ ଏହା ପାଳନ କରାଯାଏ । ଗ୍ରାମର ଜାନି ବା ଜ୍ୟୋତିଷ ପର୍ବର ଦିନ ଠିକ୍ କରନ୍ତି । ପର୍ବର ଦିନ ଠିକ୍ ହେଲପରେ ଗ୍ରାମର ସମସ୍ତଙ୍କୁ ଜଣାଇ ଦିଆଯାଏ । ପର୍ବପାଇଁ ଆଗରୁ ସମସ୍ତେ ପ୍ରସ୍ତୁତ ହୋଇ ରହନ୍ତି । ପର୍ବଦିନରେ କେହି କାମ କରନ୍ତି ନାହିଁ ।

ପର୍ବଦିନ ଗ୍ରାମର ଦେହୁରୀ ବା ପୁରୋହିତ ପୂଜା-ପୂଜି କରନ୍ତି । ଗ୍ରାମବାସୀ ସମସ୍ତେ ମିଶି ବଣକୁ ଯାଇ କାଠ କାଟି ଆଣନ୍ତି । ଗ୍ରାମ ନିକଟ ପଡ଼ିଆକୁ ଆଗରୁ ପରିଷ୍କାର କରାଯାଇଥାଏ । କାଠ ହାଣି ଆଣି ସେମାନେ ଏହି ପଡ଼ିଆକୁ ଆସନ୍ତି । ଗୋଟିଏ ଶ୍ରେଷ୍ଠ ଚତୁର୍ଭୁଜାକାର କ୍ଷେତ୍ରର ଚାରି କୋଣରେ ଖୁଟିଗଡ଼ କାଠ ପୋତା ଯାଇଥାଏ । ଏହି କାଠ ଉପରେ ଆଉ କାଠ ପକା ଯାଇଥାଏ । ସବା ଉପରେ ନଡ଼ା ଓ ଘାସ ପ୍ରଭୃତି ଘୁଡ଼ାଣି ହୁଏ । ଏହା ଗୋଟିଏ କୁଡ଼ିଆପରି ତିଆରି କରାଯାଏ । ଦ୍ୱି-ପ୍ରହର ବେଳକୁ ଦେହୁରୀ ସବୁ ଗ୍ରାମବାସୀଙ୍କ ସହ ସେଠାରେ ସମବେତ ହୁଅନ୍ତି । ଦେହୁରୀ କାଠକୁ କିମ୍ବା ପଥରକୁ ପଥର ଘଷି ନିଆଁ ବାହାର କରନ୍ତି । ଏହି କୁଡ଼ିଆକୁ ନୂଆ ବାହାରିଥିବା ନିଆଁ ସାହାଯ୍ୟରେ ପୋଡ଼ାଯାଏ । ଏଥି ନିମିତ୍ତ କାହାରି ଘରୁ ନିଆଁ ଅଣାଯାଏ ନାହିଁ । ଅଗ୍ନି ସଂଯୋଗ କାର୍ଯ୍ୟ ଦେହୁରୀ କରିଥାନ୍ତି । ସେ ତାଙ୍କର ଆଖିକୁ ନିଆଁ ଲଗାଇବା ସମୟରେ ପିଠାଦ୍ୱାରା ଘୋଡ଼ାଇଥାନ୍ତି । ନିଆଁ ଲାଗିବା ସଙ୍ଗେ ସଙ୍ଗେ ସମବେତ ଜନତା ହରିବୋଲ ପକାଇ ଆନନ୍ଦିତ ହୋଇ ଥାଆନ୍ତି । ସମସ୍ତେ ନିଜ ଘରୁ ନିଆଁ ଲିଭାଇ ଦିଅନ୍ତି ଓ କୁଡ଼ିଆ ଘର ଜଳୁଥିବା ନିଆଁକୁ ନେଇ ନିଜର କାର୍ଯ୍ୟ କରନ୍ତି । ଏହି ନିଆଁକୁ ସେମାନେ ନାନାପ୍ରକାର ଶସ୍ୟ ଏବଂ ଫଳ ପକାଇଥାନ୍ତି । ନିଆଁ ଲିଭିଗଲେ ସେମାନେ ପୋଡ଼ା ଫଳକୁ ପ୍ରସାଦ-ରୂପେ ପାଆନ୍ତି । ପାଉଁଶକୁ ମଧ୍ୟ ସେମାନେ ଖୁବ୍ ପବିତ୍ର ବୋଲି ଭାବନ୍ତି । ସମସ୍ତେ ଏହି ପାଉଁଶକୁ ନେଇ ମୁଣ୍ଡରେ ଲଗାନ୍ତି । ଉପସ୍ଥିତ ଲୋକେ ଏହି ପାଉଁଶକୁ ସେମାନଙ୍କ ନିଜ ଘରକୁ ନେଇଥାନ୍ତି । ସେମାନେ ଏହାକୁ ସେମାନଙ୍କ ଖମାରରେ ପକାନ୍ତି ଏବଂ ଜମିରେ

ମଧ୍ୟ ପକାଇଥାନ୍ତି । ଏହି ପାଉଁଶକୁ ଜମିରେ ପକାଇଲେ ଭଲ ଫସଲ ହୁଏ ବୋଲି ସେମାନଙ୍କର ବିଶ୍ୱାସ । ଖମାରରେ ପକାଇଲେ ସେମାନଙ୍କର ଶସ୍ୟ ନଷ୍ଟ ହୁଏ ନାହିଁ ଏବଂ ସେମାନଙ୍କର ନାନାଭାବରେ ଭଲ ହୁଏ ବୋଲି ମଧ୍ୟ ବିଶ୍ୱାସ । ଏହି ଦିନ ସକାଳୁ ସମସ୍ତେ ଉପବାସ ଥାଆନ୍ତି । ଘର ପୋଡ଼ାପରେ ଦେହୁରୀଙ୍କୁ ଲୋକେ ଟେକି ଟେକି ଘରକୁ ନିଅନ୍ତି । ତାଙ୍କୁ ଚାଲିବାକୁ ଦିଆଯାଏ ନାହିଁ । ଦେହୁରୀ ଘରେ ପହଞ୍ଚିଲାନ୍ତି ଏବଂ ପାଣିଦ୍ୱାରା ଉପସ୍ଥିତ ଲୋକଙ୍କର ପାଦ ଧୋଇ ଦିଅନ୍ତି ଏବଂ ତାଙ୍କ ଘରେ ପ୍ରସ୍ତୁତ ହୋଇଥିବା ପିଠା ସମସ୍ତଙ୍କୁ ବାଣ୍ଟନ୍ତି । ଏହି ପିଠା ପୂଜା ହୋଇଥାଏ ଏବଂ ଏହାକୁ ସମସ୍ତେ ପ୍ରସାଦରୂପେ ଗ୍ରହଣ କରନ୍ତି । ଏହାପରେ ସମସ୍ତେ ନିଜ ନିଜ ଘରକୁ ଫେରନ୍ତି । ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇଥାନ୍ତି । ଏହା ଦୈନନ୍ଦିନ ଖାଦ୍ୟ ଅପେକ୍ଷା ଉତ୍କୃଷ୍ଟ ଧରଣର ହୋଇଥାଏ । ଏହି ଦିନଟିକୁ ସମସ୍ତ ଆନନ୍ଦ-ଉତ୍ସବରେ କଟାଇଥାଆନ୍ତି । ସନ୍ଧ୍ୟା ସମୟକୁ ଆଖଡ଼ାରେ ନାଚଗୀତର ଆୟୋଜନ ହୁଏ । ସମସ୍ତେ ପ୍ରଚୁର ମଦପାନ କରନ୍ତି ଏବଂ ନାଚଗୀତରେ ଯୋଗ ଦିଅନ୍ତି । ଗ୍ରାମର ବାଳକବାଳିକାମାନେ ଗୀତ ଗାଇ ନାଚ କରନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ମଧ୍ୟ ବାଦ୍ୟ ବଜାଇଥାନ୍ତି । ଏମାନଙ୍କର ଏହି ନୃତ୍ୟ ଖୁବ୍ ଆନନ୍ଦପ୍ରଦ ହୋଇଥାଏ । ଏମାନେ ପର୍ବ-ପର୍ବାଣିକୁ ସାଧାରଣତଃ ନୃତ୍ୟଗୀତରେ କଟାଇଥାନ୍ତି । ଏମାନଙ୍କ ପର୍ବପର୍ବାଣିରେ ପୂଜା ଅପେକ୍ଷା ଫୂର୍ତ୍ତିର ସ୍ଥାନ ଉଚ୍ଚରେ । ଏହିପରି ନୃତ୍ୟଗୀତରେ ସମୟ ସମୟରେ ସାରା ରାତି କଟାଇଥାନ୍ତି । କୁମାର-କୁମାରୀମାନେ ଏହି ପର୍ବକୁ ବହୁ ଆଗରୁ ଅପେକ୍ଷା କରିଥାନ୍ତି ଏବଂ ଏଥିପାଇଁ ପ୍ରସ୍ତୁତ ହୋଇଥାନ୍ତି ।

ପରଦିନ ସକାଳୁ ଦେହୁରୀ ସ୍ନାନ ସାରି କୁଡ଼ଆ-ପୋଡ଼ା ସ୍ଥାନକୁ ଯାଆନ୍ତି । ସେ ସେଠାରେ ମୁଠାଏ ଶସ୍ୟ ବୁଣି ଦିଅନ୍ତି । ଏହା ପରେ ଦୁଇଜଣ ଲୋକ ଲଙ୍ଗଳ ସାହାଯ୍ୟରେ ସେ ଭୂମିକୁ ଚଷ କରିଥାନ୍ତି । ଏଥିରେ ଗାଈ ବା ବଳଦର ସାହାଯ୍ୟ ନିଆଯାଇ ନଥାଏ । ଜଣେ ବଳଦର କାର୍ଯ୍ୟ କରି ଲଙ୍ଗଳ ଟାଣେ ଏବଂ ଅପର ଜଣକ ଲଙ୍ଗଳ ଧରେ । ଏହି ଭୂମି ଚଷ ପରେ ସମସ୍ତେ ସେଠାରେ ଉପସ୍ଥିତ ହୁଅନ୍ତି । ସେଠାରେ ଭାତ ରନ୍ଧା ଯାଏ, କୁକୁଡ଼ା, ଛେଳି, ମେଣ୍ଢା ପ୍ରଭୃତି ବଳିପଡ଼େ । ବଳି ମାଂସ ରନ୍ଧାଯାଏ । ସମସ୍ତେ ନିଜ ନିଜର ଭାତ ରାନ୍ଧନ୍ତି ଏବଂ ଭାତ ଓ ମାଂସ ଖାଆନ୍ତି । ମଦ ମଧ୍ୟ ପୂଜା କରାଯାଇଥାଏ । ସମସ୍ତେ ଆକଣ୍ଠ ମଦ୍ୟପାନ କରନ୍ତି । ଏହି ଦିନ ଘରେ କେହି ଖାଆନ୍ତି ନାହିଁ । ପଡ଼ଆରେ ସମସ୍ତେ ଖାଇ ଖିଆପିଆରେ କଟାନ୍ତି ଏବଂ ଘରକୁ ନ ଫେରି ପରଦିନ ସେଠାରୁ ଶୀକାର କରିବାକୁ ଯାଆନ୍ତି ।

ବଣକୁ ସମସ୍ତେ ନିଜ ନିଜର ହାତହତିଆର ଧରି ଶୀକାର କରିବାକୁ ଯାଆନ୍ତି । ଶୀକାରୀମାନେ ସ୍ଥାନ ଦେଖି ଲୁଚି ରହନ୍ତି ଏବଂ ଅନ୍ୟମାନେ ବନ୍ୟଜନ୍ତୁଙ୍କୁ ହୁରୁଡ଼ାଇ ଆଣନ୍ତି । ଶୀକାରୀମାନେ ସୁବିଧା ଦେଖି ତାଙ୍କର ଅସ୍ତ୍ର ସାହାଯ୍ୟରେ ଶୀକାର କରିଥାନ୍ତି । ଶୀକାର କରିବାମାତ୍ରେ ଦେହୁରୀ ଶୀକାରର ରକ୍ତ ବସୁମାତାଙ୍କୁ ଅର୍ପଣ କରନ୍ତି ଓ ସମସ୍ତେ ଶୀକାରସହ ମହାସମାରୋହରେ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଏହି ଦିନ ଶୀକାର ନ କରି ସେମାନେ ଫେରି ଆସନ୍ତି ନାହିଁ । କାରଣ ସେମାନଙ୍କର ବିଶ୍ୱାସ, ଏହି ଦିନ ଶୀକାର ନ ପଡ଼ିଲେ ବର୍ଷସାରା ଶୀକାର ପଡ଼େ ନାହିଁ ।

ଏହି ପୂଜା ପୂର୍ବରୁ ଜୁଆଙ୍ଗମାନେ ଆଦୌ ଚଷ କରନ୍ତି ନାହିଁ କିମ୍ବା କାଠ ହାଣନ୍ତି ନାହିଁ । ଯଦି କେହି କୌଣସି କାର୍ଯ୍ୟବଶତଃ କାଠ ହାଣେ, ତେବେ ସେ ବସୁମାତାଙ୍କୁ ପୂଜାକରେ ଓ କୁକୁଡ଼ା ବଳିଦିଏ । ଏହା ନ କଲେ ଖୁବ୍ ଅମଙ୍ଗଳ ହୁଏ ବୋଲି ସେମାନଙ୍କର ବିଶ୍ୱାସ ।

ଏହି ପର୍ବ ଜୁଆଙ୍ଗ ପିଲାମାନଙ୍କ ଗୋଟିଏ ପ୍ରଧାନ ଉତ୍ସବ । ଏହି ପର୍ବରେ ପିଲାମାନେ ନିଜ ନିଜ ମଧ୍ୟରେ ବନ୍ଧୁତା ସ୍ଥାପନ କରନ୍ତି । ବାଳକମାନେ ନିଜ ନିଜ ମଧ୍ୟରେ ମିତ୍ର, ସାଙ୍ଗ, ମହାପ୍ରସାଦ ପ୍ରଭୃତି ବହୁପ୍ରକାର ବନ୍ଧୁ ହୋଇଥାନ୍ତି । ବାଳିକାମାନେ ମଧ୍ୟ ନିଜ ନିଜ ମଧ୍ୟରେ ବନ୍ଧୁତା ସ୍ଥାପନ କରନ୍ତି । ବନ୍ଧୁ ହେବା ପାଇଁ ଏହି ପର୍ବଟି ବାଳକବାଳିକାମାନଙ୍କର ଗୋଟିଏ ପ୍ରଧାନ ଦିନ । ବନ୍ଧୁ କରିବାପାଇଁ ସେମାନେ ଏହି ଦିନକୁ ଅପେକ୍ଷା କରିଥାନ୍ତି । ଏକା ନାଁ ହୋଇଥିଲେ ବାଳକମାନେ ମିତ୍ର ବସନ୍ତି । ପରସ୍ପର ପରସ୍ପରକୁ ସାତ ମୁଠା ଅରୁଆ ଚାଉଳ ଓ କିଛି ହଳଦୀ ପ୍ରଦାନ କରନ୍ତି ଏବଂ ପରସ୍ପରକୁ ମିତ୍ର ଭାବରେ ନମସ୍କାର କରନ୍ତି । ସାଙ୍ଗ ବସିବାରେ ନାଁ ଏକା ହେବାର କୌଣସି ଆବଶ୍ୟକତା ନ ଥାଏ । ଏହା ମଧ୍ୟ ସେହିପରି ଚାଉଳ ଓ ହଳଦୀ ଆଦାନପ୍ରଦାନରେ ହୋଇଥାଏ । ମହାପ୍ରସାଦ ବସିବାକୁ ହେଲେ ଜଣେ ଅପର ପାଟିରେ କିଛି ଅରୁଆ ଚାଉଳ ଦେଇଥାଏ ଏବଂ ଅପର ଜଣକ ମଧ୍ୟ ସେହିପରି କରିଥାଏ । ଏହାପରେ ସେମାନେ ନମସ୍କାର ଆଦାନପ୍ରଦାନ ହୋଇଥାନ୍ତି । ମିତ୍ର, ସାଙ୍ଗ ଓ ମହାପ୍ରସାଦ ବନ୍ଧୁମାନେ ପରସ୍ପରକୁ ନିଜ ଘରକୁ ଡାକଥାନ୍ତି ଏବଂ ସୁଖାଦ୍ୟଦ୍ୱାରା ସେମାନଙ୍କୁ ଆପ୍ୟାୟିତ କରିଥାଆନ୍ତି । ଏହା ବ୍ୟତୀତ ସେମାନେ ପରସ୍ପରକୁ ଲୁଗା ମଧ୍ୟ ପିନ୍ଧାଇଥାନ୍ତି । ପର୍ବପର୍ବାଣିମାନଙ୍କରେ ଏହି ବନ୍ଧୁମାନେ ପରସ୍ପରଙ୍କ ମଧ୍ୟରେ ଲୁଗା ଓ ସିଧା ଚାଉଳ ଶସ୍ୟ, ପନିପରିବା ଆଦାନପ୍ରଦାନ କରନ୍ତି । ଏହିପରି ବନ୍ଧୁ ସେମାନେ ସାରା ଜୀବନ ରହିଥାନ୍ତି ଏବଂ ଦିଆନିଆ କରି ନିଜର ସଂସାରକୁ ସୁଖମୟ କରନ୍ତି ।

ବାଳିକାମାନେ ମଧ୍ୟ ଏହି ବନ୍ଧୁ ହୋଇଥାନ୍ତି । ଏମାନଙ୍କ ମଧ୍ୟରେ ସାଙ୍ଗ କରମଡାଳ, ମକର ପ୍ରଭୃତି ବହୁ ବନ୍ଧୁ ଦେଖାଯାଏ । ଏମାନଙ୍କର ସାଙ୍ଗ ବସିବା ବାଳକମାନଙ୍କର ସାଙ୍ଗ ବସିବା ସଙ୍ଗେ ସମାନ । ମକରଯାତ୍ରା ସମୟରେ ଏମାନେ ମକର ବସନ୍ତି । କରମଡାଳ ବସିବାକୁ ହେଲେ ଜଣେ ଅପର କାନରେ କରମ ଫୁଲ ଖୋସିଦିଏ । ଅପର ଜଣକ ମଧ୍ୟ ତାହା କରିଥାଏ । ଏହାପରେ ସେମାନେ ନମସ୍କାର ଆଦାନପ୍ରଦାନ ହୁଅନ୍ତି । ବାଳକମାନଙ୍କ ପରି ବାଳିକାମାନେ ମଧ୍ୟ ଅପରକୁ ନିଜ ଘରକୁ ଡାକିଥାନ୍ତି ଏବଂ ଖାଦ୍ୟ ଦେବା ସଙ୍ଗେ ସଙ୍ଗେ ଲୁଗା ପିନ୍ଧାଇଥାନ୍ତି ।

ମାଘ ଯାତ୍ରାର ପରଦିନ ବାଳକମାନେ ଏକାଠି ଘର ଘର ହୋଇ ପିଠା ମାଗି ବୁଲନ୍ତି । ସେମାନେ ଦୁଇ ଖଣ୍ଡ ଲେଖାଏଁ କାଠି ଧରିଥାନ୍ତି ଏବଂ କାଠି ବାଡେଇ ଏକ ରକମ ଗୀତ ବୋଲନ୍ତି । ପ୍ରତ୍ୟେକ ଗୃହିଣୀ ସେମାନଙ୍କୁ ପିଠା ଓ ନାନା ପ୍ରକାର ଫଳ ଦେଇଥାନ୍ତି । ସେମାନେ ଏହି ସଂଗୃହୀତ ପିଠାକୁ ନଈକୂଳରେ ଏକାଠି ବସି ଖାଆନ୍ତି । ଏହି ପ୍ରକାର ରୀତି ମଧ୍ୟ ଆମ ହିନ୍ଦୁ ସମାଜରେ ଥିବାର ଦେଖାଯାଏ ।

# ହଡ଼ ଓ ସେମାନଙ୍କ ଭାଷା

ଶ୍ରୀ ପଞ୍ଚାନନ ମାରଣ୍ଡି

ମୁଣ୍ଡା, ହୋ, ସାନ୍ତାଳ, ମାହାଲୀ, ବୀରହଡ଼ ପ୍ରଭୃତି ଆଦିମ ଜାତିର ଲୋକେ ଭାରତର ଓଡ଼ିଶା, ବିହାର, ବଙ୍ଗ, ଆସାମ, ମଧ୍ୟ-ପ୍ରଦେଶ ଓ ବିନ୍ଧ୍ୟ-ପ୍ରଦେଶରେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି । ଏଣୁ ସେମାନଙ୍କ ବିଷୟରେ ଜନସାଧାରଣ ନାନା କଥା ଜାଣିବାକୁ ଚାହିଁବା ସ୍ୱାଭାବିକ । ଆଜି କେବଳ ସେମାନଙ୍କର ଭାଷା ଓ ସାହିତ୍ୟ ବିଷୟରେ ହିଁ ବିଶେଷ ଭାବରେ ଆଲୋଚନା କରାଯାଉଛି ।

"ହଡ଼" କିଏ ? ଉପରେ କୁହାଯାଇଥିବା ଆଦିମ ଜାତିର ଲୋକେ ସେମାନଙ୍କ ନିଜ ଭାଷାରେ ହଡ଼ ନାମରେ ମୁଖ୍ୟତଃ ପରିଚିତ । ହଡ଼ମାନେ ପୃଥିବୀର ଜାତି ବିଭାଗ ଅନୁସାରେ 'ମେଲପାଲ ନେଶିଆନ'ର ଅନ୍ତର୍ଗତ ବୋଲି ନୃତତ୍ତ୍ୱବିତ୍‌ମାନେ ସ୍ଥିର କରନ୍ତି ଏବଂ ଭାରତୀୟ ଜାତି ବିଭାଗ ଅନୁସାରେ ଏମାନେ 'ମୁଣ୍ଡାରୀ ଭାଷା ପରିବାର' ଅନ୍ତର୍ଗତ ଅଟନ୍ତି । ପୂର୍ବ-କାଳରେ ଏମାନେ 'ଖେରୱାଡ଼' ବୋଲି ନିଜକୁ ପରିଚୟ ଦେଉଥିଲେ ଏବଂ ବର୍ତ୍ତମାନ ମଧ୍ୟ 'ଖେରୱାଡ଼ ବଂଶ' ବୋଲି ପରିଚୟ ଦେବାକୁ ଅତ୍ୟନ୍ତ ଗୌରବ ମନେ କରନ୍ତି । ଏମାନେ ଯେତେ-ବେଳେ ବଙ୍ଗ ଦେଶର ସାଁତ୍ ଭୂମି ନାମକ ସ୍ଥାନରେ ବେଶି ସଂଖ୍ୟାରେ ବାସ କରୁଥିଲେ, ସେତେବେଳେ 'ସାଁତ୍ ହଡ଼' ବା ଶାନ୍ତ ଭୂମିର ମନୁଷ୍ୟ ବୋଲି ନିଜକୁ ପରିଚୟ ଦେଉଥିଲେ । କାଳକ୍ରମେ 'ସାଁତ ହଡ଼' କହୁଁ କହୁଁ ଏମାନଙ୍କ ମଧ୍ୟରୁ କେତେକ 'ସାନ୍ତାଡ଼' ହୋଇଗଲେ ବୋଲି ଅନୁମାନ କରାଯାଏ । କେହି କେହି କହନ୍ତି, ଏମାନେ ସାଁତ୍ ଭୂମିରେ ବାସ କରୁଥିଲା-ବେଳେ Sutherland ନାମକ ସାହେବ ଏମାନଙ୍କୁ ନିଜ ନାମ ଅନୁସାରେ 'ସନ୍ଥାଡ଼' ଆଖ୍ୟା ଦେଲେ । ସେ ଯାହା ହେଉ 'ସାନ୍ତାଡ଼' ଶବ୍ଦ ଅପେକ୍ଷା 'ଖେରୱାଡ଼' ଓ 'ମୁଣ୍ଡା' ଶବ୍ଦ ଅତି ପ୍ରାଚୀନ ବୋଲି ବିଶ୍ୱାସ ହୁଏ ।

ପ୍ରବାଦ ଅଛି, ପୂର୍ବକାଳରେ 'ଖେରୱାଡ଼ ବୀର' ନାମକ ଜଣେ ଅସାଧାରଣ ବୀର ଆଦିମ ଜାତିର ଲୋକଙ୍କୁ ଦୁର୍ଦ୍ଦାନ୍ତ ଦାନବଙ୍କ କବଳରୁ ରକ୍ଷା କରିଥିଲେ ବୋଲି ତାଙ୍କ ନାମାନୁସାରେ 'ଖେରୱାଡ଼ ବଂଶ' ନାମରେ ଅଭିହିତ ହେଲେ । C. L. Mukharjeeଙ୍କ ଲିଖିତ 'The Santhals' ରେ ମଧ୍ୟ ଖେରୱାଡ଼ ବୀରଙ୍କ ବିଷୟ ଉଲ୍ଲେଖ ଥିବାର ଦେଖିବାକୁ ମିଳେ ।

ହଡ଼ମାନଙ୍କର ଭାଷା ନାହିଁ ବୋଲି ଆଜି ପର୍ଯ୍ୟନ୍ତ ଅନେକଙ୍କର ଧାରଣା ରହିଛି । ସେମାନଙ୍କ ମତରେ ଏମାନେ ଏକପ୍ରକାର 'ଠାର' ଦ୍ୱାରା ଭାବ ଆଦାନ ପ୍ରଦାନ କରନ୍ତି । ହସ୍ତ ପଦ, ଅଙ୍ଗୁଳି, ଭ୍ରୂଲତା ଓ ମୁଖଭଙ୍ଗୀଦ୍ୱାରା ନାନାପ୍ରକାର ଯେଉଁ ଇଙ୍ଗିତ କରାଯାଏ, ତାହାକୁହିଁ ଠାର ବୋଲି କୁହାଯାଏ । ମାତ୍ର ହଡ଼ମାନଙ୍କର ସ୍ୱତନ୍ତ୍ର ଭାଷା ଓ ସାହିତ୍ୟ ରହିଅଛି । ସେମାନଙ୍କର ଭାଷାରେ ସଂସ୍କୃତ ଭାଷା ପରି ଏକବଚନ, ଦ୍ୱିବଚନ ଓ ବହୁବଚନ ଅଛି । ସଂସ୍କୃତ ଏବଂ ପାର୍ଶି ଭାଷାକୁ ବାଦ ଦେଲେ ଭାରତର ଅନ୍ୟ କୌଣସି ଆର୍ଯ୍ୟ ଭାଷାରେ ଦ୍ୱିବଚନ ଦେଖିବାକୁ ମିଳେ ନାହିଁ । ଏଥିରୁ ଅନୁମାନ କରାଯାଇପାରେ ଯେ ହଡ଼ମାନଙ୍କର ମୁଣ୍ଡାରୀ ମଧ୍ୟ ସଂସ୍କୃତ ଭାଷା ପରି ଅତି ପ୍ରାଚୀନ ଭାଷା

ଅଟେ । ତଳେ କେତୋଟି ଉଦାହରଣ ଦିଆଯାଉଅଛି ।

(ଏକବଚନ) (ଦ୍ୱିବଚନ) (ବହୁବଚନ)

| | | | |
|---|---|---|---|
| ମୁଣ୍ଡାରୀ ... | ଇଞ୍ଜ ... | ଆଲଞ୍ଜ୍ ... | ଆଲେ |
| | ଇଞ୍ଜ ... | ଅଲଂ ... | ଅବ |
| ସଂସ୍କୃତ ... | ଅହଂ ... | ଆବାଂ ... | ବୟଂ |
| ମୁଣ୍ଡାରୀ ... | ହଡ଼ ... | ହଡ଼କିନ ... | ହଡ଼କ |
| ସଂସ୍କୃତ ... | ନରଃ ... | ନରୌ ... | ନରାଃ |

ଇନ—ସେ, ପାଖରେ ଥିବା ଲୋକକୁ ବୁଝାଏ ।

ଉନକିନ—ସେମାନେ (ଦୁଇଜଣ), ପାଖରେ ଥିବା ଲୋକ ଦୁଇଜଣଙ୍କୁ ବୁଝାଏ ।

ଉନକୁ—ସେମାନେ, ପାଖରେ ଥିବା ବହୁଲୋକଙ୍କୁ ବୁଝାଏ ।

ହାନ—ସେ, ଦୂରସ୍ଥିତ ଲୋକଙ୍କୁ ବୁଝାଏ ।

ହାନକିନ—ସେମାନେ (ଦୁଇଜଣ), ଦୂରସ୍ଥିତ ଲୋକ ଦୁଇଜଣଙ୍କୁ ବୁଝାଏ ।

ହାନକୁ—ସେମାନେ, ଦୂରସ୍ଥିତ ବହୁଲୋକଙ୍କୁ ବୁଝାଏ ।

ହଡ଼ମାନଙ୍କର ଜୀବନ ଗୀତ ଓ ନାଚରେ ପରିପୂର୍ଣ୍ଣ । ଗୀତହିଁ ଏମାନଙ୍କର ଏକ ଅମୂଲ୍ୟ ସମ୍ପଦ—ଯାହା କି ଏମାନଙ୍କୁ ସଂସାରର ସଂଘର୍ଷ ଜୀବନଯାତ୍ରାରେ ହସିଖେଳି ଆଗେଇ ଚାଲିବାକୁ ପ୍ରେରଣା ଦେଉଅଛି ।

ହଡ଼ମାନଙ୍କର ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କ ରହିଅଛି । ଏଥି ନିମନ୍ତେ ପୃଥିବୀର ବିଭିନ୍ନ ରୂପ-ରସ ଗନ୍ଧପୂର୍ଣ୍ଣ ଗଛ-ଲତା, ଫୁଲ-ଫଳ, ପଶୁ-ପକ୍ଷୀ, ନଦୀ ଓ ଝରଣାର ଆକୃତିପ୍ରକୃତି ସହ ହଡ଼ମାନେ ନିଜର ଅନୁଭୂତି ଓ କଳ୍ପନାକୁ ଜଡ଼ିତ କରି ପାରି ଅଛନ୍ତି । ଏମାନଙ୍କ ଗୀତରେ ପ୍ରାକୃତିକ ସୌନ୍ଦର୍ଯ୍ୟର ବର୍ଣ୍ଣନା, କାମଜିଜ୍ଞାନ ଓ ମନୋବିଜ୍ଞାନର ବର୍ଣ୍ଣନା, କର୍ମ ଓ ଜୀବନର ବର୍ଣ୍ଣନା, ଗାର୍ହସ୍ଥ୍ୟ ଓ ଦାମ୍ପତ୍ୟ ଜୀବନର ବର୍ଣ୍ଣନା ମଧ୍ୟ ଅତି ଚମତ୍କାର ଛନ୍ଦରେ ରଚନା କରାଯାଇଅଛି । ଉଦାହରଣ ପାଇଁ କେତେଟି ଗୀତ ଦିଆଯାଉ ।

"କରି ବାଲଗେରେ ମାଲହାନ ବାହା, ଚିଓ ବଛକ ଗେମ ବାହ ଏନା ଡାଙ୍ଗୁଆ ରୂପଗେଞ୍ଜ ଛାହେଁ କଃଖାନ, ଆମ ଦହୁନାଂ ଇଞ୍ଜ କାହା କେମା ।"

ବଗିଚାର ଶିମ୍ବଫୁଲ ଦେଖି ଜଣେ ଅବିବାହିତ ଯୁବକ ଅତ୍ୟନ୍ତ ଦୁଃଖ ପ୍ରକାଶ କରେ । ସେ ଅବିବାହିତ ଥିଲେ ଶିମ୍ବଫୁଲ (ଯୁବତୀ)ଙ୍କୁ ନିଜର କରି ପାରି ଥାଆନ୍ତା ।

ଦେଖନ୍ତୁ ସାମାନ୍ୟ ଫୁଲ ପାଇଁ ଅବିବାହିତ ଯୁବକ କିପରି ବ୍ୟାକୁଳ ?

( ବିର୍-ସେରେଞ୍ଜ )

ପ୍ରେମ-ସଙ୍ଗୀତ

"କାଲେ ସାକାମ୍ ଝୁଲ୍ ଚାଲାରେ—ଏତେ କୟେଲ୍ ଅକା ଜ ଲାତେ ମନେ ଜିଓରେ, ଲଃ ଲୋକା ଦାନେମ୍ ସେରେଞ୍ଜା ?"

"ଇଞ୍ଜ ହିଁ କୟେଲ ଆମ୍ ଲୋକାଗେ—ହାଟିତରି ଗାତେ ଜାଲାତେ ସିଙ୍ଗେ ଞିନ୍ଦା, ମନେ ମନେ ତେଞ୍ଜ ହମର୍ ହାଲାଂ ଆଁ ।"

ଅର୍ଥ—ହେ କୋଇଲି ! ନବ ପଲ୍ଲବିତ ପତ୍ର ଉହାଡ଼ରେ ଥାଇ କାହାପାଇଁ ଏତେ ବ୍ୟାକୁଳ ହୋଇ ମର୍ମଭେଦୀ ସ୍ୱରରେ ଗାନ କରୁ ?

ହେ କୋଇଲି ! ମୋର ମଧ୍ୟ ଏହି ନବ ଯୌବନରେ ସଙ୍ଗୀ ନ ଥିବାରୁ ଦିନରାତି ମୁଁ ମନେ ମନେ କେତେ ନ କାନ୍ଦୁଛି !

( ଦଂ ଗୀତ )

ଚାଲ ବଙ୍ଗାମ୍ ବୁଗି ଜିଓମ୍ ସିର୍ଜାଓ ।
ଚାଲ ବଙ୍ଗାମ୍ ବୁଗି ଜିୟମ୍ ଜଲଓ ।
କିଁଡ଼ଦମ୍ ସିର୍ଜାଓ ଚାନ୍ଦ, ଜିଓଦ ତାରା ତ'ରା ।
ଜିଓଜମ୍ ଜାଲାଓ ଚାନ୍ଦ, ଜିୟମ୍ ଗଠାଃ ( ହର ସେରେଞ୍ଜ ) ।

ଏହାର ଓଡ଼ିଆ ଭାଷାରେ ଭାବାନୁବାଦ ଏପରି ହେବ—

ଆହା ! କି ବିଚିତ୍ର ଈଶ୍ୱର-ସୃଷ୍ଟି ।
ଅର୍ଦ୍ଧାଙ୍ଗ ପୁରୁଷ ଅର୍ଦ୍ଧାଙ୍ଗ ନାରୀ ।
ଏକର ବିହୁନେ ପୂର୍ଣ୍ଣ ଆନ ।
ତେଣୁ ଯୋଡ଼ା ହୁଏ ବେନଙ୍କ ପ୍ରାଣ ।

ମୁଣ୍ଡାରୀ ଭାଷାରେ ଏପରି କେତେକ ଉଚ୍ଚାରଣ ଅଛି, ଯେଉଁଗୁଡ଼ିକ କି କୌଣସି ଲିପି ସାହାଯ୍ୟରେ ଲେଖି ସ୍ପଷ୍ଟଭାବରେ ପ୍ରକାଶ କରାଯାଇ ପାରେ ନାହିଁ । ଉଦାହରଣ ସ୍ୱରୂପ କୁହାଯାଇ ପାରେ—'ମାତ୍' (ବାଉଁଶ), ଯାହାର ଉଚ୍ଚାରଣ କି ମୁହଁ ଭିତରେ ଟାଣି ହୋଇ ରହେ । 'କାଃ' (ଜଗ)—'କହ' ଉଚ୍ଚାରଣ ନ ହୋଇ 'ଃ' ର ଉଚ୍ଚାରଣ ପେଟ ଭିତରକୁ ଟାଣି ନେବାକୁ ହୁଏ । ଏହିପରି ଅନେକ ଉଦାହରଣ ଦିଆଯାଇପାରେ । ମୁଣ୍ଡାରୀ ଭାଷା ଲେଖିବାର ଉକ୍ତ ଅସୁବିଧା "Materials for Santali Grammar" ପଢ଼ିଲେ ଅନ୍ୟ ଭାଷାଭାଷୀ ଲୋକ ସହଜରେ ଅନୁମାନ କରି ପାରିବେ । ଏହି ଅସୁବିଧା ଦୂର କରିବା ନିମନ୍ତେ ଡକ୍ଟର ରଘୁନାଥ ମୁର୍ମୁ ୧୯୩୯ ମସିହାରେ ମୁଣ୍ଡାରୀ ଲିପିର ସଂସ୍କାର କରିଥିଲେ । ଉକ୍ତ ଲିପିକୁ ମୁଣ୍ଡାରୀ ଭାଷାରେ 'ଅଲ୍' ବୋଲି କହନ୍ତି । ରାଇରଙ୍ଗପୁରଠାରେ ଥିବା "ଅଲ୍ ପ୍ରେସ"ରୁ ଅଲ ଲିପି ସାହାଯ୍ୟରେ କେବେ କେବେ ପୁସ୍ତକାଦି ମଧ୍ୟ ପ୍ରକାଶିତ ହେଉଅଛି ।

ମୁଣ୍ଡାରୀ ଭାଷାର ଉନ୍ନତିବିଧାନ ଉଦ୍ଦେଶ୍ୟରେ "ହଡ଼୍-ସମ୍ବାଦ" ଓ "ପେଲା ହଡ଼" ନାମକ ଦୁଇଟି ସାପ୍ତାହିକ ଏବଂ "ସାଗେନ୍ ସାକାମ୍" ନାମକ ଗୋଟିଏ ମାସିକ ପତ୍ରିକା ପ୍ରକାଶିତ ହେଉଅଛି । ଉକ୍ତ ପତ୍ରିକାମାନଙ୍କରେ ମୁଣ୍ଡାରୀ-ଭାଷାଭାଷୀ ଲେଖକମାନଙ୍କର ଲେଖା ସବୁ ପ୍ରକାଶିତ ହୁଏ । ଏହିପରି ଭାବରେ ମୁଣ୍ଡାରୀ ଭାଷାକୁ ଉନ୍ନତ ସ୍ତରକୁ ନେବାର ଚେଷ୍ଟା କରାଯାଇ-ଅଛି । କଲିକତା ଓ ପାଟଣା ବିଶ୍ୱ-ବିଦ୍ୟାଳୟରେ ଏହି ଭାଷା ଜରିଆରେ ମାଧ୍ୟମିକ ପରୀକ୍ଷା ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଅଛି । ଆଶା କରାଯାଏ, ମୁଣ୍ଡାରୀ ଭାଷା ଦିନେ ସ୍ୱାଧୀନ ଭାରତରେ ଅନ୍ୟାନ୍ୟ ଭାଷା ପରି ସମୃଦ୍ଧିଶାଳୀ ଓ ଉନ୍ନତ ହେବ ।

# କରୁଆ

## ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ

ସୁନ୍ଦରଗଡ଼ ଜିଲ୍ଲାର ୫୧ ଲକ୍ଷ ଲୋକସଂଖ୍ୟା ମଧ୍ୟରୁ କରୁଆମାନଙ୍କର ସଂଖ୍ୟା ପ୍ରାୟ ଏକ ହଜାରରୁ ସାମାନ୍ୟ ଊର୍ଦ୍ଧ୍ୱ ହେବ । ଏମାନେ ଉକ୍ତ ଜିଲ୍ଲାର ଉତ୍ତର ପଶ୍ଚିମାଞ୍ଚଳରେ ବିଶେଷ କରି ଲେଫ୍ରିପଡ଼ା ଥାନାର ସାତକୋଶିଆ ପର୍ବତ ମଧ୍ୟରେ ଓ ତଲସରା ଥାନାର କଞ୍ଜିରକେଲା ଇଲାକା ଏବଂ ଦଲଆ ପ୍ରଗନା ମଧ୍ୟରେ ବିକ୍ଷିପ୍ତ ହୋଇ ବାସ କରନ୍ତି । ସାଧାରଣତଃ ଏମାନଙ୍କୁ ଜଙ୍ଗଲପରିପୂର୍ଣ୍ଣ ପର୍ବତ ମଧ୍ୟରେ ଦେଖିବାକୁ ମିଳେ ।

କରୁଆମାନଙ୍କର ଅତୀତ ଇତିହାସ ବିଷୟରେ ବିଶେଷ କିଛି ଜଣାନାହିଁ । ଲୋକମୁଖରୁ ଶୁଣିବାକୁ ମିଳେ ଯେ, ଏମାନେ ପୂର୍ବେ ଜଙ୍ଗଲପାହାଡ଼ରେ ରହି ବିଗିଙ୍ଗା ବା ପୋଡ଼ୁ ଚାଷ କରୁଥିଲେ । ଭୂଇଁଆ ଜମିଦାର ଓ ପ୍ରଗନାଦାରମାନଙ୍କୁ ସୋରିଷ, ବିରି, ମହୁ ଏବଂ ସମୟେ ସମୟେ ବନ୍ୟ ଜନ୍ତୁଙ୍କର ମାଂସ ପ୍ରଭୃତି ଭେଟି ଦେଉଥିଲେ । ଗାଙ୍ଗପୁରର ତତ୍କାଳୀନ ମହାରାଜ ଶ୍ରୀ ରଘୁନାଥ ଶେଖର ଦେଓ ବନ୍ୟ-ସମ୍ପଦର ନଷ୍ଟ ସହ୍ୟ କରି ନ ପାରି ଜଙ୍ଗଲ ଆଇନକୁ କଠିନ କଲେ । ରାଜ୍ୟସରକାରଙ୍କ ଦୃଷ୍ଟିରୁ ଦୂରରେ ରହିବାପାଇଁ କରୁଆମାନେ ଘୋର ଜଙ୍ଗଲ ଓ ପାହାଡ଼ ମଧ୍ୟକୁ କ୍ରମେ ପଳାଇ ଯାଇ, ଲୁଚେଇ ଛପେଇ ପୂର୍ବପରି ପୋଡ଼ୁ ଚାଷ କରିବାକୁ ଲାଗିଲେ । ଏହା ପ୍ରାୟ ସତୁରି ବର୍ଷ ଆଗର ଘଟଣା ହେବ । ପୋଡ଼ୁ ଚାଷ କରୁଥିବା ହେତୁ ଏମାନେ କୌଣସି ଗୋଟିଏ ସ୍ଥାନରେ ଜମିବାଡ଼ି, ଘରଦ୍ୱାର କରି ସ୍ଥାୟୀ ହୋଇ ରହି ପାରିଲେ ନାହିଁ । ପାଞ୍ଚ ଛଅ ବର୍ଷ ବ୍ୟବଧାନରେ ଗୋଟିଏ ସ୍ଥାନ ଛାଡ଼ି ଆଉ ଗୋଟିଏ ସ୍ଥାନକୁ ଉଠି ଯାଉଥିବାରୁ ହଳବଳଦ ରଖି ଚାଷକାମ କରିବା ପ୍ରବୃତ୍ତି ସେମାନଙ୍କର ନଥିଲା । ପୂର୍ବପରି ପୋଡ଼ୁ ଚାଷ କରିବାକୁ ବର୍ତ୍ତମାନ ଏମାନେ ସୁଯୋଗସୁବିଧା ପାଉ ନାହାନ୍ତି । ପୂର୍ବେ ଜଙ୍ଗଲରୁ ଚେରମୂଳ ସଂଗ୍ରହ କରି ଯେପରି ଚଳୁଥିଲେ, ଏବେ ମଧ୍ୟ ସେହିପରି ଚଳୁଛନ୍ତି ।

କରୁଆମାନଙ୍କ ବିଷୟରେ ଅନେକ ଆମୋଦପୂର୍ଣ୍ଣ କାହାଣୀ ଶୁଣିବାକୁ ମିଳେ । ଏମାନେ ବଡ଼ ସାହସୀ । ଧନୁ, ତୀର, କୁରାଢ଼ି ଓ ଫାଳସିଆ ଏମାନଙ୍କର ନିତ୍ୟ ସହଚର । ସକାଳ ହେବା ମାତ୍ରେ ପୁରୁଷମାନେ ଶିକାର, ମହୁ ଓ କନ୍ଦା ଅନ୍ୱେଷଣରେ ଜଙ୍ଗଲକୁ ବାହାରି ପଡ଼ନ୍ତି । ଶିକାର ମିଳିଲେ ଶୀଘ୍ର ବାହୁଡ଼ି ଆସନ୍ତି ? ନଚେତ୍ ସାରା ଦିନଟି ଜଙ୍ଗଲର ଫଳମୂଳ ଖାଇ ଝରଣାର ଶୀତଳ ପାଣି ପିଇ ସୂର୍ଯ୍ୟାସ୍ତ ପୂର୍ବରୁ ଖେରା, ମୂଷା, ପଣ୍ଡୁକା, ତିତିର, ଗୁଣ୍ଡୁରୁ ପ୍ରଭୃତି ଗୋଟାଏ ଦୁଇଟା ମାରି ଘରକୁ ଫେରନ୍ତି । ଘରଣୀ ଯଦି କିଛି ଯୋଗାଡ଼ କରି ରାନ୍ଧିଥାଏ ତ ଭଲ, ନହେଲେ ମାରି ଆଣିଥିବା ଜୀବକୁ ପୋଡ଼ି, ଲୁଣ ଓ ଲଙ୍କା ଦେଇ ଖାଆନ୍ତି । ହରିଣ, ସମ୍ବର, ବାର୍ହା ପ୍ରଭୃତି ମିଳିଲେ ତାର ମାଂସକୁ ଲୁଚେଇ ଛପେଇ ଆଖପାଖ ଗାଁରେ ବିକିଥାନ୍ତି । ଜନ୍ତୁ ହାଡ଼ଗୁଡ଼ିକୁ ଗୋଟିଏ ହାଣ୍ଡିରେ ନିଜ ବ୍ୟବହାର ପାଇଁ ସିଦ୍ଧ କରନ୍ତି । ମହୁଲ ସିଝା ପ୍ରଭୃତି ସହିତ ଏହି ହାଡ଼ରସକୁ ବ୍ୟବହାର କରନ୍ତି । ବର୍ଷରେ ଅଧିକାଂଶ ଦିନ ଜଙ୍ଗଲର ଚେରମୂଳ ପ୍ରଭୃତିରେ ଚଳିଯାଆନ୍ତି । ସାଧାରଣତଃ ଦିନରେ ଥରେ ଚୁଲି ଲଗାନ୍ତି ।

ପାହାନ୍ତିଆ କୁକୁଡ଼ା ଡାକିବା ପରେ ପରେ, ଘରଣୀ ବିଛଣାରୁ ଉଠି ପଡ଼ି ଘରକାମରେ ଲାଗିଯାଏ । ଗାଁଭିତରକୁ ବନ୍ଧି କରି ନେବାକୁ କିଛି ଥିଲେ ସେଗୁଡ଼ିକୁ ସଂଇତି ରଖେ, ଘରଦ୍ୱାର ସଫା କରେ—ପାଣି ଆଣେ । ଗୋଟେଇ ଆଣିଥିବା ଗୋବରରେ ଘର ଲିପେ । ସୂର୍ଯ୍ୟୋଦୟ ହେବାର କିଛି ସମୟ ପରେ ସେ ପାଖ ଗାଁକୁ ସଉଦା କରି ଯିବାପାଇଁ ବାହାରି ପଡ଼େ ଓ ଫେରିଲେଉଟା ବେଳକୁ ଫେରେ । ସଉଦା ପାଇଁ କିଛି ନଥିଲେ ସେ ଟୋକେଇ, ଖଣତି କିମ୍ବା କୁରାଢ଼ିଟାଏ ଧରି ଗାଁ ପାଖ ଜଙ୍ଗଲକୁ କନ୍ଦା ଖୋଜିବାକୁ ଯାଏ । କନ୍ଦା ନ ମିଳିଲେ କରଡ଼ି, ହେଣ୍ଡୁଆ ଓ ଖଡ଼କା କାଠି କରିବା ପାଇଁ ବାଉଁଶ ଆଣେ । ଶିଆଳିପତ୍ର, କେନ୍ଦୁ, ମହୁଲ, ପିପଲ କନ୍ଦା ପ୍ରଭୃତି ସଂଗ୍ରହ କରେ ।

କଅଁଳ ବାଉଁଶ ଗଜାର ଉପର ଅଂଶକୁ ବାଦ ଦେଲେ, ତାହା ଭିତରକୁ ଯେଉଁ ଧଳା ଅଂଶ ବାହାରେ, ତାକୁ ସରୁ ସରୁ କରି କାଟିବାକୁ ହୁଏ । ଏଗୁଡ଼ିକୁ ତିନି ଚାରିଦିନ ପାଣିରେ ପକେଇ ରଖିବା ପରେ ସେଗୁଡ଼ିକ ନରମ ହୋଇଯାଏ । ଏହାକୁ କରଡ଼ି କହନ୍ତି । କରଡ଼ି ଶୁଖିଗଲେ ତାକୁ କୁଟି ଗୁଣ୍ଡ କରିବାକୁ ହୁଏ । ଏହାକୁ ହେଣ୍ଡୁଆ କହନ୍ତି । ଅବଶ୍ୟ ପାଗ କରିବା ସମୟରେ ଟିକିଏ ସାବଧାନ ହେବାକୁ ପଡ଼େ । ଏହା ସାମାନ୍ୟ ଆମ୍ବିଳା ଲାଗେ । କେହି କେହି କରଡ଼ି ଓ ହେଣ୍ଡୁଆକୁ ଖଟାରେ ବ୍ୟବହାର କରନ୍ତି । ବିଲାତି ବାଇଗଣ ସହିତ ହେଣ୍ଡୁଆ ରାନ୍ଧିଲେ ତାହା ସୁସ୍ୱାଦୁ ହୋଇଥାଏ । ଟିକିଏ ହେଣ୍ଡୁଆ ଅନୁପାତ ପରିମାଣରେ ଲୁଣ, ଗୋଟିଏ ଲଙ୍କାମରିଚ ଓ ଗୋଟିଏ ପୋଡ଼ା ବିଲାତି ବାଇଗଣ ହେଲେ ତରକାରୀର ପ୍ରୟୋଜନ ହୁଏ ନାହିଁ । ମୁଢ଼ି, ମୁଗ ପ୍ରଭୃତି ଭଜାଭଜି କରିବା ପାଇଁ ଲୋକେ ବାଉଁଶ ଖଡ଼କା କାଠି ବ୍ୟବହାର କରନ୍ତି । କରୁଆଘରଣୀ ଏସବୁ ସଂଗ୍ରହ କରି ଗାଁ ଭିତରକୁ କିମ୍ବା ହାଟକୁ ଯାଏ । ଏଇଥିରୁ ଯାହା ମିଳେ, ସେଥିରେ ସେ ତା ପରିବାରର ଗୁଜରାଣ ମେଣ୍ଟାଏ । ସ୍ତ୍ରୀମାନଙ୍କ ଅପେକ୍ଷା ପୁରୁଷମାନେ ହାଟ ବଜାରରେ କମ ଭାଗ ନିଅନ୍ତି । ଯଦି ହାଟ କରିବା ପାଇଁ କିଛି ନ ଥାଏ, ତେବେ ସେ ଖଜୁରିପତ୍ର ସଂଗ୍ରହ କରି ପଟିଆ ବା ମସିଣା ବୁଣିବସେ ।

ଯଦି କାହାର ଛେଳି, ମେଣ୍ଢା ପଲେ ଅଧେ ଥାଏ, ତେବେ ପିଲାମାନେ ତାକୁ ଚରେଇବାକୁ ନିଅନ୍ତି । ନଚେତ୍ ଘର ଜଗନ୍ତି—ଛୋଟ ଭାଇ ଭଉଣୀଙ୍କୁ ଖେଳାନ୍ତି । ଅନେକ ଧନୁଶର ଧରି ଚଢ଼େଇ ମାରି ବୁଲନ୍ତି । ବେଳେ ବେଳେ ଚେରମୂଳ ସଂଗ୍ରହ କରିବାରେ ବାପମାଙ୍କୁ ସାହାଯ୍ୟ କରନ୍ତି ।

ଧନୁଶରରେ କରୁଆମାନଙ୍କର ଲକ୍ଷ୍ୟ ଏତେ ସ୍ଥିର ଯେ ତାହା ପ୍ରାୟ ଭ୍ରଷ୍ଟ ହୁଏନାହିଁ । ପଚିଶ ହାତ ଦୂରରୁ କୌଣସି ଜୀବ ଏମାନଙ୍କ ଶରରୁ ଉଧୁରି ପାରିବ ନାହିଁ । ହରିଣ, ସମ୍ବର, କୁଟୁରା, ବାହା ଏମାନଙ୍କ ହାବୁଡ଼ରେ ପଡ଼ିଲେ ଜୀବନ ଘେନି ଫେରେ ନାହିଁ । ବଡ଼ ଜନ୍ତୁଙ୍କୁ ଛପି ଛପି ଶୀକାର କରନ୍ତି । ଶରମାଡ଼ ଖାଇ କୌଣସି ଜନ୍ତୁ ପଳେଇଲେ, ରକ୍ତ ଚିହ୍ନକୁ ଦେଖି ତା ପଛରେ ଧାଇଁ ତାକୁ ନ ମାରି ଛାଡ଼ନ୍ତି ନାହିଁ । ଜଙ୍ଗଲର ଖାଲଢ଼ିପ ସହିତ ଏମାନେ ଏପରି ଅଭ୍ୟସ୍ତ ଯେ ଜନ୍ତୁ ପଛରେ ଧାଇଁବା ସମୟରେ କଣ୍ଟାଟିଏ ବି ମାଡ଼ନ୍ତି ନାହିଁ । ହାତରେ ଧନୁଶର କି କୌଣସି ପ୍ରକାର ହତିଆରଟାଏ ଥିଲେ, ଜଣେ କରୁଆ ମହାବଳ ବାଘର ସମ୍ମୁଖୀନ ହେବାକୁ ଭୟ କରେ ନାହିଁ । ଥରେ ଅଲପକ୍କା ଅଞ୍ଚଳରେ କେତେକ କରୁଆ ରମଣୀ ଜଙ୍ଗଲକୁ କନ୍ଦା ସଂଗ୍ରହ କରିବାକୁ ଯାଇଥିବା ସମୟରେ ଗୋଟିଏ ବାଘୁଣୀ ଦୁଇଟି ଶାବକ ଧରି ବୁଲୁଥିବାର ଦେଖିଲେ । ପୁରୁଷମାନଙ୍କୁ ଖବର ଦିଆଗଲା । ଦୈବଯୋଗକୁ ସେମାନେ ନିକଟରେ ଥିଲେ । ଛଅ ଜଣ ପୁରୁଷ ଓ କେତେକ ସ୍ତ୍ରୀ ଟେକା ପଥର, ଶର ମାରି ବାଘଛୁଆ ଦୁଇଟିକୁ ବାଘୁଣୀ ନିକଟରୁ ଛଡ଼େଇ ଆଣି, ଗାଙ୍ଗପୁରର ରାଜା

ସାହେବଙ୍କୁ ଦେଇ ତାଙ୍କଠାରୁ ୨୦୦ ଟଙ୍କା ପୁରସ୍କାର ପାଇଥିଲେ । ଏହି ବାଘଛୁଆରୁ ଗୋଟିଏ ରାଜା ସାହେବଙ୍କ ଚିଡ଼ିଆଖାନାରେ ୧୯୫୦ ପର୍ଯ୍ୟନ୍ତ ଥିଲା ।

୧୯୩୨ ମସିହା ଅଗଷ୍ଟ ମାସରେ ରାମ କରୁଆ ଜଙ୍ଗଲରେ କନ୍ଦା ଖୋଳୁଥିବା ସମୟରେ ଗୋଟିଏ ପ୍ରକାଣ୍ଡ ମହାବଳ ବାଘ ତା ଉପରକୁ ଧାଇଁ ଆସିଲା । ରାମ ଆଗରୁ ଧନୁରେ ଗୁଣ ଦେଇ ଶରଟିଏ ପାଖରେ ରଖିଥାଏ । ସେ ଭୟ ନକରି ସାହସ ବାନ୍ଧି ଗୋଟିଏ ଗଛକୁ ଆଶ୍ରା କରି ବସି ପଡ଼ିଲା ଓ ବାଘକୁ ଲକ୍ଷ୍ୟ କରି ଶରଟିଏ ଛାଡ଼ିଲା । ସେଇ ଗୋଟିଏ ଶରରେ ବାଘଟି ସେହିଠାରେ ଭୀଷଣ ଗର୍ଜନ କରି ପଡ଼ିଗଲା । ଶର ବାଘର ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଭେଦ କରି ବାହାରି ପଡ଼ିଥିଲା । ଆଗେ ଯେ କୌଣସି ଲୋକ ବାଘ ମାରିଲେ ତାହା ଆଣି ରାଜାଙ୍କୁ ଦେଇ ଯାଉଥିଲେ । ରାମ ମରା ବାଘଟି ଆଣି ଦେଖାଇବାରୁ ଗାଙ୍ଗପୁରର ତତ୍କାଳୀନ ଦେଓ୍ୱାନ୍ ଖାଁ ବାହାଦୁର ଅବ୍‌ଦୁଲ ଗଫର୍ ଖାଁ ରାମକୁ ଟ୫୦ଙ୍କା ପୁରସ୍କାର ଦେଇଥିଲେ । ଏହି ଦିନ ରସରାଜପୁରର ଟିମ୍ବୁ ଓରାମ୍ ଧନୁଶର ବଳେଇ ଗୋଟିଏ ଅଣ୍ଡିରା ବାଘ ମଧ୍ୟ ମାରି ଟ୨୫ଙ୍କା ପୁରସ୍କାର ପାଇଥିଲା ।

କୌଣସି ବଡ଼ ଜନ୍ତୁକୁ ମାରିବା ସମୟରେ କରୁଆ ଗଛର ଆଶ୍ରା ନିଏ । ଗଛକୁ ପିଠି ଦେଇ ବସିପଡ଼ି ଗୋଡ଼ରେ ଧନୁକୁ ଭିଡ଼େ । ଏହାଦ୍ୱାରା ଶର ଅଧିକ କ୍ଷିପ୍ର ଗତିରେ ଛୁଟେ ଓ ଲକ୍ଷ୍ୟ ଜୀବ ଦେହରେ ବାଜିବା ମାତ୍ରେ ଭିତରକୁ ଫୁଟିଯାଇ ଶୀଘ୍ର ତାକୁ ଅବଶ କରି ପକାଏ ।

ଲେଫ୍ରିପଡ଼ା ଥାନାର ସାନବେରୁଆଁ ଗ୍ରାମର ଦୁଇଟି ପିଲା ଜଙ୍ଗଲରେ ବୁଲୁଥିବା ସମୟରେ ଗୋଟିଏ ଲେଙ୍କଡ଼ା ବାଘକୁ ଛେଳିଟିଏ ନେଇ ପଳାଉଥିବାର ଦେଖି ତା ପଛେ ପଛେ ଗୋଡ଼ାଇଲେ । ଲେଙ୍କଡ଼ା ଗୋଟିଏ ବରଳା ଗଛ ବୁଦାତଳେ ଛପିଗଲା । ବୁଦା ଉହାଡ଼ରୁ ଲେଙ୍କଡ଼ାର ମୁଣ୍ଡ ଅଳ୍ପ ଦେଖାଯାଉଥାଏ । ଗୋଟିଏ ପିଲା ତା ମୁଣ୍ଡକୁ ଲକ୍ଷ୍ୟ କରି ଶର ମାରିଲା । ଲେଙ୍କଡ଼ା ବୁଦା ଭିତରୁ ପିଲାଟି ଉପରକୁ ପବନ ବେଗରେ ଧାଇଁ ଆସିଲା । ଅନ୍ୟ ପିଲାଟିର ହାତରେ କୁରାଢ଼ିଟିଏ ଥିଲା । ସେ ବାଘର ମଝି ତାଳୁରେ ଏପରି କୁରାଢ଼ି ପାହାରଟାଏ ଦେଲା ଯେ, ବାଘର ମସ୍ତିଷ୍କ ଫୁଟିଗଲା ଓ ଲେଙ୍କଡ଼ା ଗଁ ଗଁ କରି ମରିଗଲା । ପିଲାମାନେ ମରା ଛେଳିକୁ ନେଇଯାଇ ଖାଇଲେ ।

ଲୋକେ କହନ୍ତି, "କରୁଆ—ବରୁଆ" । ଏହାର ଅର୍ଥ ହେଉଛି ଯେ ଜଙ୍ଗଲରେ ଈଷତ ଲାଲ ରଙ୍ଗର କୁକୁର ରହନ୍ତି, ଯେଉଁମାନଙ୍କୁ ବରୁଆ ବା ବଳିଆ କୁକୁର କୁହାଯାଏ । ବାଘ, ଭାଲୁ ପ୍ରଭୃତି ସମସ୍ତ ପ୍ରକାର ବନ୍ୟ ଜନ୍ତୁ ବରୁଆକୁ ଭୟ କରନ୍ତି ଓ ଦୂରକୁ ପଳାଇ ଯାଆନ୍ତି । କରୁଆ ମଣିଷର କିଛି କ୍ଷତି କରିବାର ଶୁଣାଯାଇ ନାହିଁ । ଏମାନେ ଦଳ ଦଳ ହୋଇ ବାସ କରନ୍ତି । ଗୋଟିଏ ଦଳରେ ସ୍ତରରୁ ଅଧିକ କୁକୁର ରହନ୍ତି । ବରୁଆ ଭୟରେ ଅନ୍ୟ ଜନ୍ତୁ ଯେପରି ଲୁଚନ୍ତି, କରୁଆଙ୍କ ଭୟରେ ମଧ୍ୟ ସେହିପରି ଲୁଚନ୍ତି ।

ଯଦି ଜଙ୍ଗଲରେ ମଣିଷଖିଆ ବାଘ ବା ହାତୀର ଉପଦ୍ରବ ନାହିଁ, ତେବେ ଆପଣ ନିର୍ଭୟରେ ଘୋର ଅରଣ୍ୟ ମଧ୍ୟରେ ଜଣେ କରୁଆକୁ ସାଙ୍ଗରେ ନେଇ ବାଘର ଗୁହା ସମ୍ମୁଖ ଦେଇ ଯାଇ ପାରିବେ । କୌଣସି କରୁଆକୁ ଏ ପର୍ଯ୍ୟନ୍ତ ବାଘ ଖାଇଥିବାର ଶୁଣା ନାହିଁ । ଲୋକେ କହନ୍ତି, "ବାଘର ମରିବା ଯୋଗ ଥିଲେ, ସେ କରୁଆକୁ ଆକ୍ରମଣ କରିବାକୁ ଆସିବ ।" ଛେଳମେଣ୍ଢାଙ୍କୁ ଯଦି କେବେ ଆକ୍ରମଣ କରେ, ତେବେ ସେ ବାଘକୁ ନମାରି କରୁଆ ଘରକୁ ଫେରେ ନାହିଁ ।

କରୁଆମାନେ ହିଂସ୍ର ବନ୍ୟଜନ୍ତୁଙ୍କୁ ଯେତେ ଭୟ ନକରନ୍ତି, ତାଠୁ ବେଶି ଭୟ କରନ୍ତି ଭୂତ ଓ ଡାଆଣୀକୁ । ସେମାନଙ୍କ ବିଶ୍ୱାସ ଯେ ଡାଆଣୀ

ବା ଠେଣ୍ଡେଇ ନଳା ପାଖ ଝୁଣ୍ଡ, ବର ଓ ଶିମିଳି ଗଛ ପ୍ରଭୃତିରେ ରହେ । ଏପରି ସ୍ଥାନମାନଙ୍କରେ ସେ ଭୁଲରେ ବି ପାଦ ପକାଏ ନାହିଁ । ଗାଁରେ କିମ୍ବା କୁଟୁମ୍ବରେ କୌଣସି ପ୍ରକାର ବେମାର ବହୁଦିନ ଧରି ଲାଗିରହିଲେ, ଡାଆଣୀ ବା ଠେଣ୍ଡେଇର ପାଙ୍ଗିଚି ବୋଲି ଦୃଢ଼ ବିଶ୍ୱାସ କରନ୍ତି । ଆଗେ ଠେଣ୍ଡେଇକୁ ସନ୍ତୁଷ୍ଟ କରିବାକୁ ହେବ, ନଚେତ୍ ଔଷଧ କାମ କରିବ ନାହିଁ । ଗୁଣିଆ ବା ବେଜାକୁ ଡାକି ଗଳି ଦେଖାନ୍ତି । ଗୁଣିଆ ରୋଗୀର ମୁଣ୍ଡରେ ଖଲିଏ ବା ଗଡ଼ ଦୁଇଟା ଛୁଇଁ ଦେଇ, ମନ୍ତ୍ର ପଢ଼ି ବାରମ୍ବାର ସେ ଗଳିକୁ ଆଙ୍ଗୁଠିରେ ମାପେ । ତା ପରେ କେଉଁ ଦିଗରୁ ଡାଆଣୀ ଆକ୍ରମଣ କରିଛି, କହେ । ବେଜାର ପରାମର୍ଶ ଅନୁସାରେ କଳା କୁକୁଡ଼ା, କଳା ମେଣ୍ଢା ବା ଘୁଷୁରି (ଅଣ୍ଡିରା ଘୁଷୁରି) ବଳି ଦିଆଯାଏ । ଅନେକ ସ୍ଥଳରେ ମଡ଼ିଆ ମଧ୍ୟ ଭୋଗ ଦିଆଯାଏ । ପୂଜା ଶେଷ କରି ଗୋଟିଏ ନୂଆ ମାଟିହାଣ୍ଡି କିମ୍ବା ଡାଲାରେ ମୁଠାଏ ଅରୁଆ ଚାଉଳ, ଟିକିଏ ସିନ୍ଦୂର, କେରାଏ ଅଡ଼ୁଆ ବାଳ, ମନ୍ଦାର ଫୁଲ, ଟିକିଏ ଲାଲ କନା, ଧୂପଦୀପ ଶାଳପତ୍ରର ଦନାମାନଙ୍କରେ ରଖି ଅଧରାତିରେ ଯେଉଁ ଦିଗରୁ ଠେଣ୍ଡେଇ ଆସିଛି ବୋଲି ଗୁଣିଆ କହିଥାଏ, ସେହି ଦିଗକୁ ନିଅନ୍ତି । ତିନୋଟି ରାସ୍ତା ଏକାଠି ମିଳିଥିବା ଛକ ଉପରେ ଥୋଇଦେଇ ଆସନ୍ତି । ଏହାକୁ ବଳନ କୁହାଯାଏ । ଉଦ୍ଦେଶ୍ୟ—"ରେ ଠେଣ୍ଡେଇ ! ତତେ ପୂଜା ଦେଲୁଁ, ଖାତିର କଲୁ, ହାମ୍‌କେ ନସତାଁ-ଗାଲୁଁ ଭାଗି ଯା—ତିନଟା ରାସ୍ତା ତକେ ବଢେଇ ଦେଇଛୁ । ତୋର ମନ ଯେନଦି ଲାଗୁଚେ ସେ ପାଲେ ଯା—।" ଏଥିରେ ଯଦି ବ୍ୟାଧିର ଉପଶମ ନହୁଏ, ତେବେ ଗାଁରେ କୌଣସି ଲୋକ ରହି ଠେଣ୍ଡେଇ କାମ କରୁଚି ବୋଲି ଧାରଣା କରନ୍ତି । କୌଣସି ଲୋକକୁ ଡାଆଣୀ ବୋଲି ସନ୍ଦେହ ହେଲେ ତାକୁ ଖରମୁନରେ ଜୀବନ ଦେବାକୁ ପଡ଼େ ।

୧୯୪୩ରେ ୩୦୨ ଦଫାରେ ଅଭିଯୁକ୍ତ ହୋଇଥିବା ଜଣେ କରୁଆ ଆସାମୀ ବୟାନ କଲା ଯେ ମାସକ ଭିତରେ ତାର ପୋଡ଼ ହଳଟି ମରିଗଲେ । ତାର ପନ୍ଦର ଦିନ ପରେ ଦୁଇ ବର୍ଷର ପୁଅଟି ମରିଗଲା । ତା ସ୍ତ୍ରୀ ଗୋଡ଼ରେ ଘା ହୋଇ ନାନାପ୍ରକାର ଔଷଧ ଦେବା ସତ୍ତ୍ୱେ ତା ଶୁଖିଲା ନାହିଁ । ସେ ନିଜେ ଦୁଇମାସ ପର୍ଯ୍ୟନ୍ତ ବେମାର ପଡ଼ିଲା, ଖଟିଆରୁ ଉଠି ପାରିଲା ନାହିଁ । ବେଜା କହିଲା, ଡାଆଣୀ ଲାଗିଛି । ତା ମନରେ ଧାରଣା ହେଲା ଯେ ସାହିର ଶୁକ୍ରାବୁଡ଼ାର ସ୍ତ୍ରୀ ସଙ୍ଗେ କଳି ଲାଗିବା ଦିନଠାରୁ ତାକୁ ଏପରି ବିପତ୍ତି ପଡ଼ୁଛି । ସେ ପାଇଁ ନଥିଲେ ଏପରି ଦୁର୍ଯୋଗ ଗୁଡ଼ାଏ ଏକ ସାଙ୍ଗରେ ଘଟନ୍ତା ନାହିଁ । କ୍ରମଶଃ ଏହି ଧାରଣା ତା ମନରେ ଦୃଢ଼ ହେଲା । ସାମାନ୍ୟ ଆରୋଗ୍ୟ ଲାଭ ପରେ ବାଡ଼ି ପଛପଟେ ଲୁଚି ରହି ଶୁକ୍ରା ବୁଡ଼ାର ସ୍ତ୍ରୀ ତାର ଖୋଲା ଗୁହାଳରେ ଗୋବର ଗୋଟାଇବା ସମୟରେ ତାକୁ ଖରରେ ବିନ୍ଧି ମାରିଦେଲା । କରୁଆର ଖରକୁ ସମସ୍ତେ ଭୟ କରନ୍ତି । ତେଣୁ ପଡ଼ୋଶୀମାନେ ସେମାନଙ୍କ ସହିତ କଳିଗୋଳ ପ୍ରାୟ କରନ୍ତି ନାହିଁ । ଖରଭୟରେ ଖୋଲାଘରେ ଚୋର ପଶିବାକୁ ଭୟ କରେ । ଏମାନେ ମହାଦେବ ଓ ସମଲେଶ୍ୱରୀ ଠାକୁରାଣୀଙ୍କୁ ବିଶେଷ ଭକ୍ତି କରନ୍ତି । ଅନ୍ୟାନ୍ୟ ଆଦିବାସୀଙ୍କ ପରି କର୍ମା, ସୋହେରାଇ ପ୍ରଭୃତିରେ ଯୋଗଦାନ କରନ୍ତି ।

ଯେତେବେଳେ ଶିକାର କି କନ୍ଦା ନମିଳେ ଭୋକ ସହି ନ ପାରି ଏମାନେ ଚୋରି କରନ୍ତି । ବିଶେଷତଃ ଶୀତ ଦିନଟି ଏମାନଙ୍କ ପକ୍ଷେ କଷ୍ଟଦାୟକ । ଏ ସମୟରେ ଜଙ୍ଗଲରେ ଫଳମୂଳ ମିଳେ ନାହିଁ । ଯାହା ଅଳ୍ପ ମିଳେ, ଛୋଟ ଦିନ ହେଉ-ଥିବାରୁ ଆଶାନୁରୂପ ସଂଗ୍ରହ ହୋଇପାରେ ନାହିଁ । ତେଣୁ ରାତିରେ ଆଖପାଖ ଜମିରୁ ଦୁଇ ତିନି ଦିନ ଚଳିବା ଭଳି ଧାନ, କନ୍ଦମୂଳ କନ୍ଦା ପ୍ରଭୃତି ଚୋରି କରନ୍ତି । ଧରା ପଡ଼ିଲେ ସତ କହିବାକୁ ଭୟ କରନ୍ତି ନାହିଁ । ଥରେ ଧାନ ଚୋରି କରିବା ହେତୁ ଧମକପୁର ଅଞ୍ଚଳର କେତେକ କରୁଆଙ୍କୁ (ସଂଖ୍ୟା ଠିକ୍ ମନେ



ବିରଝିଆ ଜୀବନପ୍ରଣାଳୀ

ନାହିଁ ) ଗିରଫ କରି ବିଚାର କରିବାପାଇଁ ଅଣା ଯାଇଥିଲା । ଚୋରି ଧାନର ପରିମାଣ ଥିଲା ପ୍ରାୟ ଏକ ମହଣ । ବିଚାରବେଳେ ଆସାମୀମାନେ ସ୍ୱୀକାର କଲେ ଯେ ଦୁଇଦିନ ଉପବାସ ରହିବା ପରେ ଭୋକ ସହି ନପାରି ସେମାନେ ଚୋରି କଲେ । ହାକିମ ସେମାନଙ୍କୁ ଚୋରି ଦଫାରେ ଅପରାଧୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କୁ ପାଞ୍ଚ ବେତ ଲେଖାଏଁ ପ୍ରହାର ହୁକୁମ କଲେ । "ଅପିଲ କରିବ କି" ବୋଲି ପଚରାଯିବାରୁ ସେମାନେ ଉତ୍ତର ଦେଲେ, "ଏଡ଼େ ହାକିମ ମହାପ୍ରଭୁ କିନ୍ତୁ, ଠିକ ବିଚାର କରିଥିବୁ—ଉପରକୁ କାଗଜ କି କରୁ ।" ଏଣୁ ସେମାନଙ୍କ ହାତରେ ପାଞ୍ଚ ବେତ ଲେଖା ଦିଆଯାଇ ଖଲାସ କରି ଦିଆଗଲା । ତା'ପରେ ସେମାନେ ଇଜଲାସ ବାହାରେ ହାକିମଙ୍କୁ ଜଗି ରହିଲେ । ହାକିମ ଯିବା ସମୟରେ ବାଟ ଓଗାଳି କହିଲେ, "ପେଟ ନ ଭରିବାରୁ ଚୋରି କଲୁ—ତୁ ଆମକୁ ମାଡ଼ ମରାଇଲୁ—ଏଥର ଖାଇବାକୁ ଦେ ।" ହାକିମ ବଡ଼ ଅଡ଼ୁଆରେ ପଡ଼ିଲେ । ଜଙ୍ଗଲ ବିଭାଗ ଅଫିସରଙ୍କୁ ଡକାଇ ବିଷୟର ଆଲୋଚନା କଲେ । କେତେକ ଉପଦେଶ ଦେଲା ପରେ ନିଜ ହାତରୁ କେତୋଟି ଟଙ୍କା ଦେଇ ବିଦା କରି ଦେଇଥିଲେ ।

ଜୁଆଙ୍ଗମାନଙ୍କ ମଧ୍ୟରେ, "ଧାଙ୍ଗେଡ଼ୀ ଘର" ପ୍ରଥାର ପ୍ରଚଳନ ନାହିଁ । ସାଧାରଣତଃ ବାପମାଙ୍କ ରାଜି ଉପରେ ପୁଅ ବିବାହ କରିଥାଏ । ଉଧୁଳିଆ ବା ଉପଯୁକ୍ତ ସହିତ ଗୃହତ୍ୟାଗ କେତେକ ସ୍ଥାନରେ ଦେଖାଯାଇଥାଏ । ସ୍ୱଗୋତ୍ର ବା କୁଟୁମ୍ବରେ ଏମାନେ ବିବାହ କରନ୍ତି ନାହିଁ । ବିବାହ ସମୟରେ ଭୋଜିଭାତ, ନାଚ ଓ ମଦ ପିଆରେ ଜୁଆଙ୍ଗଙ୍କ ବଡ଼ ଆନନ୍ଦ । ପୁରୁଷମାନେ ଟିକିଏ ସନ୍ଦେହମନା । ହାଟବଜାରରୁ ଫେରିବାକୁ ଟିକିଏ ବିଳମ୍ବ ହେଲେ କିମ୍ବା କୌଣସି କାରଣରେ କୌଣସି ପୁରୁଷ ସହିତ କଥା ହେଉଥିବା ଦେଖିଲେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରନ୍ତି । ଯୁବତୀ ସ୍ତ୍ରୀଙ୍କୁ ଜୁଆଙ୍ଗ ଏକୁଟିଆ ହାଟବଜାରକୁ ଛାଡ଼ି ଦିଏ ନାହିଁ; ବରଂ ତା ସାଙ୍ଗରେ ଯାଏ । ଘରକୁ ବୋହୂ ଆସିଲେ, ପୁଅ ବାପମାଆଙ୍କଠାରୁ ଅଲଗା ହୋଇ ତା ଘର ସେ କରେ । ଜୁଆଙ୍ଗମାନେ ଦେଖିବାକୁ ବଳିଷ୍ଠ ଓ ହୃଷ୍ଟପୁଷ୍ଟ । ଏମାନଙ୍କ ପରିଧେୟ ଅଳ୍ପ । ହାତବୁଣା ଲୁଗା ପସନ୍ଦ କରନ୍ତି । ଆଜିକାଲି ମୋଟା ମିଲ ଲୁଗାର ପ୍ରଚଳନ ମଧ୍ୟ ଦେଖାଯାଏ । ଛଅ ବର୍ଷରୁ ସାନ ଛୁଆମାନେ ପ୍ରାୟ କିଛି ପିନ୍ଧନ୍ତି ନାହିଁ । ବଡ଼ ପିଲାମାନେ ଲେଙ୍ଗୁଟି ମାରନ୍ତି । ଝିଅମାନେ ଆଣ୍ଠୁକୁ ଲୁଚି ନଥିବା ଭଳି ମୋଟ ଲୁଗା ପିନ୍ଧନ୍ତି । ସ୍ତ୍ରୀମାନେ ପେଣ୍ଡଲ ଓ ପନ କଣ୍ଠି ପ୍ରିୟ । ସଧବା ସ୍ତ୍ରୀ ହାତରେ ରସର ଖଡ଼ୁ ଓ ଚୁଡ଼ି ପିନ୍ଧେ । କାଚର ପ୍ରଚଳନ କମ ଦେଖାଯାଏ । ସମୟେ ସମୟେ ସିନ୍ଦୂର ଟୋପା ମାରନ୍ତି – କେହି କେହି ମୁଣ୍ଡରେ ଚିତା କୁଟିଥାଆନ୍ତି । ଜୁଡ଼ାରେ ଡଙ୍ଗି, ଜଟଙ୍ଗୀ, ଜଡ଼ା ଓ ସରଗି ତେଲ ମାରି ମାଙ୍ଗ କାଟନ୍ତି । କାଠ ପାନିଆ କିମ୍ବା ବାଉଁଶ କାଠିର ପାନିଆ କରି ବ୍ୟବହାର କରନ୍ତି । ଖୋସାରେ ଫୁଲଟାଏ ମାରିବାକୁ ସମସ୍ତଙ୍କର ଆଗ୍ରହ ।

ଶୀତଦିନରେ ଛୁଆପିଲା ଧରି ଗୋଟାଏ ସ୍ଥାନରେ ଶୁଅନ୍ତି । ଲୁଗାପଟା ତ ଯଥେଷ୍ଟ ନଥାଏ । ଘର କି ପଛରକୁମା ଭିତରେ ନିଆଁ ଜାଳି, ଗଡ଼ କାଠର ଅନ୍ଧାର ଲଗାଇ, ନିଆଁ ପାଖକୁ ଗୋଡ଼ ଦେଖାଇ ଓ ବିପରୀତ ଦିଗକୁ ମୁଣ୍ଡ କରି ଖଜୁରି ପଟିଆ କି ଛିଣ୍ଡା ବସ୍ତାଟାଏ ଘୋଡ଼େଇ ହୋଇ ଶୋଇ ପଡ଼ନ୍ତି ।

କେହି କେହି କହନ୍ତି, ଜୁଆଙ୍ଗମାନଙ୍କ ସଂଖ୍ୟା ଦିନକୁ ଦିନ କମୁଛି । କୁରେଇ ଗାଁର ଭୂୟାଁ ସର୍ଦ୍ଦାରଙ୍କଠାରୁ ଶୁଣାଯାଏ ଯେ ପଚାଶ ବର୍ଷ ତଳେ ତାଙ୍କ ଗାଁ ଆଖ-ପାଖରେ ସେ ଯେତେ ଜୁଆଙ୍ଗ ଦେଖିଥିଲେ, ବର୍ତ୍ତମାନ କମ ଦେଖୁଛନ୍ତି । ତାଙ୍କ କଥାରେ କେତେ ଗୁରୁତ୍ୱ ଦିଆଯାଇପାରେ, ସଠିକ ବୃତ୍ତାନ୍ତ ବିନା କହି ହେବ ନାହିଁ । ସର୍ଦ୍ଦାର ମଧ୍ୟ କହନ୍ତି ଯେ, ଦିନକୁ ଦିନ ଜଙ୍ଗଲରୁ ଚେରମୂଳ ଓ ବନ୍ୟଜନ୍ତୁଙ୍କ ସଂଖ୍ୟା କମି

ଯାଉଥିବାରୁ ଉଦର ପୋଷଣ ସେମାନଙ୍କ ପକ୍ଷେ ଗୋଟିଏ ବଡ଼ ସମସ୍ୟା ହୋଇ ଉଠୁଛି ଓ ଚୋରି ପ୍ରଭୃତି ଅପରାଧରେ ସେମାନେ ଜଡ଼ିତ ହେବାର ଆଶଙ୍କା ହେଉଛି ।

ଗତବର୍ଷ ପଲ୍ଲୀମଙ୍ଗଳ ଅଫିସରଙ୍କ ସହିତ ଆମ୍ଭେମାନେ ଜାମଦାର, ସନ୍ଧାପାଳି, ଲମଟି, ସାପକୁଣ୍ଡଳ ପ୍ରଭୃତି ଛଅଟି ଗାଁର ୪୩ ଘର କରୁଆଙ୍କ ବିଷୟରେ ଅନୁସନ୍ଧାନ ଚଳାଇଥିଲୁ । ଏମାନଙ୍କ ମଧ୍ୟରୁ ଅଧିକାଂଶ ପତରକୁମ୍ପା (କୁଡ଼ିଆ) କରି ରହୁଛନ୍ତି । ଯାହାର ବା ଛୋଟ ଚାଳଟିଏ ଅଛି, ତାହାର ଦାମ ପଚିଶ ତିରିଶ ଟଙ୍କାରୁ ଅଧିକ ହେବ ନାହିଁ । ଘରଗୁଡ଼ିକ ଏତେ ଛୋଟ ଯେ ନଇଁ କରି ଯିବା ଆସିବା କରିବାକୁ ହୁଏ । ଅଧିକାଂଶ ଘର ଭିତରେ କେତୋଟି ହାଣ୍ଡି, ମାଠିଆ, ଟୋକେଇ ଓ ଖଣ୍ଡେ ଦିଖଣ୍ଡ ଖଜୁରି ପଟିଆ ଛଡ଼ା ଆଉ କିଛି ଦେଖିବାକୁ ପାଇଲୁ ନାହିଁ । ଅଳ୍ପ କେତେ ଜଣ ଖଣ୍ଡେ ଦୁଇଖଣ୍ଡ କଂସା ଓ ଭରଣ ବାସନ ରଖିଛନ୍ତି । ଖାଇବା କାମ ଶାଳ ଓ ଶିଆଳି ପତ୍ରର ଖଲିଦନାରେ ଚଳେ । ୪୩ଟି ପରିବାରରେ ଜଣେ କେହି ଅକ୍ଷର ଚିହ୍ନି ନାହାନ୍ତି । ଅଳ୍ପ କେତେ ଜଣ କୋଡ଼ିଏ ଉପରକୁ ଗଣି ଜାଣନ୍ତି ନାହିଁ ।

୧୯୫୫-୫୬ ବଜେଟରେ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ତରଫରୁ ସୁନ୍ଦରଗଡ଼ ଜିଲ୍ଲାକୁ ବାସହୀନ ଆଦିବାସୀମାନଙ୍କୁ ଘର କରିବାପାଇଁ ୧୮୫୦ ଟଙ୍କା ସାହାଯ୍ୟ ମିଳିଥିଲା । ତଦ୍ୱାରା କୁରେଇଠାରେ ଦଶଟି ବାସହୀନ କରୁଆ ପରିବାରଙ୍କୁ ଆଣି ରଖିବାର ବ୍ୟବସ୍ଥା ହୋଇଛି । ଏହି ସ୍ଥାନରେ ଆଉ ୪୦ଟି ପରିବାରଙ୍କୁ ରଖାଯାଇ ପାରିବ ।

କେବଳ ଘର କରି ଦେଲେ ଯେ କରୁଆଙ୍କ ଅବସ୍ଥା ବଦଳିଯିବ ତା ନୁହେଁ । ଏମାନେ ଜଙ୍ଗଲ ଛାଡ଼ି ଦୂରରେ ରହିବାକୁ ଚାହାନ୍ତି ନାହିଁ । ଏମାନେ ଭୂମିହୀନ । ଭୂମି ମିଳିଲେ ଭଲ ଭାବରେ ଚାଷ କରି ପାରିବେ । ହଠାତ୍ ଚାଷୋପଯୋଗୀ ଜମି ମିଳିବ କାହୁଁ ? କୌଣସି ଛୋଟ ନାଳକୁ ବାନ୍ଧି ନୂତନ ଜମି ଆବାଦ କରିବା ସମୟସାପେକ୍ଷ । ସୂତା କାଟିବା, ଲୁଗା ବୁଣିବା, ବଢ଼େଇ କାମ କରିବା ଇତ୍ୟାଦି ଅନେକ ଧନ୍ଦା ଅଛି । କିନ୍ତୁ ଏ ଲୋକମାନେ ସେଥିରେ ତୁରନ୍ତ ଆଗ୍ରହ ଦେଖାଇବେ ତ ? ଯେଉଁ କାମଗୁଡ଼ିକର ଏମାନଙ୍କ ରୀତିନୀତି ସହିତ ସମ୍ପର୍କ ଅଛି, ସେଇ କାମରେ ଏମାନଙ୍କୁ ନିଯୁକ୍ତ କଲେ ଅକ୍ଳେଶରେ ତାହା ଗୃହୀତ ହୋଇ ପାରିବ ଓ ସେଥିରେ ସେମାନେ ଆଗ୍ରହ ଦେଖାଇବେ । ପ୍ରସ୍ତାବିତ କେତେକ ଯୋଜନାର ବିଷୟ ଉଲ୍ଲେଖଯୋଗ୍ୟ ।

ଆଗେ କରୁଆମାନେ ତିଖିର ବା ପାଳୁଅ ତିଆରି କରି ବିକି କରୁଥିଲେ । ବର୍ତ୍ତମାନ ୧ ସେର ପାଳୁଅର ଦାମ ଟ୨ଙ୍କାରୁ ଟ୩ଙ୍କା ପର୍ଯ୍ୟନ୍ତ ହେବ । ପାଳୁଅ ଜଙ୍ଗଲର ତିଖୁର କନ୍ଦାରୁ ହୁଏ । ତାହା ଦେଖିବାକୁ କଞ୍ଚା ହଳଦୀ ପରି; କିନ୍ତୁ ଭିତର ଅଂଶ ଧଳା । ତିଖୁର କନ୍ଦାକୁ ଧୋଇ, ପଥରରେ ଘଷି ମଣ୍ଡ ବାହାର କରିବାକୁ ହୁଏ । ମଣ୍ଡକୁ ସରୁ କନାରେ ଛାଣି ଚାରି ପାଞ୍ଚ ଥର ଧୋଇ ଦେବାକୁ ହେବ, କାରଣ କଷା ଅଂଶ ରହିବ ନାହିଁ । ପାଣିରେ ଗୋଳାଇବାର କିଛି ସମୟ ପରେ ମଣ୍ଡ ପାଣିତଳେ ବସିଯାଏ । ଉପର ପାଣି ନିଗାଡ଼ି ଦେବାକୁ ହୁଏ ଓ ପରେ ତଳେ ବସିଥିବା ଅଂଶକୁ ଶାଳପତ୍ର ଖଲି ଉପରେ କିମ୍ବା ପରିଷ୍କାର ଚଟାଣ ଉପରେ ଶୁଖାଇ ଦେବାକୁ ହୁଏ । ଶୁଖିଗଲେ ତାହା ଛୋଟ ଛୋଟ ଧଳା ଖଣ୍ଡ ହୋଇ ବାହାରିପଡ଼େ । ଏହାକୁ ପାଳୁଅ କହନ୍ତି । ପାଳୁଅ ଯେ ସ୍ୱାସ୍ଥ୍ୟପକ୍ଷେ ଉପାଦେୟ, ଏହା କେହି ଅସ୍ୱୀକାର କରିବେ ନାହିଁ । ଦିନକୁ ଦିନ ତିଖୁର ଗଛ ଜଙ୍ଗଲରୁ କମୁଛି, କାରଣ ସମସ୍ତେ ଉପାଡ଼ୁଛନ୍ତି; କିନ୍ତୁ କେହି ଲଗାଇବାର ଚେଷ୍ଟା କରୁନାହାନ୍ତି । ଏପରି ସମୟ ଆସିବ ଯେତେବେଳେ କି ପାଳୁଅ ଦୁଷ୍ପ୍ରାପ୍ୟ ହୋଇ ପଡ଼ିବ । ଏକରେ

ଜମିରୁ ପ୍ରାୟ ତିନିଶହ ଟଙ୍କାର ପାଳୁଅ ଆଦାୟ ହୋଇ ପାରିବ । ନାଳ ବା ନାଳିଆ ପାଖ ସାମାନ୍ୟ ବାଲିମିଶା କୁହୁରିଆ ମାଟି ଓଖୁର ଗଛ ପାଇଁ ଉପଯୁକ୍ତ । ବର୍ଷାଦିନେ ଲଗାଇ ଦେବା ପରେ ବିଶେଷ କିଛି ଯତ୍ନ ନେବାକୁ ପଡ଼େ ନାହିଁ । ଦୁଇ ବର୍ଷ ପରେ ଏହାର କନ୍ଦା ପାଳୁଅ ପାଇଁ ବ୍ୟବହାର କରାଯାଇ ପାରିବ । ପାଳୁଅ ଚାଷରେ ଅଭିବୃଦ୍ଧି ହେଲେ ଅନେକ ଗରିବ ଲୋକ ଉପକୃତ ହେବେ ।

କରୁଆମାନେ ମହୁ ସଂଗ୍ରହ କରନ୍ତି । ଏଣୁ ଆଧୁନିକ ପ୍ରଣାଳୀରେ ମହୁ ସଂଗ୍ରହରେ ସେମାନଙ୍କୁ ନିୟୋଜିତ କରାଯାଇ ପାରିବ । କୁକୁଡ଼ା ଓ ଛେଳି ପାଳନରେ ଏମାନଙ୍କୁ ଉତ୍ସାହିତ କରିବାକୁ ହେବ । ପ୍ରତିବର୍ଷ ଲକ୍ଷ ଲକ୍ଷ ବାଉଁଶଗଜା ନଷ୍ଟ ହେଉଥିବାରୁ କରଡ଼ି ଓ ହେଣ୍ଡୁଆ ବ୍ୟବସାୟ ବନ୍ଦ କରିବାକୁ ହେବ । ଶିଆଳିପତ୍ରର ଦଉଡ଼ି ଶିକା ଟାଣ ହେଉଥିବାରୁ ଲୋକେ ଆଗ୍ରହରେ କିଣନ୍ତି । ଏ କାମ କରୁଆମାନେ କରି ପାରିବେ । ହରଡ଼ା, ବାହାଡ଼ା ଓ ଝୁରମଞ୍ଜି ସଂଗ୍ରହରେ ଏମାନଙ୍କ ସାହାଯ୍ୟ ନିଆଯାଇ-ପାରେ । ଓଡ଼ିଶା ବାହାରେ ଝୁରମଞ୍ଜିର ଦାମ ବେଶି; କିନ୍ତୁ ଯେଉଁ ଲୋକମାନେ ସଂଗ୍ରହ କରନ୍ତି ସେମାନେ ବେଶି କିଛି ପାଇ ପାରନ୍ତି ନାହିଁ । ସେରେ ଝୁରମଞ୍ଜି ବଦଳରେ ଆମ ଲୋକେ ପାଞ୍ଚ ଛଅ ସେର ଲୁଣ ପାଉଥିବା ବେଳେ ବେପାରୀମାନେ ସେଇ ସେରକୁ ଟ୨୯ଙ୍କା କମ୍‌ରେ ବିକନ୍ତି ନାହିଁ । କରୁଆମାନଙ୍କୁ ଯେଉଁ-ଠାରେ ରଖାଯାଇଛି, ତାର ନିକଟରେ ରାମପୁରଠାରେ ହାଟବଜାରର ସୁବିଧା ମଧ୍ୟ ରହିଛି । ଏମାନଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ଦୁଇଜଣ କର୍ମଠ ବ୍ୟକ୍ତି ଦରକାର । ନିକଟରେ ଗୋଟିଏ ସେବାଶ୍ରମ ମଧ୍ୟ ସ୍ଥାପନ କରିବା ପ୍ରୟୋଜନ । ସମସ୍ତଙ୍କ ସୁଦୃଷ୍ଟି ପଡ଼ିଲେ ବାସହୀନ, ନିରାଶ୍ରୟ, ଦୁଃସ୍ଥ କରୁଆମାନଙ୍କର କିଛି ପରିବର୍ତ୍ତନ ହୋଇ ପାରିବ ।

# ହେରୋ ପର୍ବ ଓ 'ହୋ' ସମାଜରେ ପରିବର୍ତ୍ତନ

ସୁଶ୍ରୀ ଦାସ

ଶରତ ଋତୁର ଆଗମନରେ ଭାରତର ପ୍ରାୟ ପ୍ରତ୍ୟେକ ଆଦିବାସୀ ଅଞ୍ଚଳରେ ଏକ ବିରାଟ ଚାଞ୍ଚଲ୍ୟ ଦେଖା ଦେଇଥାଏ । ଏହି ସମୟରେ ସେମାନେ ପ୍ରଚୁର ଶସ୍ୟ ଉତ୍ପାଦନ ନିମନ୍ତେ ଦେବତାଙ୍କଠାରେ ପ୍ରାର୍ଥନା କରନ୍ତି ଓ ଦେବତାଙ୍କର ପୂଜା ଖୁବ୍ ଉତ୍ସବ, ଆଡ଼ମ୍ବର ମଧ୍ୟ ଦେଇ କରନ୍ତି । ସଙ୍ଗୀତ ଓ ନୃତ୍ୟରେ ଗ୍ରାମଗୁଡ଼ିକ ମୁଖରିତ ହୋଇ ଉଠେ । ଦେବତାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ପଶୁବଳି ମଧ୍ୟ ଦିଆଯାଏ । ପୂର୍ବେ ଏହି ଉତ୍ସବରେ କେତେକ ଆଦିବାସୀଙ୍କ ମଧ୍ୟରେ ନରବଳିର ପ୍ରଚଳନ ଥିଲା; କିନ୍ତୁ ବର୍ତ୍ତମାନ ତାହା କଡ଼ା ନିୟମଦ୍ୱାରା ବନ୍ଦ ହୋଇଯାଇଛି । ଏହା କେବଳ ଗଳ୍ପ ମଧ୍ୟରେ ବଞ୍ଚି ରହିଛି । ଅବଶ୍ୟ ବର୍ତ୍ତମାନ ସୁଦ୍ଧା କୌଣସି କୌଣସିଠାରେ ଏହି ନରବଳି ପ୍ରଥା ରହିଛି ବୋଲି ଶୁଣାଯାଏ । ମୋଟ ଉପରେ ଆଦିବାସୀମାନଙ୍କ ଏହି ପୂଜା ନିମନ୍ତେ ପ୍ରାଣୀର ଉଷ୍ମ ରକ୍ତ ଅତ୍ୟନ୍ତ ଆବଶ୍ୟକ ଅଟେ । ରକ୍ତଟାକୁ ସେମାନେ ଦେହର ଶକ୍ତି ବୋଲି ମନେ କରନ୍ତି ଓ ସେମାନଙ୍କ ଧାରଣା ଯେ ଦୁର୍ବଳ ଲୋକ ଦେହରେ ରକ୍ତ ନ ଥାଏ । ତେଣୁ ସେମାନେ ବଳି-ଦ୍ୱାରା ପଶୁର ରକ୍ତ ଦେବତାଙ୍କୁ ଉତ୍ସର୍ଗ କରନ୍ତି କିମ୍ବା ଏହାକୁ ମଞ୍ଜି ସାଙ୍ଗରେ ମିଶାଇ ଦିଅନ୍ତି । ସେମାନଙ୍କ ବିଶ୍ୱାସ ଯେ ଏହାଦ୍ୱାରା ମଞ୍ଜିର ଫଳପ୍ରଦାନ କ୍ଷମତା ବୃଦ୍ଧି ପାଇବ ଓ ଉତ୍ତମ ଶସ୍ୟ ଉତ୍ପାଦିତ ହେବ । ସାଧାରଣତଃ ସେମାନେ କୁକୁଡ଼ା, ଛେଳି, ମେଣ୍ଢା ପ୍ରଭୃତି ବଳି ଦେଇଥାନ୍ତି । ସେମାନେ ଭାବନ୍ତି ଯେ ଏହାଦ୍ୱାରା ଦେବତାଙ୍କୁ ତୃପ୍ତ କଲେ ସେ ଶସ୍ୟସବୁ ରକ୍ଷା କରିବେ । ମନର ଏହି ବିଶ୍ୱାସ ନେଇ ପ୍ରତ୍ୟେକ ଆଦିବାସୀ ଖୁବ୍ ଉତ୍ସାହ ଓ ଆନନ୍ଦରେ ନିଜକୁ ଏହି ଉତ୍ସବରେ ହଜେଇ ଦିଅନ୍ତି ।

ସିଂହଭୂମର ହୋ ମାନଙ୍କ ମଧ୍ୟରେ ଏହି 'ହେରୋ' ଉତ୍ସବ ଖୁବ୍ ପ୍ରଧାନ ଅଟେ । ଏଥି ନିମନ୍ତେ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଶକ୍ତି ଅନୁଯାୟୀ କିଛି ଦାନ କରନ୍ତି । ଉତ୍ସବ ଦିନ ପ୍ରଭାତରୁ ଗ୍ରାମର ମୁଖିଆ ବ୍ୟକ୍ତି ବଳି ନିମନ୍ତେ କୁକୁଡ଼ା ଯୋଗାଡ଼ କରି ରଖେ ଓ ପୂଜା କରିବା ନିମନ୍ତେ ପ୍ରସ୍ତୁତ ହୋଇ ରହେ । ସନ୍ଧ୍ୟାରେ ନୃତ୍ୟ କରିବା ନିମନ୍ତେ ଏକତ୍ରିତ ହେବାକୁ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଢେଙ୍ଗୁରା ପିଟି ଖବର ଦିଆଯାଏ । ମୁଖିଆ ବ୍ୟକ୍ତି ବ୍ୟତୀତ ପ୍ରତ୍ୟେକ ଗ୍ରାମବାସୀ ନିଜ ନିଜର କ୍ଷେତରେ ଛେଳି, କୁକୁଡ଼ା ପ୍ରଭୃତି ବଳି ଦିଅନ୍ତି । ସଙ୍ଗୀତ ଓ ନୃତ୍ୟର ମଧୁର ଝଙ୍କାରରେ ସମଗ୍ର ରାତ୍ରି କଟିଯାଏ । ଯୁବକଯୁବତୀ-ମାନେ ଏହି ନୃତ୍ୟଗୀତରେ ବେଶି ଭାଗ ନେଇଥାନ୍ତି ।

ଛୋଟନାଗପୁର, ମଧ୍ୟପ୍ରଦେଶ ଓ ଓଡ଼ିଶାର ପାଖଆଖରେ ବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ହୋ ମାନେ ସବୁଠାରୁ ବେଶି ସୌନ୍ଦର୍ଯ୍ୟପ୍ରିୟ ଅଟନ୍ତି । ସେମାନଙ୍କ ଗୃହ, ପୋଷାକ, ଅଳଙ୍କାର ଏପରିକି ବାସନ ପ୍ରଭୃତିରୁ ମଧ୍ୟ ସେମାନଙ୍କର ସୌନ୍ଦର୍ଯ୍ୟଗ୍ରାହିତାର ପରିଚୟ ମିଳିଥାଏ । ଏକ ସମୟରେ ସେମାନେ ଭୟଙ୍କର ଯୋଦ୍ଧା ଭାବରେ ପ୍ରସିଦ୍ଧ ଥିଲେ । ଏମାନଙ୍କୁ 'ଲଡ଼କା' ବୋଲି କୁହା-ଯାଉଥିଲା । ତେଣୁ ବର୍ତ୍ତମାନ ଏମାନେ ସେମାନଙ୍କ ନୃତ୍ୟର ସ୍ତୁକଳା ମଧ୍ୟରେ ଯୁଦ୍ଧର ଏକପ୍ରକାର ଅଙ୍ଗଭଙ୍ଗୀ ଦେଖାନ୍ତି ।

ହେରେ ଉତ୍ସବରେ ସେମାନଙ୍କ ନୃତ୍ୟ ଧୀର ପଦକ୍ଷେପଦ୍ୱାରା ହୋଇଥାଏ । ତିନିପାଦ ଆଗକୁ ଓ ତିନିପାଦ ପଛକୁ ପକାଇ ସେମାନେ ନୃତ୍ୟ କରନ୍ତି । ଗୋଟିଏ ବୃତ୍ତାକାରରେ ଆଗକୁ ଯାଆନ୍ତି ଓ ପଛକୁ ଫେରନ୍ତି । ପ୍ରତ୍ୟେକ ବ୍ୟକ୍ତି ତାର ପାଖ ବ୍ୟକ୍ତିର ପଛପଟ ଦେଇ ଅନ୍ୟ ବ୍ୟକ୍ତିର ହାତ ସହିତ ହାତ ଛନ୍ଦିଥାଏ । ସାଧାରଣତଃ ଗୋଟିଏ ପୁଅ ପାଖକୁ ଗୋଟିଏ ଝିଅ ଥାଏ, କିନ୍ତୁ ନୃତ୍ୟ ଆରମ୍ଭ ହେଲାପରେ ପଛରେ କେହି ଆସି ମିଶିଲେ ଏହି ନିୟମ ଭଙ୍ଗ ହୋଇଥାଏ । ବୟସ୍କ ଲୋକମାନେ କେବଳ ଦର୍ଶକ ଭାବରେ ବସି ରହନ୍ତି ଓ ସମୟ ସମୟରେ ସେମାନଙ୍କ ମଧ୍ୟରୁ କେହି କେହି ନୃତ୍ୟର ଚୂଡ଼ାନ୍ତ ଅବସ୍ଥାରେ ଆତ୍ମହରା ହୋଇ ସେଥିରେ ମିଶିଯାଆନ୍ତି ।

ମୁଣ୍ଡାମାନଙ୍କ ମଧ୍ୟରେ ଅବିବାହିତ ଯୁବକ ଯୁବତୀମାନେ ପିତାମାତାଙ୍କଠାରୁ ଅଲଗା ଘରେ ଶୋଇବାର ନିୟମ ଅଛି । ଏହାଦ୍ୱାରା ସେମାନେ ପରସ୍ପର ସହିତ ମିଶିବାର ସୁଯୋଗ ପାଇଥାନ୍ତି । ପରସ୍ପର ଭାବର ଆଦାନପ୍ରଦାନ ମଧ୍ୟ କରିଥାନ୍ତି ଓ ନିଜ ନିଜର ଭବିଷ୍ୟତ ଜୀବନ-ସାଥୀକୁ ମଧ୍ୟ ବାଛି ନେଇ ପାରନ୍ତି । ହୋ'ମାନଙ୍କ ମଧ୍ୟରେ କିନ୍ତୁ ଏପରି ଶୋଇବାର କୌଣସି ନିୟମ ନାହିଁ; ତଥାପି ସେମାନେ ଯେ ପରସ୍ପର ଭାବର ଆଦାନପ୍ରଦାନ କରିବାର ସୁବିଧା ଯେ ନ ପାଇଥାନ୍ତି, ଏପରି ନୁହେଁ । ସମାଜର ନିୟମକାନୁନସବୁ ବଡ଼ମାନଙ୍କଠାରୁ ସାନମାନେ ଶିଖିଥାନ୍ତି ।

ହୋ ଗ୍ରାମରେ ଥରେ ଏହି ଉତ୍ସବ ସମୟରେ ମୁଁ ଉପସ୍ଥିତ ଥିଲି । ରାତି ପ୍ରାୟ ଦୁଇଟା ବେଳେ ଗୋଟିଏ ଯୁବକ ତାର ପ୍ରେୟସୀକୁ ଅପେକ୍ଷା କରିବାର ଦେଖିଲି । ଯୁବକଟି ଯୁବ—ସରଳ ହୋଇଥିବାରୁ ତା ସାଙ୍ଗରେ ବନ୍ଧୁତା ସ୍ଥାପନ କରି ତା ମନୋଭାବ ଓ ପ୍ରେମ ଓ ବିବାହ ସମ୍ବନ୍ଧରେ ତାଙ୍କ ସମାଜର ନିୟମ ସବୁ ଜାଣିବାର ସୁଯୋଗ ପାଇଥିଲି । ସାମାଜିକ କଟକଣା ହେତୁ ସେ ତାର ପ୍ରେୟସୀ ସହିତ ମୁକ୍ତ ମିଳାମିଶାର ସୁଯୋଗ ପାଉନାହିଁ । ଏଥିପାଇଁ ତାର ପିତାମାତା ଓ କନ୍ୟାର ପିତାମାତାଙ୍କୁ ଦୋଷ ଦେଉଥିଲା । ସେମାନେ ଯେ ସେ ଦୁହିଙ୍କର ମିଳାମିଶା ଦେଖିଲେ ଶାସ୍ତି ମଧ୍ୟ ଦେଇପାରନ୍ତି, ଏହା ସେ କହିଥିଲା । ବିବାହ ପ୍ରସ୍ତାବ ଦେଇଛି କି ନାହିଁ ତାକୁ ପଚାରିଥିଲି । ସେ ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲା ଯେ ବର୍ତ୍ତମାନ ଯୁଗରେ ନିଜ ବାହାଘର ନିଜେ ସ୍ଥିର କରିବା ଆଉ ନାହିଁ । ଏହା ବହୁତ ଯୁଗରୁ ଲୋପ ପାଇଲାଣି । ବିବାହରେ କନ୍ୟାର ପିତାମାତା ବହୁତ ଟଙ୍କା ଦାବୀ କରୁଛନ୍ତି, ଯାହା ଦେବା ତା ଅବସ୍ଥାର ବାହାରେ । ତେଣୁ ବିବାହ ହୋଇପାରୁ ନାହିଁ । ତାର ପ୍ରେୟସୀକୁ ନେଇ କାହିଁକି ପଳାଇ ଯାଉନାହିଁ ବୋଲି ତାକୁ ପଚାରିବାରୁ ସେ ବିରକ୍ତ ହୋଇ କହିଲା, ଏହି 'ଉପରଟିପି' ଓ 'ରାଜିଖୁସି' ପ୍ରଥା ହୋ ସମାଜରୁ ଧୀରେ ଧୀରେ ବିବାହ ଉଠିଯାଇଛି । ସଂସ୍କାରକମାନେ ଏହି ବିବାହ ପ୍ରଥାକୁ ପସନ୍ଦ କରୁ ନାହାନ୍ତି । ଯେଉଁମାନେ ଏହା କରୁଛନ୍ତି, ସେମାନଙ୍କୁ ଜୋରିମାନା ହେଉଛି ଓ ସମାଜରେ ଅଟକ କରି ରଖା ଯାଉଛି । ତେଣୁ ଏହି ଯୁବକଟି ବର୍ତ୍ତମାନ ସୁଦ୍ଧା ବେଶି ରୋଜଗାର କରି କନ୍ୟାର ପିତାମାତାଙ୍କୁ ସନ୍ତୁଷ୍ଟ କରିବାର ଭାବ ପୋଷଣ କରିଛି । ତାହାହେଲେ କେବଳ ସେ ତାର ସ୍ୱପ୍ନର ପ୍ରତିମାକୁ ପାଇ ପାରିବ । ବିବାହ ନ ହେଲେ ମଧ୍ୟ ଦୈହିକ ସମ୍ପର୍କର ସୁଯୋଗ ପାଉଥିବାରୁ ସେ ସନ୍ତୁଷ୍ଟ ଅଛି । କନ୍ୟାର ଗର୍ଭୋଦ୍ରେକରେ ସମାଜର ନିନ୍ଦାବାଦ ପ୍ରତି ତାର ଭୟ ରହିଛି । ତେଣୁ ସେ ଜନ୍ମନିରୋଧ ନିମନ୍ତେ ଔଷଧ ପ୍ରଭୃତି ବ୍ୟବହାର କରିବାରେ ମଧ୍ୟ ହେଳା କରିନାହିଁ । ହୋ ଯୁବକଯୁବତୀ ଯେ ନିଜକୁ ସଂଯତ କରି ପାରନ୍ତି ଓ ସମାଜର ନିୟମ ମାନି ଚଳିବାକୁ ଚେଷ୍ଟା କରନ୍ତି, ତାହା ଏହିଥିରୁ ଜଣା ପଡ଼ୁଛି ।

ଏହି ହେରୋ ଉତ୍ସବର ମହତ୍ତ୍ୱ ହେଉଛି ଯୁବକଯୁବତୀମାନଙ୍କ ପାଖରେ ବହୁତ ବେଶି । କ୍ଷେତରେ ଶସ୍ୟ ବୃଦ୍ଧି ପାଇଲା ପରି ସେମାନେ ମଧ୍ୟ ସେମାନଙ୍କ ପିଲାମାନଙ୍କୁ ଲାଳନପାଳନ କରି ବଡ଼ କରିବାର କଳ୍ପନା କରନ୍ତି । 'ମାଘି' ଉତ୍ସବରେ ଯୁବକଯୁବତୀଙ୍କ ମଧ୍ୟରେ ଯେଉଁ ପ୍ରେମର ଅଙ୍କୁର ଦେଖାଦିଏ, ହେରୋ ଉତ୍ସବରେ ସେହି ଲତାଟି ଫଳପୁଷ୍ପରେ ଭରି ହୋଇଥାଏ । ଶସ୍ୟର ଫଳପକ୍ୱତା ପାଇଁ ଉତ୍ସବ କଲାବେଳେ ହୋ ଯୁବକଯୁବତୀ ପ୍ରେମର ପରିକଳ୍ପନା ମଧ୍ୟ ଉପଲବ୍ଧି କରନ୍ତି । ପ୍ରେମ ଓ ଦୈହିକ ମିଳନକୁ ସେମାନେ ଦୈନନ୍ଦିନ ଜୀବନର ଗୋଟିଏ ସାଧାରଣ ବ୍ୟାପାର ବୋଲି ମନେ କରନ୍ତି । ସେମାନେ ଏହା ଉପରେ କୌଣସି ଗୁରୁତ୍ୱ ଆରୋପ କରନ୍ତି ନାହିଁ ।

ଏହା ଆମ୍ଭମାନଙ୍କ ଅସୁନ୍ଦର ମନେ ହୋଇ ପାରେ; କିନ୍ତୁ ମନସ୍ତତ୍ତ୍ୱବିଦ୍‌ମାନଙ୍କର ଗବେଷଣା ବର୍ତ୍ତମାନ ସଭ୍ୟ ଜଗତର ଦୃଷ୍ଟିକୋଣ ବଦଳେଇ ଦେଇଛି । ଯୌନ ମିଳନ ମଣିଷର ଏକ ସ୍ୱାଭାବିକ ପ୍ରବୃତ୍ତି । ଶିକ୍ଷା ଓ ସଭ୍ୟତାଦ୍ୱାରା ଯେ ଏହାର ଅବସାନ ଘଟେ, ଏପରି ନୁହେଁ । କିନ୍ତୁ ଆଧୁନିକ ସଭ୍ୟ ସମାଜରେ ଯୌନ ସମ୍ବନ୍ଧୀୟ କଥାବାର୍ତ୍ତାକୁ ମଧ୍ୟ ଅଶୋଭନୀୟ ମନେ କରାଯାଉଛି । ବାଳକବାଳିକାମାନଙ୍କ ମଧ୍ୟରେ ଯୌନଶିକ୍ଷା ଦେବା ତ ଦୂରର କଥା, ବରଂ ଅତ୍ୟଧିକ କଡ଼ା କଟକଣାଦ୍ୱାରା ସେମାନଙ୍କ ଭିତରେ ସ୍ୱାଭାବିକ ପ୍ରବୃତ୍ତିକୁ ବାଧା ଦିଆଯାଉଛି । ଏହାର ପରିଣାମ କିନ୍ତୁ ଭଲ ହେଉ ନାହିଁ । ବହିଯିବା ନଦୀର ସ୍ୱାଭାବିକ ଧର୍ମ । କିନ୍ତୁ କୌଣସି ବନ୍ଧ ଦେଇ ଏହାର ପ୍ରଭାବକୁ ବନ୍ଦ କରି ଗଲେ ଏହା ଉଚ୍ଛୁଳି ଦୁଇ କୂଳରେ ଥିବା ସ୍ଥାନଗୁଡ଼ିକୁ ବୁଡ଼ାଇ ଦିଏ । ସେହିପରି ମଣିଷର ସ୍ୱାଭାବିକ ପ୍ରବୃତ୍ତିର ବିକାଶ ନିମନ୍ତେ ସୁବିଧା ଦିଆ ନଗଲେ ତାହାର ବ୍ୟକ୍ତିତ୍ୱର ବିକାଶ ମଧ୍ୟ ହୋଇ ପାରେନାହିଁ । ଜୀବନ ଦୁଃଖନୈରାଶ୍ୟରେ ଭରିଯାଏ । ଫଳରେ ସମାଜରେ କେତେଗୁଡ଼ିଏ ଭୀରୁ, କାପୁରୁଷଙ୍କର ସୃଷ୍ଟି ହୁଏ । ତେଣୁ ଯୌନ ସମ୍ବନ୍ଧୀୟ ଶିକ୍ଷା ବା କାର୍ଯ୍ୟକୁ ଅତି ନିନ୍ଦନୀୟ ବୋଲି ନ ଭାବି ଯୁବକଯୁବତୀମାନଙ୍କୁ ସେମାନଙ୍କର ସୀମା ମଧ୍ୟରେ ମିଳାମିଶା କରିବା ନିମନ୍ତେ ସୁବିଧା ଦେବା ଉଚିତ । ଯୌନ ସମ୍ବନ୍ଧୀୟ ଉପଯୁକ୍ତ ଶିକ୍ଷାଦ୍ୱାରା ସେମାନଙ୍କର ଜୀବନ ସଂଯତ ଓ ସୁନ୍ଦର ହୋଇ ପାରିବ ଓ ଭବିଷ୍ୟତରେ ମଧ୍ୟ ଅଜ୍ଞାତ ଜୀବନର ଭୁଲ ପାଇଁ ସେମାନଙ୍କର ଜୀବନ ଦୁଃଖ ଓ ଅନୁତାପରେ ଭରିଯିବ ନାହିଁ । କିନ୍ତୁ ଶିକ୍ଷା ଓ ସଭ୍ୟତାରୁ ବହୁ ଦୂରରେ ଥାଇ ମଧ୍ୟ ଆଦିବାସୀମାନଙ୍କ ମଧ୍ୟରେ ଯୌନ ଜୀବନର ଏହି ଶୋଚନୀୟ ପରିଣତି ଦେଖାଯାଏ ନାହିଁ । ସେମାନଙ୍କ ସମାଜରେ ପୁରୁଷସ୍ତ୍ରୀଙ୍କ ଅବାଧ ମିଳାମିଶା ଫଳରେ ମନର ବିକାଶ ରହେ ନାହିଁ ଓ ଯୌନ ମିଳନ ଜୀବନର ଏକ ସାଧାରଣ ବ୍ୟାପାର ଭାବରେ ଗୃହୀତ ହୁଏ ।

ଦୁଃଖର କଥା, ସଭ୍ୟତାର ବିଷାକ୍ତ କୀଟ ଆଦିବାସୀର ସରଳ ପ୍ରାଣକୁ ସଂକ୍ରମିତ କଲାଣି । ଆଦିବାସୀ ଜୀବନରେ ଯାହା ଦିନେ ସହଜ ସୁନ୍ଦର ଓ ସାଧାରଣ ଥିଲା, ତାହା ଆଜି ସଭ୍ୟ ସମାଜର ପ୍ରଭାବରେ କୃତ୍ରିମତା ଆଡ଼କୁ ଗତି କଲାଣି । ଟାଟା କମ୍ପାନିର ଶିଳ୍ପ ଓ ଖଣି ପ୍ରଭୃତିର ପ୍ରସାର ଖୁବ୍ ପ୍ରଖର ଗତିରେ ହେଉଥିବାରୁ ଓ ଏହା ହୋ-ଭୂମିର ନିକଟବର୍ତ୍ତୀ ହୋଇଥିବାରୁ ହୋ ମାନେ ବାହାର ସଭ୍ୟ ଜଗତର ସଂସ୍ପର୍ଶରେ ଆସୁଛନ୍ତି । ନାନାପ୍ରକାର ବ୍ୟବସାୟୀ ଓ କଣ୍ଟ୍ରାକ୍ଟରମାନଙ୍କଦ୍ୱାରା ହୋ ଗ୍ରାମ ପୂର୍ଣ୍ଣ ହୋଇ ଯାଉଛି । ଆହୁରି ମଧ୍ୟ ଅନ୍ୟାନ୍ୟ ଅନେକ ପ୍ରକାର ଲୋକମାନଙ୍କର ଯାତାୟାତ ହେତୁ ହୋମାନଙ୍କ ଉପରେ ସେମାନଙ୍କ ପ୍ରଭାବ ପଡ଼ୁଛି । ଫଳରେ ହୋ ସଭ୍ୟତାର ବହୁତ ପରିବର୍ତ୍ତନ ଘଟିଛି । ନିଜର ପୁରାତନ ସଂସ୍କୃତି ସଙ୍ଗେ ଓ ନୂତନ ସଭ୍ୟତା ମିଶି ହୋ ମାନଙ୍କ ମଧ୍ୟରେ ଏକ ଅଦ୍ଭୁତ ପ୍ରକାର ଭାବଭଙ୍ଗୀ

( ୪୧ ପୃଷ୍ଠା ଦେଖନ୍ତୁ )

# ମାନମୁଣ୍ଡା ଅଞ୍ଚଳର ଏକ ପ୍ରଚଳିତ ପ୍ରବାଦ

## ଶ୍ରୀ ସୋମନାଥ ବେହେରା

ବଉଦ ସବଡ଼ିଭିଜନର ଘଣ୍ଟାପଡ଼ା ଥାନାରେ ଓଡ଼େଶ୍ୱ ନାମରେ ଗୋଟିଏ ଗ୍ରାମ ଅଛି । ବହୁତ ଦିନ ପୂର୍ବେ କୁଟିଆ କନ୍ଧମାନେ ସେଠାରେ ବାସ କରୁଥିଲେ । ଥରେ ଏହି କନ୍ଧମାନେ କୌଣସି କାର୍ଯ୍ୟବଶତଃ ବଉଦଗଡ଼ ରାଜାଙ୍କ ପାଖକୁ ଯାଇଥିଲେ । ଆମ୍ବ ପାଚିବା ବେଳ । ରାଜାଙ୍କ ବଗିଚାରେ ନାନା ଫଳ ପରିପୂର୍ଣ୍ଣ ହୋଇଥାଏ । କନ୍ଧମାନେ ରାଜାଙ୍କୁ ଆମ୍ବ ମାଗିଲେ । ରାଜା ଏଥିରେ ସମ୍ମତି ଜଣାଇବାରୁ କନ୍ଧମାନେ ଗୋଟିଏ ଗଛର ଆମ୍ବତକ ଖାଇସାରି ସେହି ଆମ୍ବ ଗଛଟିକୁ ମଧ୍ୟ ନେବା ପାଇଁ ଲୋଭ କଲେ । ସୁତରାଂ ସେମାନେ ପୁନର୍ବାର ଗଛ ସକାଶେ ମଧ୍ୟ ରାଜାଙ୍କୁ ଅନୁରୋଧ କଲେ । ରାଜା ଏହା ଶୁଣି ଆଦେଶ ଦେଲେ ଯେ ତୁମ୍ଭେମାନେ ଗଛକୁ ନେଇଯାଇ ପାରିବ କିନ୍ତୁ ଗଛ ଯେପରି ନ ମରେ । ଆସନ୍ତା ବର୍ଷକୁ ମୁଁ ଯାଇ ସେଥିରୁ ଫଳ ଖାଇବି । ଏଥିରେ କନ୍ଧମାନେ ବଡ଼ ଖୁସି ହୋଇ ଗଛଟିକୁ ନେଇ ଆଣିଲେ । ବଡ଼ ଆଶ୍ଚର୍ଯ୍ୟର କଥା ଯେ କନ୍ଧମାନେ ମନ୍ତ୍ରତନ୍ତ୍ର ବଳରେ ଉକ୍ତ ଆମ୍ବ ଗଛଟିକୁ ଜୀଅନ୍ତା ନେଇ ବହୁତ ଫଳ ଫଳାଇଲେ । ବର୍ତ୍ତମାନ ସୁଦ୍ଧା ଏହି ଗଛଟି ଦେଖିବାକୁ ମିଳେ । ଅକପଟ ହୃଦୟରେ ଫଳ ପାଇବା ପାଇଁ ଇଚ୍ଛା କଲେ ଏଥିରୁ ଆମ୍ବ ପଡ଼େ ।

( ୪୦ ପୃଷ୍ଠାର ଅବଶିଷ୍ଟାଂଶ )

ଦେଖାଯାଇଛି । ଉରାଓଁ ଓ ସାନ୍ତାଳମାନଙ୍କ ପରି ମଧ୍ୟ ସେମାନଙ୍କର ସମାଜର ଭିତ୍ତି ଖୁବ୍ ପ୍ରଶସ୍ତ ନ ଥିବାରୁ ଏହି ପରିବର୍ତ୍ତନକୁ ସେମାନେ ପୂର୍ଣ୍ଣମାତ୍ରାରେ ଗ୍ରହଣ କରି ନେଇ ପାରି ନାହାନ୍ତି । ଫଳରେ ସେମାନେ ନିଜ ଗ୍ରାମରେ ଓ ବାହାରେ ଭିନ୍ନ ଭିନ୍ନ ପ୍ରକାର ବ୍ୟବହାର ଦେଖାଇଥାନ୍ତି । ସେମାନଙ୍କ ଯୌନ ଜୀବନ, ସେମାନଙ୍କ ନୃତ୍ୟ, ଉତ୍ସବ ପ୍ରଭୃତି ମଧ୍ୟ ଏହାର ଫଳରେ ପରିବର୍ତ୍ତନ ହୋଇଛି ଓ ତାହାର ସ୍ୱଚ୍ଛନ୍ଦତା ହରାଇଛି । ଆହୁରି ମଧ୍ୟ କନ୍ୟାର ଦାମ ବଢ଼ିଯିବାରୁ ବିବାହ ଏକ ସମସ୍ୟା ହୋଇଯାଇଛି ଓ ଯୁବକ-ଯୁବତୀମାନଙ୍କ ଅତ୍ୟଧିକ ବୟସ ହେଲେ ମଧ୍ୟ ବିବାହ କରିପାରୁ ନାହାନ୍ତି । ଫଳରେ ନୈତିକ ଅଧୋଗତି ଘଟୁଛି । ଝରଣା ଚଞ୍ଚଳ ଓ ବଣର ଫୁଲ ପରି ସୁନ୍ଦର ଥିଲା ଯେଉଁ ଜୀବନ, ତାହା ଆଜି ସଭ୍ୟତାର ସଂସ୍ପର୍ଶରେ ଆସି ସ୍ୱାଭାବିକତା ହରାଇଛି ।

# ଜୁଆଙ୍ଗମାନଙ୍କର ନୃତ୍ୟ ଓ ଗୀତ

**ଶ୍ରୀ ଅଜିତ ରାୟ**

## ଜୁଆଙ୍ଗମାନେ କେଉଁଠାରେ ଦେଖାଯାନ୍ତି

ଜୁଆଙ୍ଗମାନେ କେନ୍ଦୁଝରର ପାର୍ବତ୍ୟ ଅଞ୍ଚଳ ଓ ଢେଙ୍କାନାଳର ସମତଳ ଭୂମିମାନଙ୍କରେ ବାସ କରନ୍ତି । ଏମାନଙ୍କର ଜୀବନଯାତ୍ରା ପ୍ରଣାଳୀ ଗବେଷଣା କଲେ ବୁଝାଯାଏ ଯେ ଅନ୍ୟାନ୍ୟ ଆଦିବାସୀମାନଙ୍କ ପରି ଏମାନଙ୍କର ଜୀବନ ଉନ୍ମୁକ୍ତ, ପ୍ରେମପୂର୍ଣ୍ଣ, କର୍ମମୟ ଓ ନୃତ୍ୟଗୀତିଭରା ସୌନ୍ଦର୍ଯ୍ୟମୟ ଅଟେ । ଆଜିସୁଦ୍ଧା ଅନେକ ଜୁଆଙ୍ଗ ସହରର କୁଟିଳତା ଓ ଆବିଳତା ପରିସରରୁ ବହୁତ ଦୂରରେ ନିବିଡ଼ ଅରଣ୍ୟ ମଧ୍ୟରେ ନିରାଡ଼ମ୍ବର ଭାବରେ କାଳାତିପାତ କରୁଛନ୍ତି । ନୃତ୍ୟଗୀତ ବିନା ଜୀବନଯାପନ କରିବା ଏମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଜୁଆଙ୍ଗମାନଙ୍କର ନୃତ୍ୟ ରସମୟ ଓ ମନୋମୁଗ୍ଧକର ଅଟେ । ସେମାନଙ୍କ ନୃତ୍ୟଗୀତରେ ସ୍ୱତନ୍ତ୍ରତା ଓ ବୈଚିତ୍ର୍ୟ ରହିଛି । ନୃତ୍ୟ ସମୟରେ ଶରୀର ଚାଳନା ଦ୍ୱାରା ସେମାନେ ବିଭିନ୍ନ ଭାବଭଙ୍ଗୀ ଓ ମନର କାମନା ଫୁଟାଇ ପାରିଥାନ୍ତି । ଏହିସବୁ ଭାବଭଙ୍ଗୀ ପ୍ରେମପୂର୍ଣ୍ଣ, ସୁମଧୁର, ଓ ଏହା ଦେଖିଲେ ମନ ଆନନ୍ଦରେ ନାଚିଉଠେ ।

## ଜୁଆଙ୍ଗମାନେ କିପରି ନୃତ୍ୟ କରନ୍ତି

ଜୁଆଙ୍ଗମାନଙ୍କର ନୃତ୍ୟକଳା କେତେଗୁଡ଼ିଏ ସାଧାରଣ ନିୟମପ୍ରଣାଳୀଦ୍ୱାରା ପରିଚାଳିତ । ସାଧାରଣତଃ ଗୋଟିଏ ଗ୍ରାମର ଯୁବକ ଓ ଯୁବତୀମାନେ ଏକାଠି ନୃତ୍ୟ କରନ୍ତି ନାହିଁ । କାରଣ ଜୁଆଙ୍ଗମାନଙ୍କର ପ୍ରତ୍ୟେକ ଗ୍ରାମଗୁଡ଼ିକ ଏକ ଗୋତ୍ରଜ ଅଟେ ଏବଂ ସେମାନଙ୍କ ମଧ୍ୟରେ ସଂଗୋତ୍ର ବିବାହ ଜାତି ବାଡ଼ି ନିଷିଦ୍ଧ ଅଟେ । ଆହୁରି ମଧ୍ୟ କେତେଗୁଡ଼ିଏ ଗୋତ୍ର ଅଛି, ସେ ସବୁ ଗୋତ୍ରର ଲୋକମାନେ ଭାଇଆଳି ଅଟନ୍ତି । ସୁତରାଂ ଏହିସବୁ ଭାଇ ଗୋତ୍ରର ଲୋକମାନଙ୍କ ମଧ୍ୟରେ ବିବାହ ନିଷେଧ ଅଟେ । ଜୁଆଙ୍ଗ ସମାଜର ପ୍ରଚଳିତ ପ୍ରଥା ଅନୁସାରେ ଯେଉଁ ଯେଉଁ ଗୋଷ୍ଠୀ ମଧ୍ୟରେ ବିବାହ ହୋଇପାରିବ, ସେଗୁଡ଼ିକୁ ବନ୍ଧୁଗୋଷ୍ଠୀ ବୋଲିଯାଏ । ଗୋଟିଏ ଗ୍ରାମର ଯୁବକଯୁବତୀମାନେ ଅନ୍ୟ ଗୋଟିଏ ଗ୍ରାମରେ ଥିବା ସେମାନଙ୍କ ବନ୍ଧୁ ଗୋତ୍ରର ଯୁବକ ଯୁବତୀମାନଙ୍କ ସଙ୍ଗେ ନୃତ୍ୟ କରନ୍ତି । ଜୁଆଙ୍ଗ ସଂପ୍ରଦାୟର ଯୁବକ ଯୁବତୀମାନେ ଉନ୍ମୁକ୍ତ ଭାବରେ ପରସ୍ପର ସହିତ ମିଳାମିଶା କରିଥାନ୍ତି । ସେମାନେ ଗାନ୍ଧର୍ବ ବିବାହ ମତରେ ନିଜ ନିଜର ପତିପତ୍ନୀ ବାଛି ନିଅନ୍ତି । ନୃତ୍ୟ ପୂର୍ବରୁ ଜୁଆଙ୍ଗ ଯୁବକ ଯୁବତୀମାନେ ସେମାନଙ୍କର ସଙ୍ଗୀ ନର୍ତ୍ତକମାନଙ୍କ ପାଇଁ ବୃଜଳ, ଡାଲି ଇତ୍ୟାଦି ଦ୍ରବ୍ୟ ସଂଗ୍ରହ କରି ରଖିଥାନ୍ତି ।

## ଗ୍ରାମର କୋଠଘର ମଜାଙ୍ଗ ବା ମଣ୍ଡାଘର

ଗ୍ରାମର ମଧ୍ୟସ୍ଥଳରେ ଗୋଟିଏ ବୈଠକଘର ଅଛି । ଏହାକୁ ମଜାଙ୍ଗ କୁହାଯାଏ । ଏହି ମଜାଙ୍ଗ ନୃତ୍ୟଗୀତର ଶିକ୍ଷାସ୍ଥଳୀ ଅଟେ । ଗ୍ରାମକୁ କେହି ଅତିଥି ବା ସରକାରୀ କର୍ମଚାରୀ ଆସିଲେ ସେମାନଙ୍କର ବସବାସ ଓ ଖାଦ୍ୟପେୟର ସମସ୍ତ ବ୍ୟବସ୍ଥା ଏହି ମଜାଙ୍ଗରେ କରାଯାଇଥାଏ । ଗ୍ରାମର ଯୁବକମାନେ ଏହି ମଜାଙ୍ଗରେ ଏକତ୍ର ଭାବରେ ରାତ୍ରିଯାପନ କରନ୍ତି । ସେହିପରି ଗ୍ରାମର ଯୁବତୀମାନେ କୌଣସି ଏକ ବୟସ୍କା ସ୍ତ୍ରୀଙ୍କ ସଙ୍ଗେ କୌଣସି ଏକ ବ୍ୟକ୍ତିଙ୍କର ଅବଶିଷ୍ଟ



ଚାଙ୍ଗୁ ବାଦ୍ୟ ସହିତ ନୃତ୍ୟରତ ଜୁଆଙ୍ଗ ଯୁବକଯୁବତୀ

ଗୃହ ମଧ୍ୟରେ ଏକତ୍ର ଭାବରେ ରାତିଯାପନ କରିଥାନ୍ତି । ସାଧାରଣତଃ ମଜାଙ୍ଗର ସମ୍ମୁଖସ୍ଥ ଖୋଲା ସ୍ଥାନରେ ଓ ଖୋଲା ଆକାଶତଳେ ନୃତ୍ୟ କରାହୁଏ । ଯୁବକମାନେ ଏହି ମଜାଙ୍ଗରେ ପରସ୍ପରଠାରୁ ନୃତ୍ୟଗୀତ ଶିକ୍ଷା କରନ୍ତି । ସେମାନେ ଚାଙ୍ଗୁ ପ୍ରଭୃତି ବାଦ୍ୟଯନ୍ତ୍ର କିପରି ତିଆରି ହୁଏ, ତାହା ଏହି ମଜାଙ୍ଗରେ ଶିକ୍ଷା କରନ୍ତି, ମଜାଙ୍ଗ ଗୃହଟି ଦେଖିବାକୁ ବଡ଼ ସୁନ୍ଦର । ଏଥିରେ ବ୍ୟବହୃତ ହୋଇଥିବା କାଠଗୁଡ଼ିକ ଖୋଦିତ କାରୁକାର୍ଯ୍ୟରେ ଭୂଷିତ ହୋଇଥାଏ । ଏହି ମଜାଙ୍ଗରେ ଚାଙ୍ଗୁ, ମାଦଳ, ଢୋଲ ପ୍ରଭୃତି ବାଦ୍ୟ ଏକତ୍ର ରଖା ଯାଇଥାଏ ।

## ଯୁବକ ଓ ଯୁବତୀମାନଙ୍କର ପୋଷାକ-ପରିଚ୍ଛଦ

ନୃତ୍ୟ ପୂର୍ବରୁ ଯୁବକମାନେ ଉତ୍ତମ ପୋଷାକ ପରିଧାନ କରନ୍ତି ଓ ଅଳଙ୍କାରଦ୍ୱାରା ଭୂଷିତ ହୁଅନ୍ତି । ପୁରାତନ ଗ୍ରନ୍ଥମାନଙ୍କରୁ ଜଣାଯାଏ ଯେ ପ୍ରାୟ ୫୦ ବର୍ଷ ପୂର୍ବେ ଜୁଆଙ୍ଗମାନେ ବସ୍ତ୍ର ପରିଧାନ କରୁ ନଥିଲେ । କିନ୍ତୁ ଆଧୁନିକ ସଭ୍ୟତାର ସଂସ୍ପର୍ଶରେ ଆସି ସେମାନେ ବସ୍ତ୍ର ପରିଧାନ କଲେଣି ସତ, କିନ୍ତୁ ପରିଧେୟ ବସ୍ତ୍ରକୁ ପରିଷ୍କାରପରିଚ୍ଛନ୍ନ ରଖିବା ଅଭ୍ୟାସ ସେମାନଙ୍କର ହୋଇନାହିଁ । ନିଜର ଶରୀରକୁ ସୌନ୍ଦର୍ଯ୍ୟମୟ କରିବାପାଇଁ ସେମାନେ ଖୁବ୍ ଚେଷ୍ଟା କରନ୍ତି । ନୃତ୍ୟପାଇଁ ସେମାନେ ଗୋଟିଏ ଗାଢ଼ ନାଲି ଧଡ଼ିର ୭ହାତ ଶାଢ଼ୀ ( ଶାଢ଼ିକିଚେ ) ପରିଧାନ କରନ୍ତି । ଜୁଆଙ୍ଗ ଯୁବତୀମାନେ ଅନ୍ୟାନ୍ୟ ଯୁବତୀମାନଙ୍କ ପରି ସ୍ୱାଭାବିକ ଅଳଙ୍କାରପ୍ରିୟ ଅଟନ୍ତି । କାନରେ ପିତ୍ତଳର ମାଙ୍କଡ଼ି ( ଫିରଫିରା ), ହାତରେ ପିତ୍ତଳର ବାଲା (ଖାଡ଼ୁ), ଆଙ୍ଗୁଳିରେ ପିତ୍ତଳର ମୁଦି, ବେକରେ ବିଭିନ୍ନ ରଙ୍ଗର ମାଳି ଓ ଗୋଡ଼ରେ ପିତ୍ତଳର ପାହୁଡ଼ (ପାହୁର) ପ୍ରଭୃତି ନାନା ଅଳଙ୍କାର ପିନ୍ଧି ନିଜକୁ ଭୂଷିତ କରି ଥାଆନ୍ତି । ଯୁବକମାନଙ୍କର ପୋଷାକରେ ବିଶେଷ କିଛି ଆଡ଼ମ୍ବର ନଥାଏ । ସେମାନେ କେବଳ ୭ ହାତର ଗୋଟିଏ ଶୁକ୍ଳ ବସ୍ତ୍ର ଓ ମୁଣ୍ଡରେ ଗୋଟିଏ ପଗଡ଼ି ପିନ୍ଧିଥାନ୍ତି । ଯୁବକ ଓ ଯୁବତୀମାନେ କାଠର ଓ ବାଉଁଶର ପାନିଆଦ୍ୱାରା ବାଳକୁ କୁଣ୍ଡାଇ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାନ୍ତି । ଏହି ପାନିଆଗୁଡ଼ିକ ସାଧାରଣତଃ ଯୁବକମାନଙ୍କଦ୍ୱାରା ତିଆରି ହୋଇଥାଏ । ଯୁବତୀମାନେ ମୁଣ୍ଡରେ ରାସ୍ନି ଏବଂ ଟୋଲ ତେଲ ବ୍ୟବହାର କରନ୍ତି ।

## ଜୁଆଙ୍ଗମାନଙ୍କର ନୃତ୍ୟ ଓ ଗୀତ

ଜୁଆଙ୍ଗ ଯୁବକଯୁବତୀମାନଙ୍କର ନୃତ୍ୟ ଦେଖିଲେ ମନେହୁଏ ଯେ ସେମାନଙ୍କ ନୃତ୍ୟରେ ଯେପରି କୌଣସି କୃତ୍ରିମତା ନାହିଁ । ସେମାନଙ୍କର ନୃତ୍ୟକଳାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ସାମାଜିକ ଓ ଅନ୍ୟଟି ଧର୍ମ ସମ୍ବନ୍ଧୀୟ । ଯେଉଁ ନୃତ୍ୟ ମଜାଙ୍ଗରେ ପ୍ରଥମେ କୌଣସି ଯୁବକ ଭର୍ତ୍ତି ହେବା ସମୟରେ ଓ ବିବାହ ଉପଲକ୍ଷରେ ହୋଇଥାଏ, ତାକୁ ସାମାଜିକ ନୃତ୍ୟ ବୋଲାଯାଏ । ନବାନ୍ନ, ଆମ୍ବଖିଆ, ପୁଷ ପୁନେଇ ଇତ୍ୟାଦି ପର୍ବମାନଙ୍କରେ ଯେଉଁ ନୃତ୍ୟ ହୁଏ, ତାକୁ ଧର୍ମ ସମ୍ବନ୍ଧୀୟ ନୃତ୍ୟ ବୋଲାଯାଏ । ଧର୍ମ ସମ୍ବନ୍ଧୀୟ ନୃତ୍ୟରେ ଗ୍ରାମର ବୟସ୍କ ପୁରୁଷ ଓ ସ୍ତ୍ରୀମାନେ ମଧ୍ୟ ଯୋଗ ଦେଇଥାନ୍ତି । ସାଧାରଣତଃ ଫସଲ ଅମଳ ହେବାପରେ ଯୁବକ ଓ ଯୁବତୀମାନେ ନୃତ୍ୟଗୀତରେ ରତ ହୁଅନ୍ତି । କେତେଗୁଡ଼ିଏ ନୃତ୍ୟର ବିବରଣୀ ନିମ୍ନରେ ଦିଆଗଲା । ପ୍ରଥମେ ଯୁବକମାନଙ୍କର ନେତା ଦଳବଳେ ନୃତ୍ୟପ୍ରାଙ୍ଗଣକୁ ଆସନ୍ତି ଏବଂ ବାମ ହାତରେ ଚାଙ୍ଗୁ ଧରି ଡାହାଣ ହାତରେ ଆଙ୍ଗୁଠିରେ ଚାଙ୍ଗୁ ଉପରେ ଚାଳନା କରନ୍ତି । ଜୁଆଙ୍ଗମାନଙ୍କର ବଜାଇବାର ବିଭିନ୍ନ ତାଳମାନ ( ଓମଟର୍ ) ଅଛି । କେତେଗୁଡ଼ିଏ ତାଳମାନ ନିମ୍ନରେ ଦିଆଗଲା—

(କ) ଘିନା ଘନଟା ।

(ଖ) ଘିନା ଘୁନ୍ ଘୁନ୍ଟା ।

(ଗ) ଘୁନ୍ ଘୁନ୍ ଘୁନ୍ଟା, ଘୁନ୍ ଘୁନ୍ ଘନଟା ।

(ଘ) ଟାକୁନ୍ ଗୁମ୍ଟା, ଟାକୁନ୍ ଗୁମ୍ଟା
(ଙ) ଘୁନ୍ ଘୁନ୍ ଘୁନଟା ଘୁନ୍ ଘୁନ୍ ଘୁନ୍ ଘୁନ୍ଟା

ଯୁବକମାନେ କୌଣସି ଏକ ତାଳରେ ବଜାଇବାର ଆରମ୍ଭ କଲେ ଯୁବତୀମାନେ ତାହା ଶୁଣିପାରି ବୁଝିପାରନ୍ତି ଯେ ଯୁବକମାନେ ଏହି ତାଳ ସହିତ କି ପ୍ରକାର ଗୀତ ଗାଇବେ ଓ ଏହି ପ୍ରକାର ତାଳ ଓ ଗୀତ ସକାଶେ କି ପ୍ରକାର ନୃତ୍ୟ ପ୍ରଯୁଜ୍ୟ । ସେହି ଅନୁସାରେ ନୃତ୍ୟର ଧାରା ଠିକ୍ କରି ନିଅନ୍ତି । ପ୍ରଥମେ ଯୁବକମାନଙ୍କ ମଧ୍ୟରୁ ଜଣେ ଭଲ ଗାୟକ ଗୀତ ଗାଇବା ଆରମ୍ଭ କରେ । ନିମ୍ନରେ ଗୋଟିଏ ତାଳ ଓ ତା ସହିତ ଉପଯୁକ୍ତ ଗୀତ ଓ ନୃତ୍ୟର ବିବରଣୀ ଦିଆଗଲା—

ତାଳ—ଘିନା ଘିନ୍ଟା ଘିନା ଘିନ୍ଟା

ଗୀତ— କୁ କୁ ଲେ ସେମେଲଂ ବାନାସେକୁ ।
(ଯୁବକ କହୁଛି, "ଚାଲ ଚାଲ ଆମେ ଦୁଇଜଣ ଚାଲ ଯିବା")
କୁକୁରେ କମଙ୍ଗେର ସେଙ୍ଗରକୁ ।
(ଯୁବତୀ କହୁଛି, "ଚାଲ, ତୁମେ ଆଗ ଚାଲ")
ଆମ୍ ତେର ସେଙ୍ଗାରକୁ ।
(ଯୁବକ କହୁଛି, "ଚାଲ ତୁ ଆଗେ ଚାଲ")
ଯରା-ବାଂସନ୍ତି ଲଙ୍ଗସେକେକୁ ।
(ମୁଁ ତୋର ହାତର ବାଲା ଦେଖି ଦେଖି ଯିବି)
କୁକୁରେ କମଙ୍ଗେର ସେଙ୍ଗାରକୁ ।
(ଯୁବତୀ କହୁଛି, "ତୁମେ ଆଗେ ଚାଲ")
କାଉତଆ ପାଗମେ ଦେତେ ଲଙ୍କ ସେକେକୁ ।
(ମୁଁ ତୁମର ପଗଡ଼ିର ଚୂଳ ଦେଖି ଦେଖି ଯିବି)
ଡବା ଗୁଡ଼ିଆ ଲମନ୍ସୁ ଗସିଂ ବାନାଗକୁ ।
(ଯୁବତୀ କହୁଛି, ସେହି ଯେଉଁ ଖାଲ ଅଛି ତାର ଆରପଟେ ଯେଉଁ ଅଶୋକ ଗଛ ଅଛି, ତହିଁରୁ ଫୁଲ ତୋଳି ଯିବା ଚାଲ)
ଡାଏ ଡାଏ ଲେ ସେମେଲଂ କାକାମତେ ବାଗେଗଇ ।
କୁଲମତେ ବାରଜଣୀ କଂଗାଁ ତାର ଗଏ ।
(ଯୁବକ କହୁଛି, ତୁ ଆଗେ ଯା । ତୋର ଯେଉଁ ବାର ଜଣ ଭାଇ ଅଛନ୍ତି ଓ ସେମାନଙ୍କର ସ୍ତ୍ରୀ, ସେମାନଙ୍କୁ ପଚାରି ଆ)
କୁକୁରେ କମଙ୍ଗେର ଦାଂଆତେ କୁ ।
(ଯୁବତୀ କହୁଛି,-ଚାଲ ଯିବା, ମୁଁ ସେମାନଙ୍କୁ ପଚାରି ଆସିଛି)
ବାରଦିନତେ ବାରପୁଟେର କମାଣ୍ଡାରତାଏ ।
(ଯୁବକ କହୁଛି, ବାରଦିନ ପାଇଁ ବାରଟି ପୁଟୁଳି ନେଇ ଆସିବୁ ଯା)
କୁ କୁ ରେ କାମଙ୍ଗେର ବାନାରୁକୁ ।
ବାର ଦିନତେ ବାରପୁଟେର କଂବା ତେକୁ ।
(ଯୁବତୀ କହୁଛି, ଚାଲ ଯିବା ଦୁଇଜଣ ଯାକ ଚାଲ ଯିବା-ମୁଁ ବାରଦିନ ପାଇଁ ବାର ପୁଟୁଳି ନେଇ ଆସିଛି)
ଆଉ-ଛନ୍-କଆ ଗଏ ।
ଡାଏରେ କମଙ୍ଗେର ଡେରରେ ଡେଦେଡାଏ ।
(ଯୁବତୀ କହୁଛି, ଆମେ ତ ଆସିଗଲେ; ତୁମେ ଏହି ସେଠି ଗଛ ଉପରେ ଚଢ଼ି ବଡ଼ ଗଛରୁ ଫୁଲ ତୋଳ)
ଉଆଲେ ସେମେଲଙ୍ଗ ଡେଗରେ ବଡେରେର ଡାଏ ।
(ଯୁବକ କହୁଛି, ଆଁ ଲେ ମୋତେ ଧରି ଉଠାଇ ଦିଏ)

ଏହି ଗୀତ ସଙ୍ଗେ ଯେଉଁ ନୃତ୍ୟ ଯୁବତୀମାନଙ୍କ-ଦ୍ୱାରା ପରିବେଷିତ ହୁଏ, ତାର ଗୋଟିଏ ବିବରଣୀ ନିମ୍ନରେ ଦିଆଗଲା । ଏହି ନୃତ୍ୟଟି ଜୁଆଙ୍ଗ ସମ୍ପ୍ରଦାୟ ମଧ୍ୟରେ ଖୁବ୍ ପ୍ରଚଳିତ ଅଟେ । ଆଗେ କୁହାଯାଇଛି, ପ୍ରଥମେ କୌଣସି ଜଣେ ସୁଗାୟକ ଗୀତ ଗାଏ । ସେ ଗାଇବା ସଙ୍ଗେ ସଙ୍ଗେ ବାକି ସାଙ୍ଗ ଜୁଆଙ୍ଗମାନେ ସେଇ ସୁରରେ ପାଳି ଧରି ଗାଇ ବସନ୍ତି । ଏମାନେ ଗୀତ ଗାଇବା ଆରମ୍ଭ କରିଦେଲେ, ଗୀତ ଶୁଣି ଅନ୍ତରାଳରେ ଥିବା ଯୁବତୀମାନେ କି ପ୍ରକାର ଭାବରେ ନୃତ୍ୟ

କରିବେ ଓ ତାହା ଠିକ୍ କରନ୍ତି ଓ ନୃତ୍ୟପ୍ରାଙ୍ଗଣକୁ ଆସ୍ତେ ଆସ୍ତେ ଚାଲି ଆସନ୍ତି । ଏହାପରେ ନୃତ୍ୟ ଆରମ୍ଭ ହୁଏ । ପ୍ରାୟ ୫।୬ ଜଣ ଯୁବକ ଡାହାଣରୁ ବାମକୁ ଗତି କରି ନାଚ ଆରମ୍ଭ କରନ୍ତି । ଯୁବକମାନେ ପ୍ରତ୍ୟେକ ହାତରେ ଚାଙ୍ଗୁ ଧରି ଆଗେ ଡାହାଣ ଗୋଡ଼କୁ ଚାଳନା କରି ଯୁବତୀମାନଙ୍କ ପାଖକୁ ଗତି କରି ପୁନରାୟ ପଛକୁ ଘୁଞ୍ଚି ଆସନ୍ତି । ମଝିରେ ମଝିରେ ମଧ୍ୟ କେବଳ ଗୀତର ତାନ ଅନୁସାରେ ଚାଙ୍ଗୁ ବଜାଇ ବଜାଇ ବିଶ୍ରାମ ନେଉଥାନ୍ତି । ଯୁବତୀମାନେ ନିଜ ଧାଡ଼ି ଉପରେ ଠିଆ ହୋଇ ସାମାନ୍ୟ ଆଗକୁ ଝୁଲିପଡ଼ି ଡାହାଣ ଆଡ଼କୁ ଗତି କରି ନାଚ ଆରମ୍ଭ କରିଦିଅନ୍ତି । ପ୍ରତ୍ୟେକ ଯୁବତୀ ନିଜର ଡାହାଣ ହାତ ତାର ଡାହାଣ ହାତ ପାଖରେ ଥିବା ଯୁବତୀଟିର କଟି ପଛରେ ବୁଲାଇ ତା ପାଖରେ ଠିଆ ହୋଇଥିବା ଯୁବତୀର ବାମହାତ ଧରିଥାଏ । ତା' ପରେ ସମସ୍ତେ ଡାହାଣ ପାଦକୁ ପ୍ରଥମେ ୩ ଥର ଆଗକୁ ବଢ଼ାଇ ଗତି କରନ୍ତି ଏବଂ ତା ପରେ ଦେହକୁ ହଲାଇ ଲମ୍ବାପାଦ ପକାଇ, ଡାହାଣ ଗୋଡ଼ ଆଗ ପକାଇ ପଛକୁ ଘୁଞ୍ଚି ଆସନ୍ତି । ତା ପରେ ଆସ୍ତେ ଆସ୍ତେ ଡାହଣ ଗୋଡ଼କୁ ଆଗ ଡାହାଣ ଆଡ଼କୁ ଚଳାଇ ବିଶ୍ରାମ ନେଇଥାନ୍ତି ।

ତେଣେ ଯୁବକମାନେ ଚାଙ୍ଗୁ ବଜାଇ ଆଗକୁ ଆସ୍ତେ ଆସ୍ତେ ପଦକ୍ଷେପ କରି ଯୁବତୀମାନଙ୍କ ଆଡ଼କୁ ଆସନ୍ତି । ସେହିପରି ସେମାନେ ଆସ୍ତେ ଆସ୍ତେ ପଛକୁ ଫେରି ଆସନ୍ତି । ଏମାନଙ୍କର ନୃତ୍ୟ ଏତେ ପ୍ରଖର ଯେ ମଝିରେ ମଝିରେ କିଛିକ୍ଷଣ ନର୍ତ୍ତକ ଓ ନର୍ତ୍ତକୀମାନଙ୍କୁ ବିଶ୍ରାମ ନେବାକୁ ପଡ଼େ । ଏହିପରି, ଯୁବକ ଓ ଯୁବତୀମାନେ ଘଣ୍ଟା ଘଣ୍ଟା ନୃତ୍ୟ କରିପାରନ୍ତି । ଏଥିରୁ ସେମାନଙ୍କର ସାଧନା ଓ ନୃତ୍ୟଗୀତ ପ୍ରତି ଶ୍ରଦ୍ଧା ପ୍ରମାଣିତ ହୁଏ । ନୃତ୍ୟର ତାଳ ଓ ଗତି ଦେଖି ପ୍ରଥମେ ଖୁବ୍ ସହଜ ବୋଲି ମନେ ହୁଏ; କିନ୍ତୁ ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଦେଖାଯାଏ ଯେ ସେମାନଙ୍କ ପରି ପଦ ସଞ୍ଚାଳନ କରି ନୃତ୍ୟ କରିବା ପ୍ରକୃତରେ କଷ୍ଟକର କଥା । ବିଶ୍ରାମ କରିବା ସମୟରେ ଯୁବକମାନେ ଚାଙ୍ଗୁର ଚମଡ଼ାକୁ ଟିକିଏ ଟାଣି ଦେଉଥାନ୍ତି । ବିଶ୍ରାମ ସମୟରେ ମଧ୍ୟ ନର୍ତ୍ତକନର୍ତ୍ତକୀ-ବୃନ୍ଦ ଓ ଦର୍ଶକବୃନ୍ଦ ସମସ୍ତେ ମଦ୍ୟପାନ କରି ଆତ୍ମତୃପ୍ତି କରି ଥାଆନ୍ତି । ନୃତ୍ୟ କଲାବେଳେ ଓ ଗୀତ ଗାଇବାବେଳେ ନର୍ତ୍ତକ ଓ ନର୍ତ୍ତକୀ, ଯୁବକ-ଯୁବତୀ-ମାନଙ୍କ ମଧ୍ୟରେ ପ୍ରେମର ଆଦାନପ୍ରଦାନ ହୋଇଥାଏ । ଯୁବକ ଯୁବତୀର କାନ୍ଧ ଯୁବତୀ ଯୁବକର ପାଦ ଚିପି ଦେଇ ନିଜ ନିଜ ମଧ୍ୟରେ ପ୍ରେମର ଆଭାସ ଦେଇଥାନ୍ତି । ନୃତ୍ୟଗୀତର ଶେଷରେ ଯୁବକଯୁବତୀମାନେ ନିଜ ନିଜର ସଙ୍ଗୀ ନିର୍ବାଚନ କରି ଗ୍ରାମର ଅନତିଦୂରରେ ଥିବା ଗଛପତ୍ରର ଅନ୍ତରାଳରେ ପ୍ରେମ ଉପଙ୍କର କରିଥାନ୍ତି । ସେହି ନିକାଞ୍ଚନ ସ୍ଥାନରେ ପହଞ୍ଚି ଯୁବତୀ ଯୁବକର ଶରୀରକୁ ମର୍ଦ୍ଦନ କରିଦିଏ । ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ସେ ମର୍ଦ୍ଦନ କରିପାରେ; କିନ୍ତୁ ପ୍ରେମିକ ପ୍ରେମିକା ଦୁହିଁଙ୍କ ମଧ୍ୟରେ ଗଭୀର ପ୍ରେମ ନ ଥିଲେ ଓ ସେ ଦୁହିଁଙ୍କ ମଧ୍ୟରେ ବିବାହ ହେବାର କୌଣସି ସନ୍ଦେହ ଥିଲେ, ଯୁବତୀ ସହଜରେ ଯୁବକର କପାଳ ଓ ହାତର ଅଙ୍ଗୁଳି ମର୍ଦ୍ଦନ କରେ ନାହିଁ । କିନ୍ତୁ ଗୋଟିଏ ଯୁବତୀ ଗୋଟିଏ ଯୁବକର ଶରୀର ମର୍ଦ୍ଦନ କରିବାର ଅର୍ଥ ନୁହେଁ ଯେ ସେ ଦୁହିଁଙ୍କ ମଧ୍ୟରେ ବିବାହ ହେବ ଏବଂ ଗଛପତ୍ର ଆଢ଼ୁଆଳରେ ପ୍ରେମିକ-ପ୍ରେମିକାମାନଙ୍କ ମଧ୍ୟରେ ଯେଉଁ ଗୋପନ ମିଳନ ହୁଏ, ତାହା ପବିତ୍ର ଭାବରେ ସମ୍ପାଦନ କରାଯାଇଥାଏ । ସେଠାରେ ସେମାନଙ୍କ ମଧ୍ୟରେ କୌଣସି ପ୍ରକାର ପ୍ରେମ ବିବାହ ହୋଇ ନଥାଏ । ସୁତରାଂ ସେମାନଙ୍କ ମଧ୍ୟରେ ବ୍ୟଭିଚାରିତା ଖୁବ୍ କମ୍ ଅଛି ବୋଲି ବିଶ୍ୱାସ କରାଯାଏ । ଉପରେ ଯେଉଁ ନୃତ୍ୟର ବିବରଣୀ ଦିଆଯାଇଛି, ତାହାଛଡ଼ା ପୂର୍ବକାଳରେ ଜୁଆଙ୍ଗମାନେ ସଲୁନ ବୋଲି ଏକ ପ୍ରକାର ନୃତ୍ୟ କରୁଥିଲେ । ନୃତ୍ୟର ଆରମ୍ଭରେ ପୁରୁଷ ମଧ୍ୟରୁ ଏକଜଣ ମୃତବ୍ୟକ୍ତି ସଦୃଶ ଚେତାଶୂନ୍ୟ ଅବସ୍ଥାରେ ଭୂମିରେ ପଡ଼ି ରହେ । ଏହି ଯୁବକର ଚତୁର୍ଦ୍ଦିଗରେ ଯୁବତୀମାନେ

ଠିଆ ହୋଇ ନୃତ୍ୟ କରନ୍ତି ଏବଂ ଏହି ଯୁବକଟିକୁ ଟେଣାଓଟେର କରନ୍ତି ।

ଆଉ ଗୋଟିଏ ପାଗନୃତ୍ୟ ବୋଲି ପୁରାତନ ନୃତ୍ୟ ଅଛି । ଯୁବତୀମାନେ ଆଗକୁ ସେମାନଙ୍କର ଗୋଡ଼ ଓ ଓଠ ବଢ଼ାଇ ଯୁବକମାନଙ୍କ ଆଡ଼କୁ ଗତି କରନ୍ତି ଓ ନଈଙ୍କର ଚକ୍ର ହାତରେ ମାଟି ଉଠାନ୍ତି ଓ ପକାନ୍ତି । ଏହି ଅବସ୍ଥାରେ ଯୁବକମାନେ କେତେବେଳେ ବସି ବା କେତେବେଳେ ଠିଆହୋଇ ଆଗକୁ ଦେହ ବଢ଼ାଇ ଯୁବତୀମାନଙ୍କ ଆଡ଼କୁ ଚାଙ୍ଗୁ ବଜାଇ ବଜାଇ ଅଗ୍ରସର ହୁଅନ୍ତି । ଏହି ଦୁଇ ପ୍ରକାର ନୃତ୍ୟ ବର୍ତ୍ତମାନ ବେଶୀ ପ୍ରଚଳିତ ନୁହେଁ । କିନ୍ତୁ କିଛିଦିନ ପୂର୍ବେ ଜୁଆଙ୍ଗମାନେ ଏହିସବୁ ପ୍ରକାର ନୃତ୍ୟ କରୁଥିଲେ ।

ଜୁଆଙ୍ଗ ଯୁବକଯୁବତୀମାନେ ଅନେକ ଗୀତ ଜାଣନ୍ତି । ସେ ସବୁ ସେମାନଙ୍କର ନିଜ ଭାଷାର, ନିଜ ସଂପ୍ରଦାୟର ଓ ନିଜ ଜାତିର ଚାଲି ଓ ନିଜ ଲୋକମାନଙ୍କଦ୍ୱାରା ରଚିତ । ନିମ୍ନରେ ଦୁଇଟି ମନୋମୁଗ୍ଧକର ଗୀତ ଉଲ୍ଲେଖ କରାଗଲା ।

କାନ୍ତେରା ବାସର କେନା ସିଂତେ ।
(ଗଛର ଡାଳର ଦୁଇକେନାରେ ପକ୍ଷୀର ବସା)
ସେଲୁଙ୍କ ଲଆମକେକ କଙ୍ଗୋର କଚେ
(ଅବିବାହିତ ଝିଅମାନଙ୍କର ଅବିବାହିତ ପୁଅ-
ମାନଙ୍କ ପାଇଁ ଇଚ୍ଛା ହେଉଛି)
କାଟିଙ୍ଗ ଅଡ଼ତା ପାନଆଡ଼େ ।
(ସୁନ୍ଦର ବାଉଁଶର ପାନଆ ହେଲା)
ଗଟାଆ ସୁସସିଂ ଆମଡ଼ା-କେନା ।
(ଗାତ୍ରା ଉପରେ ଥିବା ଗଛର ଦୁଇଟି ଡାଳ ଥିଲା)
ବୁଁଇଁର ଗାମକେ ଯେନା ଯେନା ।
(ମା କହିଲା, ନାହିଁ ନାହିଁ)
ବୁଁଇଁର ଅବାର କୁଦଁଷ୍ ଆମକଆ
( ମା ଓ ବାପା ଦୁହେଁ ପରାମର୍ଶ କରୁଅଛନ୍ତି )
କାନଆ କାଠେଏଁ ମଜାଁଆଁ ଗା-ମକଆ ।
(କନ୍ୟାକୁ ଦେଇଦେବେ ବୋଲି ମଣ୍ଡଘର
ସାମନା କହିଥିଲେ)
ବାର ଭାଇ ମନ ଏକ ।
(ବାର ଭାଇଙ୍କର ଏକ ମନ ଅଛି)
ଏଡ଼କ ଆଁ କୂ ଇଆଁ ସୁତ ।
(ବସିକର ସମସ୍ତେ ଏକଜ ହେଲେ)
କାନଆଁ କେଭାର ଛେରାଙ୍କି ମୁଡ଼ଗୁଡ଼
(କନ୍ୟା ବେଭାର ମୁଲଗୁଲି ହୋଇଗଲା)
ଚଙ୍ଗିଡ଼ ବୁଢ଼ାଡ଼ା ମନ ଯେନା ।
(ଚଙ୍ଗିଡ଼ ବୁଢ଼ାର ମନ ନାହିଁ)
ଗାମଗୁ କରେ ଗୁଡ଼ ଜେନା ।
(ଗାମୁଗୁ ଲୁଗାର ଗୁଡ଼ପଡ ନାହିଁ । )
ମଦରା ହାତାମିଂ ସବସେ ନାମଡ଼େ ।
(ଏକ ବୋତଲ ମଦ ହାତରେ ଧରିଥିଲା)
ସାଇଁ ଟେରାମିଂ ବୁଲାଏ-ନାମଡ଼େ ।
(ମଦ ବୋତଲଟା ଧରି କରି ସାହିଯାକ ବୁଲୁଛି)
ଅକାର ଡୁବାଙ୍ଗଲେ ଗୁନ୍ଦ ପୋସି ।
( ବାପା ଗୁନ୍ଦପୋଷି ଗାଁକୁ ଗଲା ଲୋ)
କନଣ୍ଡ ଡୁଙ୍ଗଲେ ରାତି ରାତି ।
(ପୁଅ ମଧ୍ୟ ରାତି ରାତି ଚାଲିଗଲା ଲୋ)
କେରାଙ୍ଗଡ଼ା ବୁଆରେ କାକାଏ ।
(ଧାନ ଭଉଁରେ ନିଶୁଖୁଥିବା ଧାନକୁ ଗଣା
କରୁଛି)
ବଉକାଡ଼ ଅନ ଦଲକାଏ ।
(ଦେଢ଼ଶୁର ଧାନ କୁଟିଗଲା Joking)
ଗୁକମଣ୍ଡା ସାଗରେ କାମ କଚେ ।
(ଗୁକୁଣ୍ଡା ଶାଗ କାଟୁଛି)
କୁଲାଂଣ୍ଡା ତମର କେଁକେତେ ।
(ଭାଉଜକୁ ଦିଅର କହୁଛି, ଧାନ କୁଟୁଛୁ ଯେ
ପାଟିରେ ବାଜିଯିବ)
ଡାଲୁଁ ଝଟେୟାଁ ସାରୁଲତା ।
(ନଦୀ ଆର ପାଖରେ ପଥରର ଘର)
ସେ ଲୁଙ୍କି କଙ୍ଗେର କ ଲଜ ଖାତା ।

(ଅବିବାହିତ ଝିଅ ଓ ପୁଅମାନେ କଥାବାର୍ତ୍ତା କରୁଛନ୍ତି)

ପାକୁଟ ଖମଜ ଡେପୋଳ ।
(ଧୋଡ଼ା ଉଦୁନସ୍ଥ କଟି ସମାନ କଲା)

କଙ୍ଗେର କ ସେ ଲର୍କି ଗଇଁଅ କ ।
(ଅବିବାହିତ ପୁଅଟିଏ ମରିଗଲା)

ଗଟାଁଆଁ ଗଇସୋକେ ଲେଡ୍ଡେଁ କଂଗ୍ରେର ।
(ଗୋଟିଏ ପ୍ରକାର ଚଢ଼େଇ ରାସ୍ତା ଉପରେ ମରି ପଡ଼ିଛି)

ସେଲକଂ ଗାମକେକ ବେକକେୟୁଁ ।
(ଝିଅମାନେ କହୁଛନ୍ତି, ତାକୁ କାଟିବେ ।)

କୁଙ୍ଗେର କ ଗାମକେକ ଯେନା ଯେନା ।
(ପୁଅମାନେ ନାହିଁ କରୁଛନ୍ତି)

କଙ୍ଗେର କ ସବକ ବକବଡ଼ତା ।
(ପୁଅମାନେ ତାର ମୁଣ୍ଡକୁ ଧରିଲେ)

ସେଲର୍କି ସବକ ହାତାଡ଼ତା ।
(ଝିଅମାନେ ଲାଞ୍ଜପଟ ଧରିଲେ)

ଏହା ପୂର୍ବରୁ କେତେକ ନୃତତ୍ତ୍ୱବିତ୍ ଜୁଆଙ୍ଗ ସମ୍ପ୍ରଦାୟ ମଧ୍ୟରେ ଗବେଷଣା କରିଛନ୍ତି । ସେମାନଙ୍କ ମଧ୍ୟରୁ ଭାରତପ୍ରସିଦ୍ଧ ଡକ୍ଟର ଏଲଭଇନ ଜଣେ । ସେ କହିଛନ୍ତି, ଜୁଆଙ୍ଗ ସମ୍ପ୍ରଦାୟ ମଧ୍ୟରେ ଜୁଆଙ୍ଗମାନଙ୍କ ଭାଷାରେ କୌଣସି ଗୀତ ନାହିଁ । ଯାହାବା ଅଳ୍ପ ଅଛି, ସେ ସବୁ ତାଙ୍କ ଇଂରାଜୀ ଲେଖା ଅନୁସାରେ "Bastard Oriya"ର କେତେକ ଗୀତ ବୋଲି ଆଖ୍ୟା ଦେଇଛନ୍ତି । ଓଡ଼ିଆରେ "Bastard"ର ଅର୍ଥ ଖରାପ ଅର୍ଥରେ ମିଶ୍ରିତ ଛଡ଼ା ଆଉ କଣ ବୁଝା ଯାଇପାରେ ? ଏହିପରି କେତେକଙ୍କୁ ଅର୍ଥରେ ମିଶ୍ରିତ ଓଡ଼ିଆ ଭାଷାରେ ରଚିତ କେତେକ ଗୀତ ସେ ପାଇଛନ୍ତି । ଏଲଭଇନଙ୍କ ପରି ଜଣେ ଖ୍ୟାତନାମା ବିଜ୍ଞ ନୃତତ୍ତ୍ୱବିତ ୧୩ ବର୍ଷ ପୂର୍ବେ ଗବେଷଣା କରି ଗୋଟିଏ ହେଲେ ଜୁଆଙ୍ଗ ଗୀତ ଶୁଣିପାରିଲେ ନାହିଁ । ଯାହା ଶୁଣିଲେ, କେବଳ ମିଶ୍ରିତ ଭାଷାରେ ରଚିତ ଗୀତ କେତୋଟି—ଏହା ବଡ଼ ଦୁଃଖର କଥା । ସେ ଯେତେବେଳେ ଗବେଷଣା କରୁଥିଲେ, ସେତେବେଳେ କୁଆଡ଼େ ଜୁଆଙ୍ଗମାନେ ପତ୍ର ବସ୍ତ୍ର ପରିଧାନ କରୁଥିଲେ ଏବଂ ଏଣେ ଓଡ଼ିଆ ଭାଷା କହୁଥିଲେ । ଅନୁନ୍ନତ ଜାତିର ଲୋକମାନେ ଉନ୍ନତ ଜାତିର ସଂସ୍ପର୍ଶରେ ଆସିଲେ ପ୍ରଥମେ ସାଧାରଣତଃ ପୋଷାକପରିଚ୍ଛଦକୁ ଅନୁକରଣ କରିଥାନ୍ତି । ପରେ କଥା ଓ କୃଷ୍ଟିର ଅନ୍ୟାନ୍ୟ ବିଷୟ ଅନୁକରଣ କରିବାକୁ ଚେଷ୍ଟା କରିଥାନ୍ତି । କିନ୍ତୁ ପତ୍ର ବସ୍ତ୍ରପରିହିତ ଜୁଆଙ୍ଗମାନେ ଓଡ଼ିଆ ଭାଷାରେ ଗୀତ ରଚନା କରି ଗାଇବା ଅସ୍ୱାଭାବିକ ବୋଲି ମନେହୁଏ । ନୃତତ୍ତ୍ୱବିତ୍‌ମାନେ ଏହିପରି ଭୁଲ କରିବା ସ୍ୱାଭାବିକ ନୁହେଁ । ଯେଉଁ ନୃତତ୍ତ୍ୱବିତ୍‌ମାନେ ଭାଷା ନଜାଣି ଏବଂ ବହୁକ୍ଷଣ ଗବେଷଣା ସ୍ଥଳରେ ନରହି, କେବଳ ଯାଇ କୌଣସି ପ୍ରକାରେ ଭଲ ଇଂରାଜୀରେ ଲମ୍ବା ରିପୋର୍ଟ ଲେଖି ଜନପ୍ରିୟ ହେବା ମନୋବୃତ୍ତିଦ୍ୱାରା ପରିଚାଳିତ, ସେମାନେ କୌଣସି ସଂପ୍ରଦାୟର ଜୀବନଯାପନର ପ୍ରକୃତ ତତ୍ତ୍ୱ ପାଇ ନଥାନ୍ତି । ସୁତରାଂ ସେମାନଙ୍କୁ ତରତର ଓ ଅସ୍ଥିର ମନରେ ଗବେଷଣା କରି ଓ କେତେକ ଭୁଲ ଖବର ସଂଗ୍ରହ କରିବା ଅପେକ୍ଷା ଗବେଷଣା ନକରିବା ଭଲ । ଯେତେବେଳେ ଜୁଆଙ୍ଗମାନେ ମୁଣ୍ଡ ଟେକି ଉଠିବେ ଏବଂ ଶିକ୍ଷିତ ଓ ଚତୁର ହୋଇଯିବେ ଓ ଯେତେବେଳେ ଡକ୍ଟର ଏଲ୍‌ଭଇନଙ୍କ ରିପୋର୍ଟ ପଢ଼ିବେ ଓ ଜାଣିବେ ଯେ ସେମାନଙ୍କର ନିଜର କୌଣସି ଗୀତ ନାହିଁ ବୋଲି ପ୍ରକାଶିତ ହୋଇଛି, ସେତେବେଳେ ସେମାନେ ଏଲ୍‌ଭଇନ୍‌ଙ୍କୁ ମିଶାଇ ସମସ୍ତ ନୃତତ୍ତ୍ୱବିତ୍‌ଙ୍କୁ ନିନ୍ଦା କରିବେ ।

# ଦେବତା ପୂଜା

**ଶ୍ରୀ ଗଣନାଥ ଦାସ**

ଅଳ୍ପ କେତେଦିନ ତଳେ ଟିଟିଲାଗଡ଼ ଅଞ୍ଚଳର କେତେକ ଆଦିବାସୀ ଅଞ୍ଚଳ ଦେଖିବାର ସୁଯୋଗ ମିଳିଥିଲା । ଟିଟିଲାଗଡ଼ରୁ ମାତ୍ର ତିନିମାଇଲ ଦୂରରେ ଭୁଲାଙ୍ଗ ଗ୍ରାମ । ଗୋଟିଏ ଛୋଟ ଆଦିବାସୀ ଗାଁ, ଦଶ ବାର ଘର କନ୍ଧ ପରିବାରଙ୍କ ଘର ସାଥିରେ ଦୁଇତିନି ଗଉଡ଼ ପରିବାର ଏ ଗାଁଟିରେ ରହନ୍ତି । ଟିଟିଲାଗଡ଼ରୁ ବଲାଙ୍ଗୀର ପାଟଣାକୁ ଯେଉଁ ସଡ଼କ ଯାଇଛି, ଗାଁଟି ତାହାରି ଧାରରେ, ମଟର ବସ ଓ ଟ୍ରକ ଚଳାଚଳ ଦିନରାତି ଲାଗିଥାଏ ।

ଏ ଗାଁର ଓ ଆଖପାଖ ଅଧିକାଂଶ ଗାଁର ଅଧିବାସୀ କନ୍ଧ । ଜଣାଯାଏ ଯେ କଳାହାଣ୍ଡିରୁ ଏମାନେ ବହୁକାଳ ପୂର୍ବେ ଏ ଅଞ୍ଚଳକୁ ଆସି ବସବାସ କରି ରହିଛନ୍ତି । ମାତ୍ର କଳାହାଣ୍ଡିର କାଶୀପୁର ଅଞ୍ଚଳ ବା ଫୁଲବାଣୀର କନ୍ଧମାନଙ୍କ ପରି ଏମାନେ ଆଉ ନାହାନ୍ତି । ବୁଢ଼ା-ବୁଢ଼ୀଙ୍କୁ ଛାଡ଼ିଦେଲେ ପ୍ରାୟ ସମସ୍ତେ ନିଜର ମାତୃଭାଷା 'କୁଇ' ଭୁଲିଗଲେଣି । ସେ ଅଞ୍ଚଳର ସାଧାରଣ ଅଣଆଦିବାସୀଙ୍କ ପରି ଚାଲିଚଳଣ, ବେଶଭୂଷା, କଥାବାର୍ତ୍ତାରେ ବିଶେଷ ପାର୍ଥକ୍ୟ ଦେଖାଯାଏ ନାହିଁ ।

ସେଦିନ ଭୁଲାଙ୍ଗ ଗ୍ରାମରେ ପହଞ୍ଚିଲା ବେଳକୁ ଦିନ ପ୍ରାୟ ଦଶଟା । ସଡ଼କକୁ ଲାଗି ଖଣ୍ଡେ ଛୋଟ କୁଡ଼ିଆରେ ପ୍ରାୟ ପଚିଶ ତିରିଶ ପିଲା ବୁଢ଼ା, ସ୍ତ୍ରୀ ପୁରୁଷ ରୁଣ୍ଡହୋଇଥାଆନ୍ତି । ବାଜା ବାଜୁଥାଏ, ଦେବତା ପୂଜା ଚାଲୁଥାଏ । ପଡ଼ିଆ ମଝିରେ ଲୁହାର ଗୋଟିଏ ତ୍ରିଶୂଳ ପୋତା ହୋଇଥାଏ । ଗାଁର ଜଣେ ଆଦିବାସୀ ଯୁବକ ସେହି ତ୍ରିଶୂଳକୁ ଧରି ଠିଆ ହୋଇଥାଏ । ଯୁବକର ବୟସ ଅନୁମାନ ତିରିଶ ବର୍ଷରୁ ବେଶି ହେବନାହିଁ । ନିଶା ଖାଇ ମାତାଲ ହେଲାପରି ଆଖି ବନ୍ଦ କରି ମୁଣ୍ଡକୁ ଅସଂଯତ ଭାବରେ ଏ ପାଖ ସେପାଖ କରି ସେ ହଲାଉଥାଏ । ମୁଣ୍ଡର ବାଳ ଏ ପାଖରୁ ସେ ପାଖକୁ ଛୁଟି ହେଉଥାଏ । ଯୁବକର ମୁହଁ ପାଖରେ ଜଣେ ପ୍ରୌଢ଼ ମାଟିର ଗୋଟିଏ ଧୂପଦାନିରେ ନିଆଁ ରଖି ଝୁଣାଧୂପ ଯୁବକ ମୁହଁ ପାଖରେ ଧରି ଥାଆନ୍ତି । ଧୂପଧୂଆଁ ଯୁବକର ମୁହଁକୁ ଆହୁରି ଝାପସା କରି ପକାଉଥାଏ ।

ଗୋଟିଏ ପାଖରେ କେତେ ଜଣ ଯୁବକ ମୃଦଙ୍ଗ, ମାଦଳ ଓ ଗିନି ବଜାଉ ଥାଆନ୍ତି । ବାଦ୍ୟର ତାଳେ ତାଳେ ଯୁବକ ମୁଣ୍ଡ ହଲାଉଥାଏ । ଅସ୍ପଷ୍ଟ ସ୍ୱରରେ ପଦେ ପଦେ କଅଣ କହୁଥାଏ । ଗୋଟିଏ ପାଖରେ କାଠର ଖଣ୍ଡେ ପିଢ଼ା ଓ ହଳେ କଠାଉ ରଖାଯାଇଥାଏ । ଏହା ଦେବତାଙ୍କର ବ୍ୟବହାର୍ଯ୍ୟ ପଦାର୍ଥ । ପିଢ଼ା ଓ କଠାଉ ଉପରେ ଅସଂଖ୍ୟ ଲୁହା କଣ୍ଟା । ଶୁଣିଲି, ଯୁବକଙ୍କୁ ଯେତେବେଳେ ଦେବତା ସନ୍ଧି ହୁଅନ୍ତି, ସେ ଅନାୟାସରେ ଏହି ପିଢ଼ା ଉପରେ ବସିପାରନ୍ତି, କଠାଉ ମାଡ଼ି ଚାଲିଯାଇ ପାରନ୍ତି ଓ ତ୍ରିଶୂଳ ଉପରେ ଠିଆହୋଇ ଅବିରାମ ଘୂରିପାରନ୍ତି ।

ଦେଖାଗଲା, ଉକ୍ତ ଦିନ ଅନ୍ୟମାନଙ୍କ ଛଡ଼ା ଦୁଇଜଣ ଯୁବତୀ ନିଜର ଦୁଃଖ ଜଣାଇବାକୁ ଦେବତାଙ୍କ ପାଖକୁ ଆସିଛନ୍ତି । ଜଣେ ବିବାହିତା, ବୟସ ପ୍ରାୟ ୧୮ । ୧୯ ହେବ । ମାତ୍ର ୪ । ୫ ବର୍ଷ ପୂର୍ବରୁ ବିବାହ କରିଥିଲେ ହେଁ ଏ ପର୍ଯ୍ୟନ୍ତ ପିଲାପିଲି ହୋଇ ନାହାନ୍ତି । ଦେବତାଙ୍କ ଦୟାରୁ ଯଦି କିଛି ହୁଏ, ଏହି ଆଶାରେ ବହୁ ଦୂରରୁ ଚାଲି ଚାଲି ଆସିଛି ।

ଅନ୍ୟଟି ପ୍ରାପ୍ତବୟସ୍କା ହେଲେ ମଧ୍ୟ ଅବିବାହିତା; ବୟସ ପ୍ରାୟ ୧୫ । ୧୬ ହେବ । ଶୁଣିଲି ଯେ କୌଣସି ଗୁଡ଼ ବେମାର ଭଲ ହେବା ଆଶାରେ ଦେବତାଙ୍କ ଆଜ୍ଞା ନେଉଛନ୍ତି । ଉଭୟ ଯୁବକଟି ଦେବତାଙ୍କ ଆଗରେ ଲମ୍ବ ହୋଇ ମୁହଁ ମାଡ଼ି ପଡ଼ିଥାନ୍ତି । ବାଜା ବଜା ଚାଲିଥାଏ, ଯେଉଁ ବ୍ୟକ୍ତି ଧୂପଝୁଣା ଦେଉଥାଆନ୍ତି, ସେ ଦେବତାଙ୍କୁ ରହି ରହି ଡାକୁଥାଆନ୍ତି ଓ ଗୁହାରିଆମାନଙ୍କର ଦୁଃଖର କାରଣ କଅଣ, ହେଲେ ତାହାର ଉପଶମ ହେବ କଣ ପ୍ରକାଶ କରିବାକୁ ଅନୁରୋଧ କରୁଥାଆନ୍ତି । ପୁଣି ଦେଖାଗଲା ପ୍ରାୟ ଦଶମାଇଲ ଦୂରର ଜଣେ କନ୍ଧ ଆଦିବାସୀ ପ୍ରୌଢ଼ ପୂର୍ବଦିନରୁ ଦେବତାଙ୍କ ହୁକୁମ ପାଇବା ଆଶାରେ ଆସି ଅଛନ୍ତି । ତାଙ୍କର ପେଟମରା ବେମାର ବହୁଚେଷ୍ଟାସତ୍ତ୍ୱେ ଉପଶମ ହେଉନାହିଁ ।

କିଛି ସମୟ ପରେ ଜଣାପଡ଼ିଲା ଦେବତା ପୂର୍ଣ୍ଣ ଭାବରେ ପ୍ରସନ୍ନ ହୋଇନାହାନ୍ତି । ତେଣୁ ସେଦିନ ଗୁହାରିଆମାନଙ୍କ ବିଷୟରେ କିଛି କହି ପାରିବେ ନାହିଁ । ଏହାର କାରଣସ୍ୱରୂପ ଭୁଲାଙ୍ଗ ଗ୍ରାମର ପ୍ରଧାନ ପ୍ରକାଶ କଲେ ଯେ ଗାଁରୁ ଅଧିକାଂଶ ପିଲାଙ୍କୁ ଜ୍ୱର । ତେଣୁ ବାଜା ଯେପରି ହେବାର କଥା ହୋଇ ପାରିଲା ନାହିଁ । ଏପରି ହେଲେ ଦେବତା ପ୍ରସନ୍ନ ନହେବା ଆଶ୍ଚର୍ଯ୍ୟ କଥା ନୁହେଁ । କ୍ରମେ କ୍ରମେ ଦେବତାଙ୍କର ମସ୍ତକ ସଞ୍ଚାଳନ ଶିଥିଳ ହୋଇଆସିଲା ଓ ଦେବତା ପ୍ରକାଶ କଲେ ଯେ ସମସ୍ତେ ହରିବୋଲ ଦିଅନ୍ତୁ । ସମସ୍ତେ ତାହାହିଁ କଲେ । ସଙ୍ଗେ ସଙ୍ଗେ ଦେବତା ଯୁବକକୁ ଛାଡ଼ିଗଲେ ଓ ଯୁବକଟି ସ୍ୱାଭାବିକ ଭାବରେ ଅନ୍ୟଆଡ଼କୁ ଚାଲିଗଲା । ପରେ ନିକଟରେ ଥିବା ପଦ୍ମ କୁଡ଼ିଆରେ ଭୋଗ ହେବ ବୋଲି ଶୁଣିଲି । ନଡ଼ିଆ, ପାଚିଲା କଦଳୀ ଓ ଅରୁଆ ଚାଉଳ ଯେ ଯାହା ଆଣିଥାନ୍ତି, ତାହା ଭୋଗ ହୋଇ ସମସ୍ତଙ୍କୁ ବଣ୍ଟାଯାଏ । ପ୍ରତି ସୋମବାର ଦିନ ସକାଳେ ଏହି ପ୍ରକାରେ ଦେବତାପୂଜା ଭୁଲାଙ୍ଗ ଗ୍ରାମରେ ହୋଇ ଆସୁଛି ।

ପ୍ରଥମେ ବଡ଼ ଆଶ୍ଚର୍ଯ୍ୟ ବୋଧହେଲା ଯେ ଟିଟିଲାଗଡ଼ର ଏତେ ନିକଟରେ ସଡ଼କ ଧାରରେ ଥିବା ଗୋଟିଏ ଗାଁରେ କିପରି ଏହା ସମ୍ଭବ ହେଉଛି । ମାତ୍ର ଯେତେବେଳେ ମନେ ପଡ଼ିଲା ଉନ୍ନତିଲେଇ, ମନେ ପଡ଼ିଲା କଲମ୍ବୋ ସହରରେ ଥିଲାବେଳେ ଜଣେ ଖ୍ରୀଷ୍ଟିଆନ ସାଧକଙ୍କ ପାଖରେ ଭୂତର ଦୃଶ୍ୟ, ସେତେବେଳେ ଭୁଲାଙ୍ଗର ଦେବତା ପୂଜାର ଦୃଶ୍ୟ ଆଉ ଆଶ୍ଚର୍ଯ୍ୟକର ବୋଧହେଲା ନାହିଁ । ତେବେ ଏ ସମ୍ପର୍କରେ କେତେଗୁଡ଼ିଏ ଖବର ସଂଗ୍ରହ କରିଥିଲି । ତାହା ଉଲ୍ଲେଖଯୋଗ୍ୟ ବୋଲି ମନେ ହୁଏ ।

ଭୁଲାଙ୍ଗ ଓ ଆଖପାଖ କେତେ ଖଣ୍ଡ ଗାଁର ପ୍ରଧାନ ଅଧିବାସୀ ହେଉଛନ୍ତି ଆଦିବାସୀ, କନ୍ଧ । ବହୁଦିନ ପୂର୍ବେ ସେମାନଙ୍କର ପୂର୍ବପୁରୁଷମାନେ କଳାହାଣ୍ଡିରୁ ଉଠି ଆସି ଏ ଅଞ୍ଚଳରେ ବସବାସ ଆରମ୍ଭ କରିଥିଲେ । କଳାହାଣ୍ଡି ର ବା କନ୍ଧମାଳର କନ୍ଧବସ୍ତି ପରି ଏମାନଙ୍କ ବସ୍ତି ନୁହେଁ । ଏମାନଙ୍କ ବେଶଭୂଷା, କଥାବାର୍ତ୍ତାରେ ଏମାନେ କନ୍ଧ ବୋଲି ଜାଣିହୁଏ-ନାହିଁ । ନିଜର ମାତୃଭାଷା ପ୍ରାୟ ସମସ୍ତେ ଭୁଲି ଗଲେଣି । ଅଧିକାଂଶଙ୍କର ନିଜର ଜମି ନାହିଁ । ଅନ୍ୟ ଜମିରେ ମଜୁରି ବା ଗୁନ୍ତିକାମ କରିବା, ଠିକାଦାର ପାଖରେ କୁଲିକାମ କରିବା ଓ ଟିଟିଲାଗଡ଼ ବଜାରରେ ଟାଁ ଭାଁ ମଜୁରି କାମ କରିବା ଏମାନଙ୍କର ପେଶା ହୋଇଛି । ଭୁଲାଙ୍ଗର ପ୍ରଧାନ ସଫାଲୁଗା ଓ କାମିଜ ପିନ୍ଧିବା ଆରମ୍ଭ କରିଛନ୍ତି । ନିଜ ପ୍ରତିବେଶୀଙ୍କଠାରେ ପୃଥକ ଜଣା ପଡ଼ୁଛନ୍ତି । କନ୍ଧମାନଙ୍କର ପ୍ରଧାନଙ୍କୁ ତାଙ୍କ ଗାଁର ଅନ୍ୟମାନଙ୍କଠାରୁ ସହଜରେ ବାରି ହେବ ନାହିଁ । ବୟସ ଦେଖି କେବେ କେବେ ଅନୁମାନ କରିହୁଏ । କିନ୍ତୁ ଭୁଲାଙ୍ଗ ପ୍ରଧାନ ଅଲଗା ଜଣା ପଡ଼ି ଯାଉଛନ୍ତି । ଭୁଲାଙ୍ଗ ବା ଆଖପାଖ ଆଦିବାସୀ

ଗାଁମାନଙ୍କରେ କୌଣସି ପ୍ରକାର ସ୍କୁଲ ନାହିଁ । ଟିଟିଲାଗଡ଼ରେ ବୁଝିଲି ଏହି ଅଞ୍ଚଳରୁ କେହି ଆଦିବାସୀ ବାଳକବାଳିକା ସ୍କୁଲରେ ପଢ଼ିବାକୁ ଯାଇନାହାନ୍ତି । ଡାକ୍ତରଖାନାର ଔଷଧ ଭୁଲାଙ୍ଗ ଲୋକଙ୍କୁ କାଟୁ କରୁନାହିଁ ବୋଲି ଦେବତା ପୂଜା ପାଖରେ ଶୁଣିଥିଲି ।

ଏ ସବୁ ଚିନ୍ତି ଚିନ୍ତି କରି ଗମ୍ଭୀର ଭାବରେ ବିଚାର କରି ଦେଖିଲେ ମନେ ହୁଏ ଯେ ଭୁଲାଙ୍ଗ ଅଞ୍ଚଳର ଆଦିବାସୀମାନଙ୍କର ଯାହା ପରିସ୍ଥିତି, ଯଦି ଅନୁଗୁଳ ନିକଟ ରିନ୍ତିଲେଇରେ ଏଇ ସେ ଦିନ ଦେବତା ପୂଜା ହୋଇ ପାରିଲା, ଆଜି ଟିଟିଲାଗଡ଼ ପାଖ ଭୁଲାଙ୍ଗରେ ଦେବତା ପୂଜା ହେବାରେ ଆଶ୍ଚର୍ଯ୍ୟର ବିଷୟ କିଛି ନାହିଁ । ଭୁଲାଙ୍ଗ ଅଞ୍ଚଳର ଆଦିବାସୀମାନଙ୍କର ପରମ୍ପରା ଭାଙ୍ଗି ପଡ଼ୁଛି । ତାଙ୍କର ପ୍ରଧାନ ଆଉ ପ୍ରଧାନ ହୋଇ ନାହିଁ । ନିଜର ଭାଷା ସଙ୍ଗେ ସଙ୍ଗେ ସାମାଜିକ ପ୍ରଥାସବୁ ଲୋପ ପାଇଛି । ଏତୃଣ ଆଧୁନିକ ସଭ୍ୟତାର କୌଣସି ସୁଯୋଗ ସେମାନେ ପାଇ ପାରି ନାହାନ୍ତି । ତେଣୁ ସେମାନଙ୍କର ମନର ବଳ ତୁଟି ଯାଇଛି ।

ଏପରି କ୍ଷେତ୍ର ଆମ ରାଜ୍ୟରେ ଅସଂଖ୍ୟ ରହିଛି ଏବଂ ଏହିସବୁଠାରେ ହିଁ ପ୍ରଶସ୍ତ କ୍ଷେତ୍ର ରହିଛି ଉନ୍ନୟନ କାର୍ଯ୍ୟପାଇଁ । ମନେ ହୁଏ, କନ୍ଧମାଳର ଆଦିବାସୀ ଅଞ୍ଚଳଠାରୁ ଏ ସବୁ ଅଞ୍ଚଳରେ କାମ କରିବା କଠିନ, କିନ୍ତୁ ଖାସ ସେଇଥିଲାଗି ଏଠାରେ କାମ କରିବାରେ ଆନନ୍ଦ ଅଛି । ଯେତେ ଦିନ ପର୍ଯ୍ୟନ୍ତ ଏମାନଙ୍କ ମଧ୍ୟରେ ସାମାଜିକ ଓ ଆର୍ଥିକ ଉନ୍ନତି ନ ଘଟିଛି ସେମାନଙ୍କର ନିଜର ନେତୃତ୍ୱ ଉନ୍ମେଷ ନ ହୋଇଛି, ତେତେ ଦିନ ପର୍ଯ୍ୟନ୍ତ ଦେବତା ପୂଜା ପାଇଁ ତାଙ୍କୁ ନିନ୍ଦା ବା ତାଚ୍ଛଲ୍ୟ କରିବାର ହକ୍ କାହାରି ନାହିଁ ବୋଲି ମନେ ହୁଏ ।



# ଆଦିବାସୀ ଜୀବନରେ କଳାର ସ୍ଥାନ

ଶ୍ରୀ ରାମଚନ୍ଦ୍ର ରଥ, ଏମ୍. ଏ.

'ଆଦିବାସୀ' ବୋଇଲେ ଏକ ଅଦ୍ଭୁତ ଧାରଣା ଆମ୍ଭମାନଙ୍କ ମନରେ ଏବେ ସୁଦ୍ଧା ଜନ୍ମିଥାଏ । ବଣୁଆ ଜାତି, ଅଶିକ୍ଷିତ ସଂପ୍ରଦାୟ, ଅନାର୍ଯ୍ୟଗଣ ଏହିପରି କେତେକ କଥା ଭାବିଥାଉଁ । କେତେକଙ୍କର ହୁଏତ କିଛିମାତ୍ର ଧାରଣା ସେ ବିଷୟରେ ନାହିଁ । ଆମ୍ଭମାନଙ୍କର ଏ ଧାରଣା କିଛି ନୂଆ କଥା ନୁହେଁ । ଅନ୍ୟ ସଂପ୍ରଦାୟକୁ ଭିନ୍ନ ଭାବରେ ବିବେଚନା କରିବା ମନୁଷ୍ୟ ସମାଜରେ ବହୁ ଦିନରୁ ରହି ଯାଇଅଛି । ଆମ୍ଭେମାନେ ଭାବୁ ଯେ ଯାହା ଭଲ, ସୁନ୍ଦର ଓ ବୁଦ୍ଧିମାନ, ତାହା ସବୁ କେବଳ ନିଜ ସଂପ୍ରଦାୟରେ ଅଛି । ଏଥିରେ ନିଜର ଗୌରବ ବଢ଼ିଲା ପରି ଜଣାଏ । ଅନ୍ୟ ସଂପ୍ରଦାୟ ମାନେ ସଂସ୍କୃତିବିହୀନ ବା ସେମାନେ ଅଶିକ୍ଷିତ—ଏପରି ଧାରଣା ଆମ୍ଭମାନଙ୍କର ରହିବା ଅନୁଚିତ । ବିଶେଷ କରି ଆଦିବାସୀମାନଙ୍କର ସଂପ୍ରଦାୟରେ କଅଣ ଅଛି, ତାହା ନଜାଣି ଏପରି ମନ୍ତବ୍ୟ ପ୍ରକାଶ କରିବା ଅଯୌକ୍ତିକ ହେବ ।

ଭାରତବର୍ଷରେ ପ୍ରାୟ ଦୁଇ କୋଟି ଆଦିବାସୀ ଅଛନ୍ତି । ଏହି ଆଦିବାସୀମାନେ ବଣଜଙ୍ଗଲରେ ବାସ କରୁଥିଲେ ମଧ୍ୟ ଓ ସାକ୍ଷର ନହୋଇଥିଲେହେଁ ଅଶିକ୍ଷିତ ନୁହନ୍ତି । ସୁତରାଂ ସେମାନଙ୍କୁ ଅନୁନ୍ନତ (backward) ବୋଲି କହିବା ମଧ୍ୟ ଅନୁଚିତ । ଏମାନେ ମଣିଷପଣିଆରେ ସଭ୍ୟ, ଶିକ୍ଷିତ ଆଧୁନିକ ଯୁଗର ଲୋକମାନଙ୍କଠାରୁ ଊଣା ନୁହନ୍ତି । ତେବେ ସେମାନଙ୍କର ଦୋଷଦୁର୍ବଳତା ଯେ ନଥିବ, ଏହା ଭାବିବା ଭୁଲ । ଆମ୍ଭମାନଙ୍କର ସମସ୍ତଙ୍କର ଯେପରି ଅଛି ଅଳ୍ପ ବହୁତ, ସେହିପରି ତାଙ୍କର ମଧ୍ୟ ରହିବା ସ୍ୱାଭାବିକ ।

ସେମାନଙ୍କର ପ୍ରକୃତ ସମସ୍ୟା କଣ ଓ ଏହା କିପରି ସମାଧାନ ହୋଇପାରିବ, ତାହା ଭାବିବା ଉଚିତ । ଆଦିବାସୀମାନଙ୍କ ପ୍ରତି କିପରି ଶୋଷଣ ନୀତି ଅବଲମ୍ବନ କରାଯାଉଅଛି, ସେମାନଙ୍କ ପ୍ରତି କିପରି ଅବହେଳା କରାଯାଉଅଛି ଏବଂ ସେମାନଙ୍କ ଜମିବାଡ଼ି ବିଷୟ ନେଇ କିପରି ଅସୁବିଧା ଉପୁଜୁଛି ଏବଂ ଏ ସବୁ ସମସ୍ୟାର କିପରି ସମାଧାନ ହେବା ଉଚିତ, ତାହା ଚିନ୍ତା କରିବାର ବିଷୟ ।

ଦେଖାଯାଇଅଛି ଯେ ଯେତେବେଳେ ଆଦିବାସୀମାନେ ପ୍ରଗତିଶୀଳ ସମାଜ ସଂସର୍ଗରେ ଆସିଅଛନ୍ତି, ସେମାନେ ସେହି ସମାଜର ଭଲ ଅଂଶ ଗ୍ରହଣ କରିବା ପରିବର୍ତ୍ତେ ମନ୍ଦ ଅଂଶଯାକ ସହଜରେ ଗ୍ରହଣ କରୁଅଛନ୍ତି । ଫଳରେ ସେମାନଙ୍କ ମଧ୍ୟରେ ଥିବା ପାରମ୍ପରିକ ନୀତିକୁ ଓ ସଂସ୍କୃତିକୁ ଛାଡ଼ି ଦେବାକୁ ପ୍ରସ୍ତୁତ ହୋଇ ଯାଉଛନ୍ତି ।

ଆଦିବାସୀମାନଙ୍କର ପୁରୁଣାକାଳିଆ ରୀତିଚଳନ ବା କଳାକୌଶଳ ଆମ୍ଭେମାନେ କଣ ଦେଖିବାକୁ ପାଉଁ ? ଏଥିରେ ସେମାନଙ୍କର ସ୍ୱତନ୍ତ୍ର ଭାଷା, ସଙ୍ଗୀତ, ନୃତ୍ୟ, ଅଙ୍କନ, ଅଳଙ୍କାର ଓ ସେମାନଙ୍କର ସାମାଜିକ ରୀତିନୀତି ଇତ୍ୟାଦି ସବୁ ଦେଖିବାକୁ ମିଳେ । କିନ୍ତୁ ଗୋଟିଏ କଥା ଏଠାରେ ଲକ୍ଷ୍ୟ କରିବାର କଥା । ଆଦିବାସୀମାନଙ୍କର ଭାଷା ବୋଲି ଆମ୍ଭେମାନେ ଯାହା କହୁଛୁ, ସେଥିର କୌଣସି ଲିପି

ଆମ୍ଭେମାନେ ଦେଖିବାକୁ ପାଉନାହୁଁ । ଅର୍ଥାତ୍ ସେମାନଙ୍କର ଭାଷା ମୌଖିକ ଭାଷା । ସେମାନଙ୍କର ସଙ୍ଗୀତ, ନୃତ୍ୟ, ଭାଷା ଆଦି ସବୁ ମୌଖିକ; ଲିଖିତ ପ୍ରମାଣ କିଛି ନାହିଁ ।

ଏ ଯୁଗରେ ଯେଉଁ ଜାତିର କିଛି ଲିଖିତ ପ୍ରମାଣ ନାହିଁ, ବିଶେଷ କରି ଯଥାର୍ଥ ପୁସ୍ତକାଦି ନାହିଁ ଆମ୍ଭେମାନେ ସେ ସଂପ୍ରଦାୟକୁ ଅନୁନ୍ନତ ବୋଲି କହୁଥାଉଁ । ଯେଉଁ ଜାତିର ବିଶେଷ ଲିଖିତ ପ୍ରମାଣ ଅଛି ଓ ବିଶେଷ ପୁସ୍ତକାଦି ଦେଖିବାକୁ ମିଳେ, ସେ ସଂପ୍ରଦାୟ ଖୁବ୍ ଉନ୍ନତ—ଆମ୍ଭେମାନେ ଏ ପ୍ରକାର ମନ୍ତବ୍ୟ କରିଥାଉଁ । ଏ ପ୍ରକାର ଯୁକ୍ତି ଯଥାର୍ଥ ହୋଇ ପାରେ; କିନ୍ତୁ ଏହା କଦାପି ନୁହେ ଯେ ଅନ୍ୟ ଜାତିର ସାହିତ୍ୟ, ଶିକ୍ଷା, ସଭ୍ୟତା ଆଦି କିଛି ନାହିଁ । ଠିକ୍ ଏହିପରି ଘଟଣା ଆମ୍ଭମାନଙ୍କର ଆଲୋଚ୍ୟ ଆଦିବାସୀ-ମଣ୍ଡଳ ବିଷୟରେ ଘଟୁଛି ।

କିନ୍ତୁ ଏ ମାନଦଣ୍ଡଟିକୁ ଘୁଞ୍ଚାଇ ଦେଲେ ଆମ୍ଭେମାନେ ଆଦିବାସୀ ସମାଜ ବିଷୟରେ କିଞ୍ଚିତ ଧାରଣା କରିପାରିବା ଓ ପ୍ରକୃତ ଚିତ୍ର ମଧ୍ୟ ପାଇ ପାରିବା । ଆଦିବାସୀମାନଙ୍କର ସାହିତ୍ୟର ତଥା ସଙ୍ଗୀତର ନିଶ୍ଚୟ ମୂର୍ଚ୍ଛନା ଅଛି । ଇଂରାଜୀ ଭାବୁକ Mathew Arnold ସାହିତ୍ୟଙ୍କୁ "Criticism of life" କହିଲା ଭଳି ଆଦିବାସୀମାନେ ମଧ୍ୟ ଏ ତତ୍ତ୍ୱକୁ ଠିକ୍ ଭାବରେ ବୁଝି ଅଛନ୍ତି । ଏପରି ଦେଖାଯାଇଅଛି ଯେ କୌଣସି ବ୍ୟକ୍ତି ସଙ୍ଗୀତଜ୍ଞ ହେଉ ବା ନ ହେଉ, ସେ ସଙ୍ଗୀତ ଗାନ କରି ଯାଉଥିବା ବେଳେ ଆମୋଦ ଲାଭ କରିଥାଏ । ସୁତରାଂ ଏହା ଲିଖିତ ବା ମୌଖିକ ଯାହା ହେଲେ ମଧ୍ୟ ବିଶେଷ ତଫାତ୍ ନାହିଁ । ମୌଖିକ ଭାଷାର ବିଶେଷ ତାତ୍ପର୍ଯ୍ୟ ଅଛି ବୋଲି ମଧ୍ୟ କୁହାଯାଇ ପାରେ । କାରଣ ଯଦି ସାହିତ୍ୟିକ କଳାକୌଶଳ ଲିଖିତ କଳାକୌଶଳଠାରୁ ଯଥେଷ୍ଟ ତଫାତ ହୁଏ ଏବଂ ଅତି ସୁନ୍ଦର ହୋଇପାରେ, ତାହାହେଲେ ମୌଖିକ ଭାଷା ଯେ ଶ୍ରେଷ୍ଠ, ଏହା ସ୍ପଷ୍ଟ ଅନୁମେୟ ।

ଓଡ଼ିଶାର କେତେକ ଆଦିବାସୀଙ୍କ ଇତିହାସକୁ ଆଲୋଚନା କଲେ ଏ କଥାର ପରିଚୟ ମିଳିବ । ଗଣ୍ଡମାନେ (Gond) ସେମାନଙ୍କର ସଙ୍ଗୀତ ବା ଗଳ୍ପରେ ସମସ୍ତଙ୍କୁ ମୁଗ୍ଧ କରିପାରନ୍ତି, କିନ୍ତୁ ଲିଖିତ କଳାକୁ ପସନ୍ଦ କରନ୍ତି ନାହିଁ । ସେହିପରି ବଣ୍ଡାମାନେ ଗପ ଓ କାହାଣୀର ଅସରନ୍ତି ଭଣ୍ଡାର ଗଢ଼ି ପାରୁଛନ୍ତି; କିନ୍ତୁ କଳାକୌଶଳର ବା ଲିଖିତ ବସ୍ତୁର ଧାର ଧାରନ୍ତି ନାହିଁ । ସଉରମାନେ ନାନାପ୍ରକାର ଗଳ୍ପ କହି ଲୋକଙ୍କୁ ମୁଗ୍ଧ କରନ୍ତି; ହେଲେ ଏହାର ଲିଖିତ ପ୍ରମାଣ ଖୁବ୍ କମ୍ ଅଛି । ଏହିପରି ଓଡ଼ିଶାର ଅନେକ ଆଦିବାସୀମାନଙ୍କର ଚଳଣି ଓ ରୀତିନୀତିରୁ ପ୍ରମାଣିତ ହୁଏ ଯେ ସେମାନେ କେତେକ ଜିନିଷର ଲିଖିତ ପ୍ରମାଣ ରଖି ନାହାନ୍ତି ବା ରଖି ପାରି ନାହାନ୍ତି ।

କଳାକୌଶଳର ଯଦି ମହତ୍ତ୍ୱ ଅଛି ଏହାର ରକ୍ଷଣ ଲାଗି କଣ କରାଯାଇପାରେ ? ଏହି କଳାର ପ୍ରସାର ଲାଗି ପ୍ରଥମେ ବିଶ୍ରାମ ଆବଶ୍ୟକ । ଆମେ ଆଜି ଯାହାକୁ ସଭ୍ୟତା କହୁଛୁ, ତାହା ବିଶ୍ରାମର ହିଁ ଫଳ । ଗୋଟିଏ ଶ୍ରେଣୀର ଲୋକ ଥିଲେ ଯେଉଁମାନେ ଏହାର ପ୍ରତିଷ୍ଠା ବା ଉନ୍ନତି ଲାଗି ଯଥେଷ୍ଟ ଯତ୍ନ କରି ଅଛନ୍ତି । Bertrand Russellଙ୍କ ଭାଷାରେ କହିବାକୁ ଗଲେ "Civilisation is the outcome of leisure" । ଆମର ଆଦିବାସୀମାନଙ୍କୁ ବିଶ୍ରାମ ମିଳେ ନାହିଁ । ସାରାଦିନ ସେମାନେ ଖାଦ୍ୟ ଅନ୍ୱେଷଣ କରିବାପାଇଁ ଲାଗି ପଡ଼ନ୍ତି ଏବଂ ଅନେକ ସମୟରେ ଏହା କରି ମଧ୍ୟ ପେଟପୂରି ଖାଦ୍ୟ ପାଆନ୍ତି ନାହିଁ । ଦ୍ୱିତୀୟତଃ ଏଥିପାଇଁ ଯଥାର୍ଥ ଉପାଦାନ ଦରକାର, ଯାହା ଏମାନେ ପାଆନ୍ତି ନାହିଁ । ତା ପରେ ସବୁଠାରୁ ବଡ଼ ଅସୁବିଧା ହେଉଛି ଯେ ସେମାନଙ୍କର ତିଆରି ଦ୍ରବ୍ୟ କିଣିବାପାଇଁ ଗ୍ରାହକ ମିଳନ୍ତି ନାହିଁ । ଅନେକ ଲୋକ ମଧ୍ୟ ଏହାକୁ ପସନ୍ଦ କରନ୍ତି ନାହିଁ ।

ଆଗରୁ କୁହାଯାଇଅଛି ଯେ ଆଦିବାସୀମାନଙ୍କର ଭାଷାର କୌଣସି ଲିଖିତ ପ୍ରମାଣ ନାହିଁ । ସବୁ

ମୌଖିକ; କିନ୍ତୁ ଏ ମୌଖିକ ଭାଷାର ଯଥେଷ୍ଟ ମହତ୍ତ୍ୱ ଅଛି । ସେମାନେ ବାସ୍ତବ ଜୀବନରେ ଏ ସବୁର ତାତ୍ପର୍ଯ୍ୟ ଉପଲବ୍ଧି କରି ଥାଆନ୍ତି । ସେମାନଙ୍କର ସ୍ତ୍ରୀଲୋକମାନେ ଧାନ କୁଟିବାବେଳେ, ଗୃହ କଣ୍ଡାଳ କରିବା ବେଳେ ଗୀତ ଗାଆନ୍ତି । ସେହିପରି ପୁରୁଷମାନେ ମଧ୍ୟ ଜଙ୍ଗଲରୁ କାଠ କାଟିବାବେଳେ, ଶସ୍ୟକ୍ଷେତକୁ ଜଗିବାବେଳେ ନାନାପ୍ରକାର ଗୀତ ଗାଆନ୍ତି ଅଥବା ମଜାଗପ କରନ୍ତି । ସୁତରାଂ ସେମାନେ ଯେ ଅଶିକ୍ଷିତ, ଏ କଥା କଦାପି କୁହାଯାଇ ନପାରେ । ବରଂ କୁହାଯାଇପାରେ ଯେ ସେମାନେ କେତେକ ଦ୍ରବ୍ୟର ବ୍ୟବହାର ଶିଖିନାହାନ୍ତି, ତେଣୁ ତାଙ୍କର ଭାଷାକୁ ଲିପିବଦ୍ଧ କରି ପାରି ନାହାନ୍ତି ।

ବର୍ତ୍ତମାନ ସମୟରେ କେତେକ ବ୍ୟକ୍ତି ଆଦିବାସୀ-ମାନଙ୍କର ଭାଷାକୁ ଲିପିବଦ୍ଧ କରିବାର ଯତ୍ନ କଲେଣି । ସେମାନଙ୍କର କବିତାକୁ ଅନ୍ୟ ଭାଷାରେ ଲେଖିବାର ଯତ୍ନ କରି ଅଛନ୍ତି । ଏହି କବିତାଗୁଡ଼ିକରେ ଆମ୍ଭେମାନେ କେତେଗୁଡ଼ିଏ ବିଶେଷତ୍ୱ ଦେଖିବାକୁ ପାଉଁ । ତାହା ହେଉଛି, ଆଦିବାସୀମାନଙ୍କର ଖୋଲା ମନୋଭାବ, ନାନା ରହସ୍ୟ, ନାନା ବ୍ୟଙ୍ଗଭାଷା, ଆଦିବାସୀମାନଙ୍କର ସ୍ୱାଭାବିକ ଗୁଣ ଏବଂ ସର୍ବୋପରି ସଙ୍କେତ । ଏହି ସଙ୍କେତର ଏତେ ଅଧିକ ବ୍ୟବହାର ହୋଇଥାଏ ଯେ ଅନେକ ସମୟରେ ଏହା ବୁଝିବା ମଧ୍ୟ କଷ୍ଟକର ହୋଇଥାଏ । ଏଥିରୁ ପ୍ରତୀୟମାନ ହୁଏ ଯେ ଏମାନେ ଅତି ପୁରୁଣାକାଳର—ସୃଷ୍ଟିର ଆରମ୍ଭରେ ନହେଲେ ମଧ୍ୟ ଅନେକ ପୁରୁଣାକାଳର, ଯେତେବେଳେ ମନିଷମାନେ ଭାଷାର ବ୍ୟବହାର ଖୁବ୍ କମ୍ ଜାଣିଥିଲେ ।

ଏହିପରି ଆଦିବାସୀମାନଙ୍କର ସଂସ୍କୃତିକୁ ଭିନ୍ନ ଭିନ୍ନ କରି ଆଲୋଚନା କଲେ ଜଣାଯାଏ ଯେ ଏହି ଆଦିବାସୀମାନେ ନିଜର ଦୈନନ୍ଦିନ ବାସ୍ତବ ଘଟଣା-ଗୁଡ଼ିକ କବିତା ଆକାରରେ ବର୍ଣ୍ଣନା କରିବାକୁ ଭଲ ପାଆନ୍ତି, ଯାହାକୁ ଇଂରାଜର ୱର୍ଡସୱାର୍ଥ କବି Wordsworth, Shelly ପ୍ରଭୃତି କବିମାନେ ବର୍ଣ୍ଣନା କରିବାକୁ ସାରା ଜୀବନ ବିତାଇ ଅଛନ୍ତି ।

ସୁତରାଂ ଆଦିବାସୀ ସମାଜରେ କଳାର ମୂଲ୍ୟ ନିରୂପଣ କରିବାକୁ ଗଲେ ଆଦିବାସୀଙ୍କର ଅନେକ କଥା ଆମ ଆଖି ଆଗରେ ପଡ଼େ । ସେ ସବୁର ଯଥାର୍ଥ ଗବେଷଣା ହେବା ଆବଶ୍ୟକ ଏବଂ ଏହାର ସଂରକ୍ଷଣ ହେବା ମଧ୍ୟ ନିତାନ୍ତ ଦରକାର ।

# କନ୍ଧର ଝାଗଡ଼ ବା କେଉଡ଼ୁ ପୂଜା ଓ ଅନ୍ୟ ପର୍ବପର୍ବାଣି

କନ୍ଧର ବିଶ୍ୱାସ, ଝାଗଡ଼ ପୂଜା କଲେ ଫସଲ ଭଲ ହେବ, ବେମାର ହେବନାହିଁ ଓ ବଣ-ଜଙ୍ଗଲରେ ବାଘ ଓ ଭାଲୁ ଲୋକଙ୍କୁ ବାଘ ଖାଇଯିବ ନାହିଁ । ଏହି ଝାଗଡ଼ ପୂଜା ବୈଶାଖ କିମ୍ବା ଜ୍ୟେଷ୍ଠ ମାସରେ ହୁଏ । ଏଥିରେ ପୋଢ଼ ବଳି ପଡ଼େ । ପ୍ରଥମ ଝାଗଡ଼ ପୂଜା କରିବାକୁ ମାନସିକ କରନ୍ତି । ଗୋଟିଏ ଘୁଷୁରି ଆଣି ତାର କାନ କାଟି ମାଟିରେ ମଦ ଢାଳନ୍ତି ଓ ଘୁଷୁରିକୁ ଗ୍ରାମବାସୀଙ୍କ ଜଣାଶୁଣାରେ ଛାଡ଼ି ଦିଅନ୍ତି । ଏହି ମଦ ଢାଳିବା ସମୟରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଗୋଟିଏ ବାଇଦା ନିର୍ଦ୍ଦିଷ୍ଟ ଦୁଇବର୍ଷ ବା ତିନିବର୍ଷ ସ୍ଥିର କରାହୁଏ । ଉକ୍ତ ଘୁଷୁରି ୩ ବର୍ଷ ପର୍ଯ୍ୟନ୍ତ ନିଜ ଇଚ୍ଛାନୁଯାୟୀ ଯାହା ତାହା ଘରେ ଖାଇ ଚରିବୁଲି ଥାଏ । ଗୁରୁମାନଙ୍କ ମଧ୍ୟରୁ ମାଟିଗୁରୁ ପ୍ରଥମ ମଦ ଥିପାଇବ, ତାହା ପରେ ଜାନୀ ମଦ ଥିପାଇବେ । ସେହି ଦିନଠାରୁ ଜାନୀ ଓ ଝାଙ୍କର ନିଜ ଘରେ ଖାଇବେ, ଅନ୍ୟ କାହାର ହାତରୁ ପାଣି ମଧ୍ୟ ଖାଇବେ ନାହିଁ । ଯଦି ସେମାନେ ଆଠଦିନ ବାହାରେ ବନ୍ଧୁଘରେ କିମ୍ବା ବିଦେଶରେ ରହିବେ ତେବେ, ସେ ପର୍ଯ୍ୟନ୍ତ ସେ କେବଳ ଜଳଖିଆ ଖାଇ ରହିବେ । ୩ ବର୍ଷ ପୂରିଗଲେ ଘୁଷୁରି ମାରି ଖାଇବେ ଏବଂ ତା ବଦଳରେ ଆଉ ଗୋଟିଏ ଘୁଷୁରି କାଟିବେ । ତାକୁ ମାଟି ଦେବତା ପାଖରେ ପୂଜା କରିବେ । ତାହା ପରେ ୫ ବର୍ଷ ବା ଦଶ ବର୍ଷ ପରେ ମଧ୍ୟ ଝାଗଡ଼ ପୂଜାରେ ପୋଢବଳି ପକାଯାଇପାରେ ।

ପ୍ରଥମ ୩ ବର୍ଷ ଭିତରେ ଘୁଷୁରିର କାନ କାଟି ମଦ ଥିପାଇବେ । ଯଦି ୩ ବର୍ଷ ନ ପୂରୁଣୁ ଘୁଷୁରି ଆପେ ଆପେ ମରିଗଲା, ତେବେ ଜାଣିଲେ ଯେ ମାଟି ଝରାପ ହେଲା । ତିନ ବର୍ଷ ପରେ ଜାନୀ ଝାଙ୍କର ଅନ୍ୟ ଲୋକ ହାତରେ ଖାଇ ପାରନ୍ତି । ପ୍ରଥମ ତିନି ବର୍ଷ ନିୟମ କଟକଣା ଥାଏ । ପ୍ରଥମ ତିନି ବର୍ଷ ମଧ୍ୟରେ ଯଦି ଦେଖାଗଲା ମାଟି ମା' ଭଲ ରହିଲା, କେହି ବେମାର ହେଲେ ନାହିଁ, ବାଘଭାଲୁଙ୍କର ଉପଦ୍ରବ ହେଲା ନାହିଁ, ଫସଲ ଭଲ ହେଲା ତେବେ ସେଥିରୁ ଜଣାଗଲା ଯେ ମାଟି ମା ଖୁସି ଅଛି । ୨ୟ, ୩ୟ ବର୍ଷ ପରେ ଝାଗଡ଼ ପୋଢ଼ ବଳି ଆରମ୍ଭ ହେଲା । ମାଟି-ଗୁରୁ, ଜାନୀ, ଝାଙ୍କର ଓ ଗ୍ରାମବାସୀମାନଙ୍କ ଭିତରେ ବିଚାର ହୋଇ ଦିନ ସ୍ଥିର ହୁଏ । ଯେଉଁ ଦିନକୁ ସ୍ଥିର ହେଲା ତାର ପୂର୍ବ ଦିନଠାରୁ ଗ୍ରାମବାସୀ ଏକାଠି ହୋଇ ଗୋଟିଏ ପୋଢ଼ କିଣି ବାନ୍ଧିବେ ଓ ସେହିଦିନ ଛେଳି ଏକ ହଳ ହଣାଯିବେ । ଗୋଟିଏ ଛେଳି ଜାନୀ ଦୁଆରେ ପୋଢ଼ ବନ୍ଧା ଯାଇଥିବା ଖୁଣ୍ଟ ପାଖରେ ହଣାଯିବ । ପୋଢ଼ ବଳି ପଡ଼ିବା ପୂର୍ବ ଦିନଟି ଜାନୀ ଦୁଆରେ ବନ୍ଧା ଯାଏ । ସେହି ପୂର୍ବଦିନ ସନ୍ଧ୍ୟାରେ ଜାନୀ ଦୁଆରୁ ପୋଢ଼କୁ ବଳି ପଡ଼ିବା ସ୍ଥାନକୁ ନେବେ । ବଳି ପଡ଼ିବା ସ୍ଥାନରେ ଗୋଟିଏ ଖୁଣ୍ଟ ପୋତାଯିବ । ପୋଢ଼ ବଳି ପଡ଼ିବା ପୂର୍ବ ଦିନ ମଧ୍ୟ ସେ ବଳି ଖୁଣ୍ଟ ପାଖରେ ଗୋଟିଏ ଛେଳି (ବୋଦା) ହଣାଯିବ । ସନ୍ଧ୍ୟାରୁ ଜାନୀ ଦୁଆରୁ ପୋଢ଼ ଯାଇ ବଳି ପଡ଼ିବା ଖୁଣ୍ଟରେ ବନ୍ଧାଯିବ ଏବଂ ରାତି ଶେଷ ପର୍ଯ୍ୟନ୍ତ ଗ୍ରାମବାସୀ ଓ ଆଗନ୍ତୁକ ବ୍ୟକ୍ତିମାନେ ବାଜା, ନାଚ, ଗୀତ କରିବେ ଓ ଛେଳି ହଣା ଯାଇଥିବା ମାଂସ ଭୋଜି କରି ଖାଇବେ । ତହିଁ ଆରଦିନ ୯ଘଣ୍ଟା ବେଳକୁ ପୋଢ଼ ହଣାଯିବ ।

ସକଙ୍କୁ ଜାନୀ, ଝାଙ୍କର ଓ ମାଟିଗୁରୁ ମନ୍ତ୍ର ପଢ଼ି ଗୋଟିଏ ଲଉ ତୁମ୍ବାରେ କଣା କରି ତହିଁରେ ପାଣି ପୂରାଇ ଲୋକମାନଙ୍କ ହାତରେ ଢାଳିବେ। ଏହା ପରେ ଅନ୍ୟ ଗ୍ରାମର ଲୋକଙ୍କୁ ଯୋଡ଼ ପାଖକୁ ଛଡ଼ାଯିବ ନାହିଁ। ଯୋଡ଼କୁ ତେଲ ହଳଦି ଦେଇ ଗାଧୋଇ ଦେଇଥିବେ ଓ ପୂର୍ବଦିନ ସନ୍ଧ୍ୟାରୁ ପୋଡ଼ ପେଟରେ ଟିକିଏ କଣ୍ଡିଆ କରି ଦେଇଥିବେ। ପ୍ରଥମ ବାରଟା ବେଳେ ପୋଡ଼ ଉପରେ ପାଣି ଢାଳିଦେବେ। ମାଟିଗୁରୁ ନୂଆ ଟାଙ୍ଗିଆରେ ଟିକିଏ ହାଣି ଦେବେ। ତା ପରେ ଜାନୀ ନୂଆ ବାରସି ଧରିବେ। କେତେ ଜଣ ପୋଡ଼କୁ ଟେକରୁ ଟାଣି ଧରିବେ।ବେକ ଖୁଣ୍ଟରେ ବନ୍ଧା ଯାଇଥିବ। ଜାନୀ ବାରସିରେ ମୁଣ୍ଡ ଖପୁରି ଶିଙ୍ଗ ସହ ୪।୫ ଚୋଟରେ ହାଣି ଦେବେ। ପୋଡକୁ ତା ପରେ ଗୁଡ଼ ଦେବେ ଓ ସେ ତଳେ ମାଟିଗୁରୁ, ଜାନୀ, ଝାଙ୍କର ଓ ଗ୍ରାମବାସୀ ସମସ୍ତେ ରକ୍ତ ଥିପାଇବେ। ଟିକିଏ କଲିଜା ଓ ଶିଙ୍ଗ ମୁଣ୍ଡ ସହିତ ସେହି ଗାତରେ ପୋତିବେ। ତାହା ପରେ ଝାଗଡ଼ ପୋଡ଼ହଣା ପଡ଼ିଆ ଚାରିପାଖେ ବାଜା ବଜାଇ ବୁଲିବେ, ହଣା ଯାଇଥିବା ପୋଡ଼ର ଗଣ୍ଡିଟିକୁ ପାଣମାନେ ଜଗି ରହିବେ। ମାଟିଗୁରୁ ଜାନୀ ଓ ଝାଙ୍କରଙ୍କୁ ସଙ୍ଗରେ ଧରି ତାଙ୍କ ଘରକୁ ଆସି ଘରେ ମଦ ଥିପାଇବେ। ସେ ପର୍ଯ୍ୟନ୍ତ ଜାନୀ, ଝାଙ୍କରଙ୍କର ଘର ଝାଡ଼ୁ ଇତ୍ୟାଦି କରାଯାଇ ନଥିବ। ଏଠାରୁ ଗୁରୁ ମଦ ଥିପାଇ ସାରିଲା ପରେ ପୋଡ଼ ଗଣ୍ଡିକୁ ଜଗିଥିବା ପାଣମାନେ ଖାଇବାକୁ ନେଇଯିବେ।

ଯୋଡ଼ ହଣାଯିବା ଦିନଠାରୁ ୧୫ ଦିନ ପର୍ଯ୍ୟନ୍ତ ସମଗ୍ର ଗ୍ରାମବାସୀ ଅପବିତ୍ର ହୋଇ ରହିଲେ। ତାଙ୍କ ଘରେ ଏପରିକି ତାଙ୍କର ବନ୍ଧୁବାନ୍ଧବ ଖାଇବେ ନାହିଁ। ସେମାନେ ଏକ ପ୍ରକାର ଶୁଦ୍ଧି ହୁଅନ୍ତି। କେଉଁ କେଉଁଠାରେ ୮ ଦିନଠାରୁ ୧୫ ଦିନ ମଧ୍ୟରେ ଗୋଟିଏ ଦିନ ସମସ୍ତ ଗ୍ରାମବାସୀ ଘରଦ୍ୱାର ଲିପି ସଫା କରି ଥାଆନ୍ତି। ସେହି ଦିନଠାରୁ ସେ ଶୁଦ୍ଧ ବା ମୁକ୍ତ ହେଲେ। ଗୁରୁଙ୍କଠାରୁ ବିଦାୟ ନେଲେ ଝାଗଡ଼ ପର୍ବ ଶେଷ ହେଲା।

## ପର୍ବତ ଦେବତା ପୂଜା

ଏହା ଜ୍ୟେଷ୍ଠ ମାସରେ ହୁଏ। ଏହି ପର୍ବତ-ଦେବତା ପୂଜା କରିବା ପାଇଁ ଗ୍ରାମବାସୀ ଗୋଟିଏ ନିର୍ଦ୍ଦିଷ୍ଟ ଦିନ ସ୍ଥିର କରିବେ। ଆଗରୁ ପୂଜା ସାମଗ୍ରୀ ଛେଳି (ବୋଦା), ଚାଉଳ ଓ ଅନ୍ୟ ସରଞ୍ଜାମ ପ୍ରସ୍ତୁତ ହୋଇ ରହିବ। ଗ୍ରାମବାସୀ ପୂଜାସାମଗ୍ରୀ ସହ ଦେହୁରୀ ବାଜା ବଜାଇ ତିଆର କରି ପର୍ବତକୁ ଯିବେ। ସେଠାରେ ଦେହୁରୀ ପୂଜା କରିବ। ପୂଜା ସରିଲାପରେ ବାହକେ ଛେଳିକୁ ହାଣିବେ। ହଣା ସରିଲେ ଭୋଜିଭାତ କରି ଖାଇ ନିଜ ନିଜ ଘରକୁ ଯିବେ।

## ଠାକୁରାଣୀ ମା ପୂଜା

ଏହି ପୂଜା ମାଘ ଓ ଆଶ୍ୱିନ ମାସରେ ହୁଏ। ଏହି ପୂଜା କଲେ ଗ୍ରାମବାସୀ ଭଲ ରହିବେ, ଗୋରୁ, ପୋଡ଼, ଛେଳିକୁ ବାଘ ଖାଇବ ନାହିଁ, ବେମାରି ହେବ ନାହିଁ। ଗୋଟିଏ ଦିନ ଗ୍ରାମବାସୀ ଏକାଠି ବସି ବରଲ ଠାକୁରାଣୀ ପୂଜାଦିନ ଠିକ୍ କରିବେ। ଏହାକୁ ବାହୁକ ଦେହୁରୀପୂଜା କହନ୍ତି। ଏଥିରେ ବଂଶ ପରମ୍ପରା ଅନୁଯାୟୀ ଦେହୁରି ପୁଅ ଦେହୁରି ଏବଂ ବାହକର ପୁଅ ବାହକ ହୁଏ। ବାହକ ଅର୍ଥ ଯେ ପୋଡ଼ ହାଣିବ; ଅର୍ଥାତ୍ ଘାତକ। ପ୍ରଥମ ଦିନ ବାର ହୁଏ। ବଳିପଡ଼ିବା ପୂର୍ବ ଦିନକୁ ବାର କହନ୍ତି। ବାରଦିନ ବଳି ପଡ଼ିବା ସ୍ଥାନରେ ଗୋଟିଏ ଖୁଣ୍ଟ ପୋତାଯିବ। ତାକୁ ସ୍ତମ୍ଭଖମ୍ବ କହନ୍ତି। ସେ ସ୍ଥାନରେ ବେଲପତ୍ର, ଅରୁଆ ଚାଉଳରେ ହଳଦି ଗୋଳାଇ ଦେହୁରି ପୂଜା କରିବ। ଗାଁର ଲୋକମାନେ ସ୍ତମ୍ଭଖମ୍ବରେ କ୍ଷୀର ଢାଳିବେ, ବାଜା ବାଜିବ। ତହିଁ ଆରଦିନ ସକାଳେ ଲିଆ ଓଦା ହୋଇ ମୁଆଁ ତିଆରି

ହେବ । ଦିନ ବାରଟାରୁ ବାଜା ବଜାଇ ଜୁଗାର ଧରି ପୂଜା କରିବାକୁ ଯାଇ ପ୍ରଥମେ ତାଳେ ପାଣି ଗୁଣ୍ଟ ଖମ୍ବରେ ରୁକବେ, ତା ପରେ ୪ଟା ବେଳକୁ ପୁଣି ପୂଜା ଆରମ୍ଭ ହେବ । ପ୍ରଥମେ ମୁରୁଜ ପକାଇବେ । ତହିଁରେ ୬୪ ଘର ଥିବ । ପ୍ରତ୍ୟେକ ଘରରେ ଗୋଟିଏ ଗୋଟିଏ ବେଲପତ୍ର ଓ ଚାଉଳ ପୁଞ୍ଜି ଦେଇ ପୂଜା କରିବେ । ତା ପରେ ଦୁଇଟି ବୋଦା ହଣାଯିବ । ତାକୁ ମୂଳ ପୂଜା କହନ୍ତି । ଦ୍ୱିତୀୟଟି ଗୁଣ୍ଟ ଖମ୍ବରେ ହଣାଯାଇ ପୂଜା ହୁଏ । ଆଉ ମଧ୍ୟ ଗ୍ରାମବାସୀଙ୍କର ମାନସିକ ବୋଦା, କୁକୁଡ଼ା ଇତ୍ୟାଦି ବଳି ପଡ଼େ ।

ଯଦି କେହି ପୋଢ଼ ବଳି ଦେବାକୁ କହିଥାଏ, ତେବେ ସେ ପୋଢ଼କୁ ବଳିପକାଇବା ପୂର୍ବଦିନ ଗଉଡ଼ ଓ ପାଣ ମିଶି ପୋଢ଼ ବାନ୍ଧିବେ । ସେ ଦିନ ମାନସିକ କରିଥିବା ଲୋକ ଏମାନଙ୍କୁ ଗୋଟିଏ ଛେଳି ଦେବ । ତାହା ସହରେ ହାଣି ଭୋଜି କରନ୍ତି । ତହିଁ ଆରଦିନ ପୋଢ଼କୁ ତେଲ, ହଳଦି ଦେଇ ଗାଧୋଇ ଫୁଲମାଳ ପିନ୍ଧାଇ ବାଜା ବଜାଇ ଘଣ୍ଟୁଆର କରି ନେଇ ଗୁଣ୍ଟଖମ୍ବ ପାଖରେ ଆଉ ଗୋଟିଏ ଖମ୍ବଗାଡ଼ି ସେହି ଖମ୍ବରୁ ଗୋଟିଏ ସୂତା ଗୁଣ୍ଟ ଖମ୍ବକୁ ବାନ୍ଧନ୍ତି । ଗଡ଼ବା ଖମ୍ବରେ ପୋଢ଼କୁ ହାଣି ମୁଣ୍ଡଟିକୁ ଗୁଣ୍ଟ ଖମ୍ବ ନିକଟକୁ ନେଇ ପୂଜା କରାଯାଏ । ତାହାପରେ ପୋଢ଼କୁ ପାଣମାନେ ନେଇ ତାଙ୍କର ଗ୍ରାମର ସାଲିଆନା ଅନୁଯାୟୀ ଭାଗ କରି ଖାଆନ୍ତି ।

## ମାଣ୍ଠୁପୂଜା

ଅକ୍ଷୟ-ତୃତୀୟା ଦିନ ହୁଏ । ଏଥିରେ କୁକୁଡ଼ା ପୂଜା କରନ୍ତି । ଏହି ପୂଜା ପ୍ରତ୍ୟେକ ଘରର ମୁରବି କରନ୍ତି । ଏ ଦିନ ବିହନ ଅନୁକୂଳ କରି ବୁଣନ୍ତି । ସବୁ ପ୍ରକାର ଗୃଷର ବିହନ ଅନୁକୂଳ କରାଯାଏ ।

ଉପରୁ ଯାତ୍ରା ବା ପଣା ସଂକ୍ରାନ୍ତି ଦଣ୍ଡ ଯାତ୍ରା, ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ହେଉଥିବା ଯାତ୍ରା ସଙ୍ଗେ ପ୍ରାୟ ସମାନ ।

# ଉଠ ଆଦିବାସୀ ଉଠ

ଶ୍ରୀ ଯାଦବାନନ୍ଦ ମହାନ୍ତି

ଉଠ ଆଦିବାସୀ ନିଦ୍ରା ପରିହରି
ଉଦେ ଦିନକର ପାହିଲା ଶର୍ବରୀ
କେତେ ବେଳ ଆଉ ରହିଥିବୁ ଶୋଇ
ଅଜ୍ଞାନ ମୋହରେ ହୋଇଲୁ କି ବାଇ
ଚାହିଁ ତୁ ନୟନ ମେଲ
ତୋହର ସାଥୀରୁ କେତେ ନରନାରୀ ଆଗରେ ଗଲେଣି ଚାଲି । ୧ ।

ବହୁକାଳୁଁ ତୁହି ରହିଛୁ ଏ ସ୍ଥାନ
ସାର୍ଥକ କରିଛୁ ଆଦିବାସୀ ନାମ
କେତେ ଝଞ୍ଜା ତୋର ବୁକୁ ପରେ ବହି
ଯାଇଛି, ସହିଛୁ ତୋ ଛାତି ପତାଇ
ତୋହର ସାଥୀର ଲୋକେ
କେ କେତେ ଗଲେଣି ଉନ୍ନତି-ପଥରେ ପାଦ ଦେଇ ତୋର ବୁକେ । ୨ ।

ଯୁଗ ଯୁଗ ଧରି ରହିଅଛୁ ବନେ
ସଭ୍ୟତାର ଛାପ ବାଜନି ଜୀବନେ
ଦେହର କଙ୍କଣ ଭୂଷଣ ତୋହର
ସାଥୀଟି ତୋହର ଧନୁ ତୂଣ ଶର
ଜଙ୍ଗଲ ତୋହର ବାସ
ଖରା ବରଷାରେ ନହେଉ କାତର ଦୁଃଖ ନାହିଁ ମନେ ଲେଶ । ୩ ।

ପାହାଡ଼ର ତଳେ ରଚିଛୁ ତୋ ଘର
ବନ୍ୟ ହିଂସ୍ରଜନ୍ତୁ ନାହିଁ ତୋର ଡର
ବଞ୍ଚୁଛୁ ଗଛର ଫଳମୂଳ ଖାଇ
ଝରଣାର ଜଳେ ତୃଷାକୁ ମେଣ୍ଟାଇ
ଧନ୍ୟ ତୋ ମନର ବଳ
ଗଛର ବକଳ କରିଆ କୌପୀନ ଅଟେ ସିନା ତୋ ସମ୍ବଳ । ୪ ।

କିଏ କହେ ତୋର ନାହିଁ କି ସଂସ୍କୃତି
ହିନ୍ଦୁ କରେ ପୂଜା ତୋ ଗ୍ରାମଦେବତୀ
ତୋ ଘରର ଚିତା ଶୋହେ ପ୍ରତି ଘରେ
ତୋର ନୃତ୍ୟଗୀତ ଜଣା ଜଗତରେ
ସରଳତା ତୋ ଆଦର୍ଶ
ନାହିଁ ଆଡ଼ମ୍ବର ନାହିଁ ତୋ କପଟ ତୋ ଜୀବନ ନିରଳସ । ୫ ।

ତୋହର ବଂଶରେ ବିଶ୍ୱାବସୁ ରାଜା
କରିଥିଲା ବନେ ଯେ ଦେବତା ପୂଜା
ସେ ନୀଳମାଧବ ଆଜି ଜଗନ୍ନାଥ
ରୂପେ ପୂଜା ପାଏ ସମଗ୍ର ଭାରତ
ତୋ ବଂଶରେ ଶବରଣୀ
ଭୁଞ୍ଜିଲେ ଠାକୁର ତାର ଚଖାଫଳ ପୀୟୂଷ ପରାଏ ମଣି । ୬ ।

ତୋହରି କୁଟୁମ୍ବ ଗୁହକ ଶବର
କରିଲା ଶ୍ରୀରାମ ଅତିଥି ସତ୍କାର
ତୋହରି ରୂପରେ ଦେବ ଚନ୍ଦ୍ରମାଥ
ପାର୍ଥ ପରି ବୀରେ କଲେ ପରାଭୂତ
ସବୁକି ଯାଇଛୁ ଭୁଲି
ଅଜ୍ଞାନତା ବଶେ ତୋର ସାମରଥ ପାରୁ ନାହୁଁ କରେ ବଳି ! । ୭ ।

ତୋହରି ଆଗରେ ହିନ୍ଦୁ ମୁସଲମାନ
କରିଗଲେ ଏହି ଭାରତ ଶାସନ
ରଚିଲେ ସଉଧ ସଞ୍ଚିଲେ କୀରତି
ଲୁଚିଗଲା ତୋର ପ୍ରାଚୀନ ସଂସ୍କୃତି
ରହିଲୁ ଜଙ୍ଗଲ ଭୂଇଁ
ନ ଶୁଣିଲୁ ଦିନେ ଦେଶ ସମାଚାର ନ ଦେଖିଲେ ତୋତେ କେହି । ୮ ।

ଆସିଲେ ତା ପରେ ବିଦେଶୀୟ ଜାତି
କରିଲେ ତୋହର ଏ ଦେଶେ ରାଜୁତି
ତାଙ୍କର ସ୍ୱାର୍ଥରେ ତୋ ଦେଶର ଧନ
ସରିଗଲା ସବୁ ତୁ ହେଲୁ ନିର୍ଧନ
ତୋ କଥା ବୁଝିଲେ ନାହିଁ
ଅଶିକ୍ଷିତ ବୋଲି ଜଗତ ଆଖିରେ ଉପେକ୍ଷିତ ହେଲୁ ତୁହି । ୯ ।

ଗଲାଣି ସେ କାଳ ଥିଲୁ ତୁହି ଯେବେ
ଘୃଣ୍ୟ ହୋଇ ଦେଶେ ବନ୍ୟ ଜାତି ଭାବେ
ହୋଇଲାଣି ଏବେ ତୋ ଦେଶ ସ୍ୱାଧୀନ
ତୋର ଭାଇ ବନ୍ଧୁ କରନ୍ତି ଶାସନ
ତୋହର ଉନ୍ନତି ପାଇଁ
କରନ୍ତି ଯୋଜନା ନକର ଶୋଚନା ଦେଖ ବାଟରେ ଆଖି ଫେରି । ୧୦ ।

ଭୋଗୁଅଛୁ ତୋର ଅଙ୍ଗେ କେତେ ବ୍ୟାଧି
ଜାଣିନାହୁଁ କେତେ ରହିଛି ଔଷଧି
ଭେଷଜ ବ୍ୟବସ୍ଥା ମଣୁଥାଉ ସଲ
ଗୁଣି ଗାରେଡ଼ିରେ ହୋଇବୁ କି ଭଲ
ଅନ୍ଧ ବିଶ୍ୱାସରେ ହୁଡ଼ି
ମରି ମରାଉଛୁ କେତେ ଭାଇ ବନ୍ଧୁ ଗୁଣିଆ କଥାରେ ପଡ଼ି । ୧୧ ।

ବରାହ କୁକ୍କୁଟ ମହିଷ ନିକର
ବଳି ଦେଉ ତୋର ପାଶେ ଦେବତାର
ଯେଉଁ ଦେବ ମହୀପାଳନ କରତା
କେସନେ ତୋଷିବେ ଦେଖି ରକ୍ତଚିତା
ଶୋଣିତେ ଫଳେ କି କ୍ଷେତ
ଭ୍ରମବଶେ ପଡ଼ି ପଥ ଯାଉ ହୁଡ଼ି ଲାଗେ ବଡ଼ ବିପରୀତ । ୧୨ ।

ଦେଖୁନୁ ଜଗତେ କ୍ଷେତେ ଦେଇ ଖତ
ଅନୁର୍ବର ଜମି ଫଳଇ ବହୁତ
କାହିଁପାଇଁ ତୁହି କରୁ ପୋଡ଼ୁ କୃଷି
ଯେତେ ଯତ୍ନ କଲେ ନପୂରେ ତୋ ଆଶ
ଜମି ତୋ ହୁଏ ଅକାମୀ
ଏତେ ଥର ଠିକ ଶିଖିଲୁ ତ ନାହିଁ ବୃଥା ହେଉଥାଉ ଭ୍ରମି । ୧୩ ।

ଖୋଲିଅଛି ତୋହ ପାଇଁ ବିଦ୍ୟାଳୟ
ନପଢ଼ୁଛୁ ପାଠ କରି ମନେ ଭୟ
ଟଙ୍କାଟିଏ ପାଇଁ ହେଉଅଛୁ ବିକା
ଗୋତିରେ ଖଟୁଛୁ ତେଜି ତୋ ଜୀବିକା
ନ ଜାଣୁ ଭଲ କି ଭେଲ
ତୋର ଝୋଲବୁହା ଅରଜିତ ବିତ୍ତ କି ପାଇଁ ଦେଉ ମାମୁଲ । ୧୪ ।

ବେଲ ଜାଣି ଆସେ ଦ୍ୱାରେ ମହାଜନ
ଲୁଟିନିଏ ତୋର ଅରଜିଲା ଧନ
ସାମାନ୍ୟ ଦରବ ଦେଇ ସେ ଭୁଲାଇ
ବହୁତ ମୂଲର ଶସ୍ୟ ଯାଏ ନେଇ
ନ ଯାଆ ତା ପାଶେ ଆଉ
ବୁଝିଲେ ତୁ ଥରେ ବୁଝିବୁ ତାହାର ମୁକୁଳିବୁ ତାର ଦାଉ । ୧୫ ।

ନିଶା ଖାଇ ତୁହି ହେଉଅଛୁ ବଣା
ହାଣ୍ଡିଆର ଗୁଣ ନାହିଁ କରେ ଜଣା
ଛାଡ଼ ତୁ ଏସବୁ ଭଲ ହେବୁ ଯେବେ
ତୋର ସ୍ତ୍ରୀ ପିଲା ସୁଖୀ ହେବେ ତେବେ
ଦଶରେ ହୋଇବୁ ଜଣେ
ସଉଭାଗ୍ୟ ରବି ଉଇଁବ ତୋହର ପ୍ରଶଂସିବେ ତୋତେ ଜନେ । ୧୬ ।

ଉଠ ଆଦିବାସୀ ଭୂୟାଁ କନ୍ଧ କୋଲ
ଉଠ ହେ ପରଜା ଗାଦବା ସକଳ
ଉଠ ବଣ୍ଡା ଗଣ୍ଡ କୋଇଆ ସାନ୍ତାଳ
ମୁଣ୍ଡାରି ଜୁଆଙ୍ଗ ସବେ ହୋଇ ମେଳ
ଆସ ଆଦିବାସୀ ଭାଇ
ସ୍ୱର୍ଣ୍ଣପ୍ରସୂ ପରା ଆମର ଏ ଦେଶ ରହିଛି ଆମକୁ ଚାହିଁ । ୧୭ ।

ଅଛି ତୋର ଦେହେ ଭୀମ ପରାକ୍ରମ
କାଳର ପ୍ରଭାବେ ନୋହେ ପ୍ରକଟନ
ସୁପ୍ତ ଆଜି ତୋର ଆକାଙ୍କ୍ଷା ସତତ
ଗୁପ୍ତେ ତୋ ଅନ୍ତରେ ରହିଛି ନିହିତ
ଯାଇନି ତୋ କାଳ ହଜି
ସ୍ୱାଧୀନତା-ଭେରୀ ପାଞ୍ଚଜନ୍ୟ ବାଜେ ଜାଗ୍ରତ ହୁଅ ତୁ ଆଜି । ୧୮ ।

# ପାଲାମାଉର ବିରଜିଆ

**ଶ୍ରୀ ନିତ୍ୟାନନ୍ଦ ଦାସ**


ବିହାରର ଆଦିବାସୀମାନଙ୍କ ମଧ୍ୟରେ ବିରଜିଆ ଅନ୍ୟତମ । ଡାଲଟନ, ଗ୍ରାୟରସନ ପ୍ରଭୃତି ଗବେଷକମାନେ ଏହି ଗୋଷ୍ଠୀକୁ ଅସୁରମାନଙ୍କର ଗୋଟିଏ ଶାଖା ବୋଲି ବିବେଚନା କରିଛନ୍ତି । ନିଜର ବସତି ଅଞ୍ଚଳର ବାହାରେ ବିରଜିଆମାନଙ୍କ ସମ୍ବନ୍ଧରେ ଖୁବ୍ କମ୍ ଜଣା ପଡ଼ିଥାଏ । ୧୮୬୭ ମସିହାରେ ଖ୍ୟାତନାମା ଭୂତତ୍ତ୍ୱବିତ୍ ବାଲ୍ ସେମାନଙ୍କୁ ଲୁହା ପ୍ରସ୍ତୁତକାରୀ ଜାତି ଭାବରେ ଦେଖିଥିଲେ । ବହୁ ପୁରାକାଳରୁ ଛୋଟନାଗପୁର ଅଞ୍ଚଳର ଅଧିକାଂଶ ଆଦିବାସୀ ଗୋଷ୍ଠୀ ଲୁହା ତିଆରି କରୁଥିଲେ ଓ ଏହାକୁ ପ୍ରଧାନ ଜୀବିକା ଭାବେ ଅନୁସରଣ କରୁଥିଲେ । ବୈଦିକ ଋଷିମାନେ ଦ୍ରାବିଡ଼ମାନଙ୍କ ପୂର୍ବରୁ ଘନ ଜଙ୍ଗଲରେ ବାସ କରୁଥିବା ଆଦିବାସୀମାନଙ୍କୁ ଅସୁର ଆଖ୍ୟା ଦେଇଥିଲେ । ବର୍ତ୍ତମାନର ଆଦିବାସୀମାନେ ସେହି ଅସୁରମାନଙ୍କର ବଂଶଧର, ଏହି ତଥ୍ୟ ସମ୍ପୂର୍ଣ୍ଣରୂପେ ବିଶ୍ୱାସଯୋଗ୍ୟ ହୋଇପାରେ ବା ନହେଇପାରେ, ମାତ୍ର ଏହି ଯେ ଆଦିବାସୀମାନଙ୍କର ଉତ୍ପତ୍ତି ସମ୍ବନ୍ଧରେ ରେଖାପାତ କରି ପାରି ନାହିଁ ।

ପ୍ରଥମ କରି ଶରତଚନ୍ଦ୍ର ରାୟ ବିରଜିଆମାନଙ୍କର ଅସୁର ଗୋଷ୍ଠୀଠାରୁ ପାର୍ଥକ୍ୟ ଉପଲବ୍ଧି କରିଥିଲେ । ବର୍ତ୍ତମାନ ବିରଜିଆମାନେ ବିହାର ରାଜ୍ୟର ପାଲାମାଉ ଜିଲାସ୍ଥିତ ଗାରୋ ଓ ମହୁଆଣ୍ଡ ଥାନାମାନଙ୍କରେ ଦେଖାଯାନ୍ତି । ଏହି ଅଞ୍ଚଳ ଘନ ଜଙ୍ଗଲ ଆଚ୍ଛାଦିତ ଓ କୋଏଲ ନଦୀର ବନ୍ୟା ଫଳରେ ବର୍ଷକରୁ ପ୍ରାୟ ୬।୭ ମାସ ବାହାର ଜଗତଠାରୁ ବିଚ୍ଛିନ୍ନ ହୋଇ ରହେ । ଏହି କାରଣରୁ ବହୁଦିନ ଧରି ବିରଜିଆମାନେ ଏକ ପ୍ରକାର ବିଚ୍ଛିନ୍ନ ହୋଇ ରହି ଆସିଛନ୍ତି । ଏହି ଅଞ୍ଚଳର ଜମି ଅନୁର୍ବର ଓ ଦୁର୍ଗମ ଶୈଳପୂର୍ଣ୍ଣ । ବନ୍ୟଜନ୍ତୁ ଏମାନଙ୍କର ପ୍ରଧାନ ସହଚର । ଏହି ଅଞ୍ଚଳର ସମୃଦ୍ଧିଶାଳୀ ଜଙ୍ଗଲ ପୋଡୁ ବା ପାହାଡ଼ କୃଷି ଫଳରେ ବହୁଅଂଶରେ ବିଧ୍ୱସ୍ତ ହୋଇଛି । ପ୍ରଥମେ ଲୁହାଭାଟିରୁ ଓ ପରେ ପାହାଡ଼କୃଷିଦ୍ୱାରା ସେମାନଙ୍କର ଜୀବିକା ଅର୍ଜନ ସମ୍ଭବ ହେଉଥିଲା । ଜଙ୍ଗଲଗୁଡ଼ିକ ଜାତୀୟ ସମ୍ପଦରୂପେ ସଂରକ୍ଷଣ ହେବାପରେ ବିରଜିଆମାନଙ୍କର ଜୀବନପ୍ରଣାଳୀ ସଙ୍କଟାପନ୍ନ ହୋଇଗଲା । ଯାହା କିଛି ଫସଲ ଏମାନେ ଉତ୍ପାଦନ କରୁଥିଲେ, ବନ୍ୟଜନ୍ତୁମାନଙ୍କର ହାତରୁ ରକ୍ଷା କରିବା ଅସମ୍ଭବ ହୋଇ ଉଠିଲା । ପ୍ରାୟ ଏହି ସମୟରେ ଠିକାଦାର, ମିସନାରି ଓ ମହାଜନମାନେ ଏହି ଅଞ୍ଚଳରେ ପ୍ରଭାବ ବିସ୍ତାର କଲେ । ବିରଜିଆମାନେ ନିଜର ସଂସ୍କୃତି ଓ ଜୀବନଧାରା ପରିବର୍ତ୍ତନ କରି ବାହାରର ଲୋକମାନଙ୍କୁ ନିଜର ଗୋଷ୍ଠୀ ମଧ୍ୟରେ ସ୍ଥାନ ଦେଲେ । ଭାଷା ସୂତ୍ରରେ ବିରଜିଆ ଭାଷା ମୁଣ୍ଡା ବଂଶଜ, ମାତ୍ର କାଳକ୍ରମେ ବିଭିନ୍ନ ପ୍ରକାର ହିନ୍ଦୀ ଶବ୍ଦ ଏହି ଭାଷା ମଧ୍ୟରେ ପ୍ରବେଶ କରିପାରିଛି । ବିଶେଷତଃ ମୁଣ୍ଡାମାନଙ୍କ ଭଳି ଏମାନେ ନିଜର ଭାଷା ରକ୍ଷଣ ଦିଗରେ ସେତେ ବେଶି ଜୋର ଦିଅନ୍ତି ନାହିଁ । ଯେ କୌଣସି ମୁହୂର୍ତ୍ତରେ ମାତୃଭାଷା ପରିବର୍ତ୍ତେ ସ୍ଥାନୀୟ ହିନ୍ଦୀ କହନ୍ତି ।

ବିରଜିଆମାନଙ୍କର ୨୨ଟି ପକ୍ଷୀ, ଦୁଇଟି ସାପ, ଗୋଟିଏ ମାଛ ଏବଂ ୯ଟି ପଶୁ ଗୋତ୍ରର ବର୍ଣ୍ଣନା ରାୟ କରିଛନ୍ତି । ବର୍ତ୍ତମାନ ଏହି ଗୋତ୍ର ବିଷୟରେ

ସମ୍ୟକ୍ ଧାରଣା ଅଧିକାଂଶଙ୍କର ନାହିଁ । ବିରିଜିଆ ସମାଜରେ ବ୍ୟକ୍ତିଗତ ଗୋତ୍ରସନ୍ତକ (totem) ଉଲ୍ଲେଖଯୋଗ୍ୟ ଏହା ସମ୍ପ୍ରଦାୟ (clan) ସନ୍ତକଠାରୁ ପୃଥକ ଓ ପ୍ରତ୍ୟେକ ବ୍ୟକ୍ତି ଏହା କୌଣସି ମୃତ ପୂର୍ବପୁରୁଷଠାରୁ ଗ୍ରହଣ କରିଥାଏ । ସ୍ୱପ୍ନ ବର୍ଣ୍ଣନା କରିଛନ୍ତି ଯେ ପ୍ରପୁ ସ୍ୱରପୁରୁଷ ମଧ୍ୟରେ ଏହି ବ୍ୟକ୍ତିଗତ ସନ୍ତକ ପାସେର ହୋଇଯାଏ । ଏହିସବୁ କାରଣରୁ ସଂଗୋତ୍ର ବିବାହ କେତେବେଳେ କେତେବେଳେ ଭୁଲକ୍ରମେ ହୋଇଯାଇଥାଏ । ପରେ ପରିବାରରେ ବେରାମ ଆରାମ ଯୋଗୁ ବା ଅନ୍ୟ କାରଣରୁ ଏହା ଜଣାପଡ଼ିଥାଏ ଓ ସଙ୍ଗେ ସଙ୍ଗେ ଛାଡ଼ପତ୍ର ଘୋଷଣା କରାଯାଏ । ବିରିଜିଆ ପରିବାରରେ ପିତାର ସ୍ଥାନ ପ୍ରଧାନ ବିରିଜିଆ ସମାଜ ପୈତୃକ ପରିବାରଦ୍ୱାରା ସଂଗଠିତ । ପିତା ପରେ ପୁତ୍ର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ହୋଇଥାଏ । କିନ୍ତୁ ଏହାଦ୍ୱାରା ସମାଜରେ ନାରୀ ଜାତିର ପ୍ରାଧାନ୍ୟ କ୍ଷୁଣ୍ଣ ହୁଏନାହିଁ । ପୁରୁଷ ସହିତ ନାରୀ ସମାନ ସୁବିଧା ଓ ସୁଯୋଗ ପାଇବାର ହକଦାର । ନାରୀ ଦୈନନ୍ଦିନ ସମସ୍ତ କାର୍ଯ୍ୟରେ ପୁରୁଷ ସହିତ ସହଯୋଗ କରିଥାଏ । ଏହା ବ୍ୟକ୍ତିଗତ ଗୃହର ସମସ୍ତ କାର୍ଯ୍ୟ ଓ ସନ୍ତାନ ପ୍ରତିପାଳନର ସମ୍ପୂର୍ଣ୍ଣ ଭାର ବହନ କରେ । ବର୍ତ୍ତମାନ ବିରିଜିଆମାନେ ଠିକାଦାରଙ୍କର ଜଙ୍ଗଲକଟା କାମରେ କାର୍ଯ୍ୟ କରନ୍ତି । ସ୍ତ୍ରୀମାନେ ଏହି କାର୍ଯ୍ୟରେ ପୁରୁଷମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ କରିଥାନ୍ତି । ଯେଉଁ କାଠ ବା ବାଉଁଶ ପୁରୁଷମାନେ କାଟନ୍ତି, ସ୍ତ୍ରୀମାନେ ତାହା ଡିପୋ ପର୍ଯ୍ୟନ୍ତ ନେଇ ଆସନ୍ତି । ଠିକାଦାରମାନେ କାଟିବାଠାରୁ ମଟରରେ ଲଦିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟପାଇଁ ପ୍ରତିଖଣ୍ଡ ହାରରେ ମଜୁରି ଦିଅନ୍ତି । ସ୍ତ୍ରୀ ଓ ପୁରୁଷ ଉଭୟଙ୍କର ସହଯୋଗରେ ଅଧିକ ଉପାର୍ଜ୍ଜନର ପନ୍ଥା ସୁଗମ ହୋଇଥାଏ ।

ବିରିଜିଆ ସଂସ୍କୃତିରେ ଯୁବକଯୁବତୀମାନଙ୍କର ପାରମ୍ପରିକ ତାଲିମ ପାଇଁ ବ୍ୟବସ୍ଥା ମଧ୍ୟ ରହିଛି । ପ୍ରତ୍ୟେକ ଗାଁରେ ଯୁବକ ଓ ଯୁବତୀମାନଙ୍କ ନିମିତ୍ତ ପୃଥକ ଆଖଡ଼ା ଘର ( ଗିତିଓରା ) ରହିଛି । ଛୋଟ ଛୋଟ ଜଙ୍ଗଲ ମଧ୍ୟରେ ପାହାଡ଼ ତାଳୁରେ ଝରଣା କୂଳରେ ଅଳ୍ପ କେତେକ ପରିବାରବିଶିଷ୍ଟ ବିରିଜିଆ ଗ୍ରାମଗୁଡ଼ିକ ଆଧୁନିକ ସଭ୍ୟତାଠାରୁ ବହୁ ଦୂରରେ ଗଢ଼ି ଉଠିଛି । ସାଧାରଣତଃ ଗୋଟିଏ କୋଠରୀସମ୍ବଳିତ ଘର ଓ ସାମାନ୍ୟ କିଛି ବ୍ୟାବହାରିକ ଜିନିଷ ବିରିଜିଆ ପରିବାରର ସମ୍ବଳ । ଏହି ଗୋଟିଏ କୋଠରୀରେ ବୟସ୍କ ସନ୍ତାନସନ୍ତତିମାନଙ୍କର ପିତାମାତାଙ୍କ ସହିତ ରହିବା ସମ୍ଭବ ହୋଇପାରେ ନା । ତେଣୁ ସେମାନେ ଆଖଡ଼ା ଘରେ ଶୁଆବସା କରନ୍ତି । ଓରାଓଁ ବା ଗଣ୍ଡମାନଙ୍କ ଭଳି ପ୍ରଶସ୍ତ ଆଖଡ଼ା ଘର ବିରିଜିଆ ଗ୍ରାମରେ ବିରଳ । ଅନେକ ସମୟରେ କୌଣସି ବୃଦ୍ଧ, ଅପୁତ୍ରିକ ବା ବିଧବାର ପିଣ୍ଡାରେ ଏହି ଆଖଡ଼ା ହୋଇଥାଏ । ଯୁବତୀମାନେ ଜଣେ ବୟସ୍କା ସ୍ତ୍ରୀର ତତ୍ତ୍ୱାବଧାନରେ ରହନ୍ତି ଓ ଯୁବକମାନେ ନିଜର ନେତା ନିର୍ବାଚନ କରି ଶୃଙ୍ଖଳିତ ଶାନ୍ତିରେ ଚଳନ୍ତି । ପର୍ବପର୍ବାଣିର ଅନେକ ଦିନ ପୂର୍ବରୁ ନୃତ୍ୟଗୀତରେ ବିରିଜିଆ ପଲ୍ଲୀ ଝଙ୍କୃତ ହୋଇ ଉଠେ । ଯୁବକଯୁବତୀମାନଙ୍କ ସହିତ ବୟସ୍କ ଲୋକମାନେ ମଧ୍ୟ ଭାଗ ନେବାରେ ପଛାନ୍ତି ନାହିଁ । ଭିନ୍ନ ପର୍ବପର୍ବାଣି ସମୟରେ ବିଭିନ୍ନ ପ୍ରକାର ନୃତ୍ୟ ଭଙ୍ଗୀ ବ୍ୟବହୃତ ହୁଏ । ପର୍ବପର୍ବାଣି ସମୟରେ ହାଣ୍ଡିଆ ପିଇ ଭୋକ ଶୋଷ ପାସୋରି ବିରିଜିଆମାନେ ନୃତ୍ୟଗୀତରେ ମଜ୍ଜି ରହିବାର ଦେଖାଯାଏ । ଆଦିବାସୀମାନଙ୍କର ଏ ପ୍ରକାର ଜୀବନ ପ୍ରଣାଳୀ ଅନେକଙ୍କଦ୍ୱାରା ଘୃଣ୍ୟ ଓ ନୀଚଭାବେ ଚର୍ଚ୍ଚିତ ହୋଇ ଆସିଛି । ଆଦିବାସୀମାନଙ୍କର ସରଳ ନିଷ୍କପଟ ଜୀବନକୁ କଳୁଷିତ କରିବାର ପ୍ରଚେଷ୍ଟା ଛଡ଼ା ମିସନାରି ବା ତଥାକଥିତ ସଭ୍ୟ ସମାଜ ସେମାନଙ୍କର ସ୍ପଷ୍ଟବାଦିତା ବା ସ୍ୱଚ୍ଛଳତା ଆଗ୍ରହ ସହିତ ଗ୍ରହଣ କରି ପାରିନାହିଁ । ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ଆମମାନଙ୍କୁ ସର୍ବଦା ଘାରି ରଖିଥାଏ ।



ବିରଝିଆ ଘର

ଆଦିବାସୀମାନଙ୍କର ସଂସ୍କୃତିକୁ ଆଦର କରି ପାରିବା ଭଳି ଶକ୍ତି ସଭ୍ୟ ସମାଜ ଏପର୍ଯ୍ୟନ୍ତ ଗଢ଼ି ପାରିନାହିଁ । ଆଖଡ଼ା ଘରର ଛବିରେ ଯୌନ-ପିପାସା ଓ ବ୍ୟଭିଚାର ଛଡ଼ା ଅନ୍ୟ କିଛି ଆମ୍ଭେମାନେ ଦେଖି ପାରୁନାହୁଁ । ମାତ୍ର ଏହି ପ୍ରଥାଦ୍ୱାରା ଆଦିବାସୀ ଯୁବକଯୁବତୀମାନଙ୍କର ଭବିଷ୍ୟତ ଜୀବନ ଗଠନ ସୁବିଧା ହୋଇଥାଏ । ପ୍ରତ୍ୟକ୍ଷ ପ୍ରଣାଳୀରେ ଭବିଷ୍ୟତ କର୍ମପନ୍ଥା ଏହିଠାରେ ଗଠିତ ହୋଇଥାଏ ।

ବର୍ତ୍ତମାନ ଅବସ୍ଥାରେ ବିରିଜିଆ ଜୀବନ ପ୍ରଣାଳୀ ନାନା ସଙ୍କଟ ମଧ୍ୟରେ ଗତି କରୁଛି । ଚାଲିଚଳଣି ଓ ବ୍ୟବହାର, ରୁଚି ତଥା ଜୀବନ ପ୍ରଣାଳୀ ଅତି ଦ୍ରୁତ ପରିବର୍ତ୍ତନ ହେଉଛି । ବିରିଜିଆ ଅଞ୍ଚଳରେ ଜମି ଅନୁର୍ବର ଓ ଚାଷ ଅଙ୍ଗ ଯତ୍‌ସାମାନ୍ୟ ଫସଲ ବନ୍ୟ-ଜନ୍ତୁମାନଙ୍କର ଉତ୍ପାତରେ ନଷ୍ଟ ହୋଇଥାଏ । ଜଙ୍ଗଲ ଆଇନ ଫଳରେ ପାହାଡ଼ ଚାଷ ମନା । ଦୈବଯୋଗରେ ବାଉଁଶ, ନାନା ପ୍ରକାର ଘାସ ଇତ୍ୟାଦି ବିରିଜିଆମାନଙ୍କୁ ଅନ୍ନସଂସ୍ଥାନର ଯୋଗ ଦେଇଛି । ପ୍ରଥମେ ଶ୍ରେଷ୍ଠ ଶ୍ରେଷ୍ଠ ଠିକାଦାରମାନେ ଜଙ୍ଗଲ ଠିକା ନେଉଥିଲେ । ସେମାନେ ବିରିଜିଆ-ମାନଙ୍କୁ କିଛି କିଛି ଅଗ୍ରିମ ମଧ୍ୟ ଦେଉଥିଲେ । ମଜୁରି ହାରରେ ପ୍ରତିଯୋଗିତା ଫଳରେ ବିରିଜିଆମାନଙ୍କୁ ଅଧିକା ମିଳିପାରୁଥିଲା । ମାତ୍ର କାଳକ୍ରମେ ଏକଚାଟିଆ ଠିକା ଆରମ୍ଭ ହେଲା । ବିରିଜିଆମାନେ ସର୍ବନିମ୍ନ ମଜୁରିହାରରେ କାମ କରିବାକୁ ବାଧ୍ୟ ହେଲେ । ଭାଉ କରିବାର ସୁଯୋଗ ବିରିଜିଆମାନେ ପାଇ ପାରିଲେ ନାହିଁ । ବର୍ଷାଋତୁରେ ଜଙ୍ଗଲ କଟାଇ ବନ୍ଦ ହେବା ସମୟରେ ଅଗ୍ରିମ ପାଇବାର ଆଶା ମଧ୍ୟ ଲୋପ ହେଲା । ଅଗ୍ରିମ ବନ୍ଦ ହେବାରୁ କାମ ପାଇବାର ନିର୍ଭରତା ମଧ୍ୟ ଅସମ୍ଭବ ହୋଇ ଉଠିଲା । ଜଙ୍ଗଲ ଖୋଲା ସମୟର ରୋଜଗାରରୁ ସଞ୍ଚୟ କରିବା ବ୍ୟତୀତ ଅନ୍ୟ ପନ୍ଥା ରହିଲା ନାହିଁ । ମାତ୍ର ବିରିଜିଆ ଅଞ୍ଚଳର ବହୁ ସଂଖ୍ୟାରେ ମଦଭାଟି ସେ ଦିଗରେ ପ୍ରତିବନ୍ଧକ ହୋଇ ଉଠିଲା । ଆଦିବାସୀମାନେ ସାଧାରଣତଃ ପର୍ବପର୍ବାଣିରେ ଚାଉଳ ପ୍ରଭୃତିରୁ ତିଆରି ହାଣ୍ଡିଆ ବା ମଦ୍ୟ ପାନ କରିଥାନ୍ତି । ଧୀରେ ଧୀରେ ମଦ୍ୟପାନର ଅଭ୍ୟାସ ବଢ଼ିଉଠେ ଓ ଦୈନନ୍ଦିନ ଅଭ୍ୟାସରେ ପରିଣତ ହୋଇଉଠେ । ଯେଉଁ ଆଦିବାସୀମାନେ ଧାନ ଚାଷ କରନ୍ତି, ଫସଲ ଆମଦାନୀ ହେବା ପରେ ମଦ୍ୟପାନର ମାତ୍ରା ବହୁତ ବେଶି ବଢ଼ିଉଠେ । ମାତ୍ର ବିରିଜିଆମାନେ ସେମାନଙ୍କର ଜମିରୁ ଧାନ ଖୁବ୍ କମ ଆମଦାନୀ କରି ପାରନ୍ତି । ତେଣୁ ମଦ୍ୟପାନ ଅଭ୍ୟାସ ଫଳରେ ଭାଟି ତିଆରି ମଦ ଉପରେ ନିର୍ଭର କରିଥାନ୍ତି । ବିଶେଷକରି କଞ୍ଚା ପଇସା ମଜୁରି ଆକାରରେ ପାଇବାରୁ ମଦ୍ୟପାନ ଅଭ୍ୟାସ ବଜାୟ ରଖିବାର ସୁଯୋଗ ମିଳେ । ବିରିଜିଆ ଅଞ୍ଚଳରେ ମଦଭାଟିମାନ ଦର୍ଶନୀୟ ବସ୍ତୁ ଅଟେ । ଆବାଲବୃଦ୍ଧବନିତା ସନ୍ଧ୍ୟା ପୂର୍ବରୁ ଭାଟି ପାଖରେ ପହଞ୍ଚି ସେମାନଙ୍କର ରୋଜଗାରର ଅର୍ଦ୍ଧାଂଶ ବା ସମ୍ପୂର୍ଣ୍ଣ ସମ୍ପୂର୍ଣ୍ଣର ତାଠାରୁ ବେଶି ଭାଟିରେ ଦାଖଲ କରି ଦିଅନ୍ତି । ବିଶେଷତଃ ଯେଉଁ ଦିନ ଠିକାଦାରମାନେ ମଜୁରି ଦିଅନ୍ତି, ସେଦିନ ଭାଟିରେ ଲୋକଭିଡ଼ ସାଧାରଣଠାରୁ ବେଶି ହୋଇଯାଏ । ଠିକାଦାରମାନଙ୍କର ମଜୁରି ବାଣ୍ଟିବା କେନ୍ଦ୍ରମାନଙ୍କରେ ଭାଟିମାନ ଅବସ୍ଥିତ । ମଜୁରିକେନ୍ଦ୍ରରୁ ସିଧା ଭାଟିର ରାସ୍ତା ଖୋଲିଯାଏ । ଏପରିକି ୮ । ୧୦ ବର୍ଷର ପିଲାମାନେ ମଧ୍ୟ ମଦ୍ୟପାନ କରିବାର ଦେଖା-ଯାଇଥାଏ । ଏତଦ୍‌ବ୍ୟତୀତ ଶ୍ରେଷ୍ଠ ଶ୍ରେଷ୍ଠ ବେପାରି-ମାନେ ଘୋଡ଼ାପିଠିରେ ମଦ ଟିଣମାନ ରଖି ଗାଁ ଗାଁରେ ବୁଲି ବ୍ୟବସାୟ କରିବାର ଦେଖାଯାଏ । ଏହାଦ୍ୱାରା ବୃଦ୍ଧ ଓ ସ୍ତ୍ରୀଲୋକମାନେ ମଦ୍ୟପାନର ପ୍ରଲୋଭନ ଏଡ଼ି ପାରନ୍ତି ନାହିଁ । ଏହି ସବୁ ସମୟରେ ବିରିଜିଆ ଗ୍ରାମର ଦୃଶ୍ୟ ମର୍ମନ୍ତୁଦ । ମଦ୍ୟପମାନଙ୍କର କୋଳାହଳରେ ସାରା ଗ୍ରାମ ମୁଖରିତ ହୋଇଉଠେ ।

ଅନେକ ସମୟରେ କଳି ଓ ଝଗଡ଼ା ଭୀଷଣ ଆକାର ଧରି ସରଳ ଜୀବନକୁ ନଷ୍ଟ କରିଥାଏ । କେବଳ ଗାରୁ ଥାନାରେ ପ୍ରାପ୍ତ ୪ । ୫ ବର୍ଷ ମଧ୍ୟରେ ଧର୍ଷଣ ଅପରାଧର ସଂଖ୍ୟା ପ୍ରାୟ ୩ । ୪ ଗୁଣ ବଢ଼ିବାର ଜଣାପଡ଼ୁଛି । ନିମ୍ନର ବିବରଣୀରୁ ଏହା ଦେଖିଯାଇପାରେ ।

| ବର୍ଷ | ଖୁନ ବା ନରହତ୍ୟା | ମାଡ଼ପିଟ | ନାରୀହରଣ | ଚୋରି ଇତ୍ୟାଦି |
|---|---|---|---|---|
| ୧୯୫୦ | ୮ | ୧୮ | ୨ | ୧୩ |
| ୧୯୫୧ | ୧୧ | ୨୪ | ୬ | ୨୨ |
| ୧୯୫୨ | ୧୬ | ୩୧ | ୩ | ୩୫ |
| ୧୯୫୩ | ୧୭ | ୩୦ | ୭ | ୩୯ |
| ୧୯୫୪ | ୧୯ | ୨୮ | ୫ | ୩୬ |

ନରହତ୍ୟାର ଅଧିକାଂଶ କାରଣ ମାଦକତା । ଅତ୍ୟଧିକ ମଦ୍ୟପାନ ହେଲେ ବିଚାରଶକ୍ତି ଲୋପ ହେବା ସଙ୍ଗେ ସଙ୍ଗେ ସରଳ ବଣ୍ଡାଆମାନେ ଆଦି ମାନବର ପୈଶାଚିକ ପ୍ରବୃତ୍ତିକୁ ଚାପି ରଖିପାରନ୍ତି ନାହିଁ । ଏହାଫଳରେ ସାମାନ୍ୟ ଉତ୍ତେଜନାରେ ଘୃଣ୍ୟ ଅପରାଧ କରିବାକୁ ପଛାନ୍ତି ନାହିଁ ।

ଅତ୍ୟଧିକ ମଦ୍ୟପାନ ଅଭ୍ୟାସ ଫଳରେ ଖାଦ୍ୟପେୟର ଅନୁପାତ କମ୍ ହୋଇ ଉଠୁଛି । ଅନେକ ସମୟରେ ବିନା ଖାଦ୍ୟରେ ୨।୩ ଦିନ ଧରି ସମସ୍ତ ପରିବାରକୁ ଚଳିବାକୁ ପଡ଼ୁଥାଏ । ଲୁଗାପଟା ମଧ୍ୟ ଅଧିକାଂଶଙ୍କର ନାହିଁ । ବିଶେଷତଃ ବୃଦ୍ଧମାନେ ନାନା ପ୍ରକାର ଚିରକନା ଏକତ୍ର କରି କୌଣସିମତେ କାମ ଚଳାନ୍ତି । ୧୦।୧୨ ବର୍ଷ ପର୍ଯ୍ୟନ୍ତ ପିଲାମାନେ ଉଲଗ୍ନ ଅବସ୍ଥାରେ ରହିଥାନ୍ତି । ସ୍ତ୍ରୀମାନେ କେବଳ ନିମ୍ନଭାଗ ଛଡ଼ା ଉପରଭାଗ ଆଚ୍ଛାଦନ କରିପାରନ୍ତି ନାହିଁ । ଏ ଅବସ୍ଥାରେ ବିଦେଶାଗତ କୌଣସି ବ୍ୟକ୍ତିକୁ ଦେଖିଲେ ଲଜ୍ଜାରେ ଗୃହ ମଧ୍ୟରେ ଲୁଚି ରହିବାକୁ ବାଧ୍ୟ ହୋଇଥାନ୍ତି । ପୁରୁଷମାନେ କୌପୀନ ମାତ୍ର କାମ ଚଳାଇ ଦିଅନ୍ତି । ସେମାନଙ୍କର ଏହି ଅର୍ଦ୍ଧଉଲଗ୍ନ ଅବସ୍ଥା ଯଦି କେହି ବର୍ବରତାର ନିଦର୍ଶନ ରୂପେ ବର୍ଣ୍ଣନା କରେ, ତାହେଲେ ନିଜର ଅଜ୍ଞତାର ପରିଚୟ ଦେବ ସିନା, ପ୍ରକୃତ ବଣ୍ଡାଆ ଜୀବନର ଚିତ୍ର ଦେଇ ପାରିବ ନାହିଁ । ହାଣ୍ଡିଆ ଆଦିବାସୀ ସଂସ୍କୃତିର ପ୍ରଧାନ ଅଙ୍ଗ, ମାତ୍ର ଭାଟିମଦ ନୁହେଁ । ଭାଟିମଦ ପ୍ରଭାବରେ ହାଣ୍ଡିଆ ବଣ୍ଡାଆ ପର୍ବପର୍ବାଣିରେ ବ୍ୟବହୃତ ହୋଇ ପାରୁ ନାହିଁ ।

ବଣ୍ଡାଆମାନଙ୍କର ମଦ୍ୟପାନ ଓ ଆର୍ଥିକ ଦୁରବସ୍ଥାର ସୁଯୋଗ ଛୋଟ ଛୋଟ ମହାଜନମାନେ ନେଇଥାନ୍ତି । ଏମାନେ ଅଣଆଦିବାସୀ ଓ ବିଭିନ୍ନ ସ୍ଥାନରୁ ଆସି ଏହି ଅଞ୍ଚଳରେ ବସତି ସ୍ଥାପନ କରନ୍ତି । ଜଙ୍ଗଲକଟାଇ ବନ୍ଦ ହେବା ସଙ୍ଗେ ସଙ୍ଗେ ଓ କୋଇଲ ନଦୀର ବନ୍ୟା ଫଳରେ ବଣ୍ଡାଆ ଅଞ୍ଚଳ ବାହାର ଜଗତଠାରୁ ପୃଥକ ହେବା ପରେ ଏହି ମହାଜନମାନଙ୍କ ବ୍ୟତୀତ ବଣ୍ଡାଆମାନଙ୍କର ଅନ୍ୟ ଭରସା ନ ଥାଏ । ରୋଜଗାର ସମୟରେ ସଞ୍ଚୟ କରିବାର ପ୍ରବୃତ୍ତି ଅଭାବରୁ ବର୍ଷାଋତୁଟି ଋଣ କରି କଟାଇବାକୁ ପଡ଼ିଥାଏ । ଏହି ମହାଜନମାନେ ଅତ୍ୟଧିକ ସୁଧରେ ଟଙ୍କା ଲଗାନ୍ତି । ସମୟ ସମୟରେ ମାସିକ ଶତକଡ଼ା ୫୦ ବା ୧୦୦ ହାରରେ ଲଗାଣ ହୁଏ । ରୋଜଗାର ଆରମ୍ଭ ହେଲେ ସୁଧମୂଳ ସହିତ ପରିଶୋଧ କରିବାକୁ ପଡ଼ିଥାଏ । କାମ ସମୟରେ ମଧ୍ୟ ସପ୍ତାହରେ ଥରେ ମଜୁରି ମିଳେ । ଠିକାଦାରମାନେ ଖାଦ୍ୟସାମଗ୍ରୀ ପ୍ରଭୃତି ଯୋଗାଇ ଦିଅନ୍ତି ନାହିଁ । ଏହା ଫଳରେ ମଜୁରି ପାଇବା ପର୍ଯ୍ୟନ୍ତ ବାକିସୂତ୍ରରେ ଖାଦ୍ୟପେୟର ବନ୍ଦୋବସ୍ତ କରିବାକୁ ପଡ଼ିଥାଏ । ଏହି ସବୁ କାରଣରୁ ବଣ୍ଡାଆମାନଙ୍କର ଜୀବନପ୍ରଣାଳୀ ମହାଜନମାନଙ୍କ ସହିତ ଆଦାନପ୍ରଦାନ ସୂତ୍ରରେ ଜଡ଼ିତ । ବଣ୍ଡାଆମାନେ ମହାଜନମାନଙ୍କର ଅତ୍ୟଧିକ ସୁଧ ପ୍ରବୃତ୍ତିର ଅଭିଯୋଗ କରିବା ସଙ୍ଗେ ସଙ୍ଗେ ଅଭାବ ସମୟରେ ସେମାନଙ୍କର ହିତକାରୀ ବୋଲି ଧରି ନିଅନ୍ତି । ନିମ୍ନ ବିବରଣୀରୁ ରୋଜଗାର ଓ ଋଣ ପ୍ରଭୃତିର ରୂପରେଖ ଦେଖିବାକୁ ମିଳିବ ।

| ଗ୍ରାମ | ପରିବାର ସଂଖ୍ୟା | ପରିବାର ପ୍ରତି ହାରାହାରି ଜନସଂଖ୍ୟା | ପରିବାର ପ୍ରତି ଟଙ୍କା ଆକାରରେ ଆୟ: ଫସଲ | ମଜୁରି | ମୋଟ | ପରିବାର ପ୍ରତି ଟଙ୍କା ଆକାରରେ ବ୍ୟୟ: ମଦ୍ୟପାନ | ଲୁଗା | ଖାଦ୍ୟ | ପର୍ବପର୍ବାଣି | ମୋଟ | ପରିବାର ପ୍ରତି ଋଣ: ପରିଶୋଧ | ଋଣଗ୍ରହଣ | ସଞ୍ଚୟ । | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|---|---|---|
| ମାଙ୍ଗେମଣ୍ଡ | ୧୬ | ୫.୫ | ୬୫ | ୨୫୦ | ୩୧୫ | ୧୫୦ | ୩୫ | ୨୦୦ | ୬୦ | ୪୪୫ | ୧୦୦ | ୨୩୦ | — | |
| ରେପେ-କରଣ୍ଡ | ୨୩ | ୭ | ୮୦ | ୩୦୦ | ୩୮୦ | ୧୮୦ | ୩୦ | ୨୧୦ | ୭୦ | ୪୯୦ | ୧୫୦ | ୧୬୦ | — | ଏହି ଗ୍ରାମର ନିକଟରେ ବେଶି ଜଙ୍ଗଲ କଟାଇ କମର ସୁବିଧା ଅଛି ଓ କିଛି ଧାନଜମି ଅଛି |
| ହେନାର | ୨୨ | ୬.୮ | ୬୮ | ୨୬୦ | ୩୨୮ | ୧୬୦ | ୩୨ | ୨୦୪ | ୬୫ | ୪୬୧ | ୧୪୦ | ୧୭୪ | — | |
| ମଦାର | ୨୫ | ୫.୭ | ୭୪ | ୨୧୦ | ୨୮୪ | ୧୨୦ | ୨୫ | ୧୮୦ | ୭୨ | ୩୯୭ | ୧୧୦ | ୨୦୩ | — | ଏ ଗ୍ରାମରେ ବୁଢ଼ା ସଂଖ୍ୟା ବେଶି ଓ ଜନ୍ତୁମାନଙ୍କର ଉପଦ୍ରବ ବେଶି |
| ବାରେସାଣ୍ଡ | ୧୮ | ୫.୩ | ୭୧ | ୨୫୦ | ୩୨୧ | ୧୭୫ | ୩୩ | ୧୫୦ | ୫୦ | ୪୮୦ | ୧୦୦ | ୨୫୯ | — | ଏଠାରେ ଗୋଟିଏ ମଦଭାଟି ଅବସ୍ଥିତ |

ପ୍ରଧାନ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି ଯେ ଯେଉଁ ଯେଉଁ ଗ୍ରାମବାସୀମାନେ ମଜୁରିଦ୍ୱାରା ଅଧିକ ଉପାର୍ଜ୍ଜନ କରୁଛନ୍ତି, ସେମାନେ ମଦ୍ୟପାନରେ ସେତେ ବେଶି ଖର୍ଚ୍ଚ କରୁଛନ୍ତି ଓ ସେତେ ବେଶି ପରିମାଣରେ ଋଣୀ ରହୁଛନ୍ତି । କାହାର କୌଣସି ସଞ୍ଚୟ ନାହିଁ । ରୋଜଗାର ବଢ଼ିବା ସଙ୍ଗେ ସଙ୍ଗେ ଖାଦ୍ୟପେୟ ଦିଗରେ ମଧ୍ୟ ଅଧିକା ଖର୍ଚ୍ଚ କରିବା ବିରଳ । ଯେଉଁ ଯେଉଁ ଗ୍ରାମରେ ଅଳ୍ପ କିଛି ଧାନଜମି ଅଛି ବା ବନ୍ୟଜନ୍ତୁମାନଙ୍କର ଉପଦ୍ରବ କମ୍, ସେଠାରେ ଫସଲରୁ କିଛି ଅଧିକା ଉତ୍ପାଦନ ହେଉଛି ।

ଏହି ସବୁ ଅବସ୍ଥାରୁ ବିରିଜିଆମାନଙ୍କର ଆର୍ଥିକ ପରିସ୍ଥିତି ତଥା, ସାଂସ୍କୃତିକ ବିକଳତା ପରିଲକ୍ଷିତ ହୁଏ । ସାମାଜିକ ବନ୍ଧନ ଦିନକୁ ଦିନ ଦୁର୍ବଳ ହୋଇ ଯାଉଛି ଓ ତାହା ସଙ୍ଗେ ସଙ୍ଗେ ସାଂସ୍କୃତିକ ବୈଶିଷ୍ଟମାକୁ ପ୍ରଶସ୍ତ କରିବାକୁ ସେମାନେ ବାଧ୍ୟ ହେଉଛନ୍ତି । ପରିବର୍ତ୍ତନକୁ ସମଜଭିତରେ ସ୍ଥାନଦେବା ନିମିତ୍ତ ଓ ବିଦେଶାଗତ ବ୍ୟବସାୟୀମାନଙ୍କୁ ଖାପ ଖୁଆଇବା ନିମିତ୍ତ ବିରିଜିଆମାନଙ୍କୁ ନିଜର ପରମ୍ପରା ଓ ଆଚାର ବ୍ୟବହାର ପରିବର୍ତ୍ତନ କରିବାକୁ ପଡୁଛି । ସ୍ତ୍ରୀ ଓ ପୁରୁଷମାନଙ୍କୁ ଏକ ସମୟରେ କାର୍ଯ୍ୟବ୍ୟସ୍ତ ରହିବାକୁ ପଡୁଥିବାରୁ ସନ୍ତାନସନ୍ତତିମାନଙ୍କର ଯତ୍ନ ନେବା ସମ୍ଭବ ହୋଇପାରୁ ନାହିଁ । ସେଥିପାଇଁ ପିଲାମାନେ ଉପଯୁକ୍ତ ମନୁଷ୍ୟ ହେବାରେ ବ୍ୟାଘାତ ଘଟୁଛି । ବୟସ୍କମାନେ ଅତ୍ୟଧିକ ମଦ୍ୟପାନ କରି ଦୁର୍ବ୍ୟବହାର କରୁଥିବାରୁ ପିଲାମାନେ ମଧ୍ୟ ମଦ୍ୟପାନ କରିବାର ଅଭ୍ୟାସ ଆହରଣ କରୁଛନ୍ତି । ସମାଜର ଦୃଢ଼ ବନ୍ଧନ ଆଖଡ଼ାଘରର ଶୃଙ୍ଖଳା ମଧ୍ୟ ଭାଙ୍ଗି ପଡ଼ୁଛି । ପର୍ବପର୍ବାଣିଗୁଡ଼ିକର ରୂପ ଉପଲବ୍ଧ ହୋଇପାରୁନାହିଁ । ଏହିସବୁ କାରଣରୁ ବିରିଜିଆମାନଙ୍କର କଲ୍ୟାଣ କଷ୍ଟସାଧ୍ୟ ହୋଇଉଠୁଛି । ପ୍ରତ୍ୟେକ ସମାଜ ପ୍ରଗତିଶୀଳ ଓ ପରିବର୍ତ୍ତନଶୀଳ । କୌଣସି ସମାଜ ଚିରଦିନଧରି ଏକପ୍ରକାର ରହିପାରେନା । ଶତଶତ ବର୍ଷଧରି ଘନ ଜଙ୍ଗଲରେ ରହିଆସିଥିବା ବିରିଜିଆମାନେ ସେହିପରି ରହିବା ସମ୍ଭବ ନୁହେଁ । ମାତ୍ର ସଭ୍ୟତାର ଅବଦାନରୂପେ ଦୁଶ୍ଚିନ୍ତା ଓ କୁକର୍ମ ପ୍ରଭୃତିର ସମ୍ବର୍ଦ୍ଧନକୁ ଅବରୋଧ କରିବା, ଶାସକ, ସମାଜସେବୀ ତଥା ବୈଜ୍ଞାନିକମାନଙ୍କର କର୍ତ୍ତବ୍ୟ ଅଟେ ।



କନ୍ଧ ଯୁବତୀ

# କୁଟିଆ କନ୍ଧ

( ଟେବୁଲୋ )

## ଡକ୍ଟର ହରେକୃଷ୍ଣ ମହତାବ

ମାଳ ଅଞ୍ଚଳର ଏକ ପଲ୍ଲୀଗ୍ରାମ । ଚାରିଆଡ଼େ ନିବିଡ଼ ଅରଣ୍ୟ । ଆଧୁନିକ ସଭ୍ୟତା ପ୍ରସୂତ ସମସ୍ତ ଯାତାୟାତ ସୁବିଧାଠାରୁ ବହୁ ଦୂରରେ ସେ ଗ୍ରାମ । ନିଜର ସଭ୍ୟତାରେ ନିଜେ ଗର୍ବୀ କୁଟିଆ କନ୍ଧଜାତିର କେତୋଟି ପରିବାର କୁଡ଼ିଆ ବାନ୍ଧି ରହିଛନ୍ତି । ଆଖ ପାଖ ଜଙ୍ଗଲ କାଟି, ମାଟି ତାଡ଼ି ବର୍ଷକୁ କିଛି ଖାଇବାର ଯୋଗାଡ଼ କରନ୍ତି । କିନ୍ତୁ ନିକଟରେ ଏ ପାଣ ଜାତିର ଲୋକଙ୍କ ଏକ ଗ୍ରାମ ଅଛି । ପାଣମାନେ କୁଟିଆ କନ୍ଧମାନଙ୍କୁ ଟଙ୍କା ପଇସା କରଜ ଦେଇ ସେମାନଙ୍କ ପରିଶ୍ରମଲବ୍ଧ ଯାହା କିଛି ପ୍ରାପ୍ୟ ସବୁ ବର୍ଷକୁ ବର୍ଷ ନେଇ ଯାଆନ୍ତି । କୁଟିଆ କନ୍ଧଙ୍କ ବିଶ୍ୱାସ ଯେ ସେମାନେ ଭୂମିର ଅଧିପତି, ପାଣଙ୍କର ସେଥିରେ ଅଧିକାର ନାହିଁ । ପାଣ ଜଙ୍ଗଲ କାଟି ଚାଷ କରିବାକୁ ବାହାରିଲେ, ପ୍ରବଳ ବାଧା ପାଆନ୍ତି ସେମାନେ କୁଟିଆ କନ୍ଧଙ୍କଠାରୁ । ସେହିପରି ପାଣମାନଙ୍କର ବିଶ୍ୱାସ ଯେ ସେମାନେ କୁଟିଆ କନ୍ଧଙ୍କୁ ଜିନିଷପତ୍ର ଯାହା ଯେପରି ଯୋଗାଇ ଜୀବିକା ଅର୍ଜ୍ଜନ କରିବା ତାଙ୍କର ଧର୍ମ । ଜଣେ ଅନ୍ୟଙ୍କୁ ଶୋଷଣ କରୁଛି ବୋଲି କାହାରି ମନରେ ବି ସେ ସେ କଥା ଉଠେ ନାହିଁ । ଗାଁ ମଝିରେ ଦେବୀପୀଠ । ପୋଡ଼ୁଅ ବଳି ସେଇଠି ପଡ଼େ । ପାଣ ପୋଡ଼ୁଅ ନବିକଲେ ଦେବୀ କନ୍ଧଙ୍କଠାରୁ ବଳି-ଗ୍ରହଣ କରନ୍ତି ନାହିଁ ବୋଲି ବିଶ୍ୱାସ । ପୋଡ଼ୁଅ ରକ୍ତରେ ଭୂମି ବେଶି ଫଳ ଦିଏ, ରୋଗବ୍ୟାଧି ଗାଁରେ ପଶେ ନାହିଁ, ସମସ୍ତ ପ୍ରକାର ବିପଦରୁ ଗାଁକୁ ରକ୍ଷା କରି ଆସିଛନ୍ତି ଦେବୀ ସୃଷ୍ଟିର ଆଦ୍ୟରୁ । କନ୍ଧ ନରନାରୀ ଦେବୀପୀଠରେ ସେମାନଙ୍କ ଜାତୀୟ ନୃତ୍ୟ ଲଗାଇଛନ୍ତି ମହା ଆନନ୍ଦରେ, କାରଣ ଏଥର ଫସଲ ଭଲ ହେବାର ଆଶା ଦେଖାଯାଉଛି ଓ ସେହି ଆଶାରେ ପାଣମାନେ ମଧ୍ୟ ଭଲ ଭଲ ଲୁଗା, ଜର୍ମାନ ଜାପାନ ତିଆରି ଗହଣା ବେଶି ପରିମାଣରେ ଧାର ସୂତ୍ରେ ଯୋଗାଇବାରେ ଲାଗିଛନ୍ତି । ସମସ୍ତେ ଯେତେ-ବେଳେ ନୃତ୍ୟରେ ବିଭୋର, ଏକ ଦିଗରୁ ପ୍ରବେଶ କଲେ ଜଣେ ଜଙ୍ଗଲ ବିଭାଗର କର୍ମଚାରୀ, ଅନ୍ୟ ଦିଗରୁ ଜଣେ ଅଧସ୍ତନ ପୋଲିସ କର୍ମଚାରୀ, ତୃତୀୟ ଦିଗରୁ ଜଣେ ଆଦିବାସୀ ସେବାମଣ୍ଡଳର ସେବକ ଓ ଚତୁର୍ଥ ଦିଗରୁ ଜଣେ ପର୍ଯ୍ୟବେକ୍ଷକ । ଜଙ୍ଗଲ ବିଭାଗର କର୍ମଚାରୀ ନୃତ୍ୟରେ ଯୋଗ ଦେଇଥିବା ଜଣେ ପ୍ରୌଢ଼ଲୋକକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, 'ଏଠିକି ଆ' । ବୁଢ଼ା ଯେପରି ନାଚ ଦଳରୁ ବାହାରି ଆସିଛି, ସମସ୍ତେ ଭୀତତ୍ରସ୍ତ ହୋଇ ଚାହିଁ ରହିଲେ । ବିଳମ୍ବ ନକରି ଜଙ୍ଗଲ କର୍ମଚାରୀ ତର୍ଜ୍ଜନ କରି କହିଲେ, "କାଲି ରାତିରେ କିଏ ସେ ପଛପଟ ଜଙ୍ଗଲ କାଟିଛି ?" ବୁଢ଼ା 'ହଁ', 'ନାଁ' କିଛି ନକହି ଉଦ୍ଭ୍ରାନ୍ତ ହୋଇ ନିଜ ଗ୍ରାମବାସୀମାନଙ୍କୁ ଚାହୁଁଛି । ପୋଲିସ କର୍ମଚାରୀ ଗର୍ଜ୍ଜନ କରି ବୁଢ଼ାକୁ କହୁଛି, "କୁକୁଡ଼ା ଛଅଟା ଦେ, ଚାଲ । ଜରୁରି ଦରକାର ଅଛି ।" ବୁଢ଼ା ଶୂନ୍ୟ ମନରେ ତା' ଆଡ଼େ ଚାହିଁ ପୁଣି ଗ୍ରାମବାସୀ-ମାନଙ୍କୁ ଚାହୁଁଛି । ସେବକ କୋମଳ ଭାବରେ କହୁଛନ୍ତି, "ଭାଇ, ଏ ପାଣଙ୍କ ପାଖରୁ ଜିନିଷ ରଖ ନାହିଁ । ସେମାନେ ତୁମ ରକ୍ତ ଶୋଷଣ କରୁଛନ୍ତି ।" ବୁଢ଼ା ଏହାଙ୍କ ଆଡ଼କୁ ଶୂନ୍ୟ ମନରେ ଅନାଇ ପୁଣି ନିଜ ଲୋକଙ୍କ ଆଡ଼କୁ ଚାହୁଁଛି । ପର୍ଯ୍ୟବେକ୍ଷକ ପୁରୁଷ

ଓ ସ୍ତ୍ରୀ କିପରି ଲୁଗା ପିନ୍ଧିଛନ୍ତି, କି ଗହଣା ପିନ୍ଧିଛନ୍ତି, କିପରି ଚିତା କୁଟାଇଛନ୍ତି, ଏ ସବୁ ଲକ୍ଷ୍ୟ କରି ଏକ ନୋଟ ଖାତାରେ ଟିପିବାରେ ଲଗିଛନ୍ତି । ଶେଷରେ ନିଜର କେମେରା କାଢି ବୁଢ଼ାଙ୍କୁ ଲକ୍ଷ୍ୟ କରି ଏକ ଫଟୋଗ୍ରାଫ ନେବାର ଉଦ୍ୟମ କଲେ । ବୁଢ଼ା ଓ ଅନ୍ୟ କନ୍ଧମାନେ ଭାବିଲେ ଯେ, ଏ ଏକ ନୂତନ ଯନ୍ତ୍ର, ଯେଉଁଥିରେ ପର୍ଯ୍ୟବେକ୍ଷକ ସମସ୍ତଙ୍କୁ ଏକ ସାଙ୍ଗରେ ମାରିଦେବେ ବୋଲି ବସିଛନ୍ତି । ସମସ୍ତେ ଭୟବିହ୍ୱଳ ହୋଇ ଠାକୁରାଣୀଙ୍କୁ କୁଣ୍ଢାଇ ପଡ଼ିଯିବାପାଇଁ ଉଦ୍ୟତ ହେଲେ । ଏହି ସମୟରେ ଠାକୁରାଣୀଙ୍କ ପଛଆଡ଼ୁ ଏକ ଛାୟାମୂର୍ତ୍ତି ଧୀରେ ଧୀରେ ଆଗକୁ ଅଗ୍ରସର ହୋଇ ଆସିଲେ । ଏ ମୂର୍ତ୍ତିକୁ ଦେଖି ଆଗନ୍ତୁକ ଚାରିଜଣ ବିସ୍ମିତ ହୋଇ ଚାହିଁ ରହିଲେ । ଏହି ଅବସରରେ କନ୍ଧମାନେ ଏଣିକୁ ତେଣିକୁ ଅନାଇ ନିଜ ନିଜ କୁଡ଼ିଆ ଭିତରକୁ ପଳାଇଲେ । ଛାୟାମୂର୍ତ୍ତି ଜଙ୍ଗଲ କର୍ମଚାରୀଙ୍କୁ ଦୃଢ଼ ଭାବରେ ପଚାରିଲେ, "କଅଣ ତୁମର ଅଭିଯୋଗ ?" ଜଙ୍ଗଲ କର୍ମଚାରୀ ସାହସ ସଞ୍ଚୟ କରି କହିଲେ, "ଏମାନେ କାଲି ରାତିରେ ଏ ପାଖ ଜଙ୍ଗଲ କାଟି ନେଇଛନ୍ତି ।" ଛାୟାମୂର୍ତ୍ତି କହିଲେ, "ହେଲା କଣ ? ଜଙ୍ଗଲରେ ସେମାନଙ୍କ ଅଧିକାର ଅଛି । ସେମାନେ ଏ ଭୂମିର ରାଜା ।" ଜଙ୍ଗଲ କର୍ମଚାରୀ ବିସ୍ମିତ ହୋଇ ଛିଡ଼ା ହୋଇ ରହିଲେ । ତା'ପରେ ଛାୟାମୂର୍ତ୍ତି ପୋଲିସ କର୍ମଚାରୀଙ୍କୁ ପଚାରିଲେ, "ତୁମେ କଅଣ ଚାହଁ ?" ପୋଲିସ କର୍ମଚାରୀ ଦୃଢ଼ଭାବରେ କହିଲେ "ମୁଁ ଚାହେଁ ଛଅଟା କୁକୁଡ଼ା, ନହେଲେ ଚାଲାଣ କରି ପଠାଇ ଦେବି ।" ଛାୟାମୂର୍ତ୍ତି ଅଟ୍ଟହାସ କରି କହିଲେ "କୁକୁଡ଼ା ଦିଆଯିବ ନାହିଁ । ଯାଅ ଏଠୁଁ ।" ପୋଲିସ କର୍ମଚାରୀ ବିସ୍ମିତ ହୋଇ ଛିଡ଼ା ହେଲେ । ଛାୟାମୂର୍ତ୍ତି ଧୀରେ ଧୀରେ ସେବକଙ୍କ ପାଖକୁ ଆସି ପଚାରିଲେ "ତୁମେ କଅଣ କହୁଛ ?" ସେବକ—"ମୁଁ ଆସିଛି ଏମାନଙ୍କ ସେବା କରିବାପାଇଁ । ଏମାନେ ପାଣଙ୍କଠାରୁ ଶସ୍ତା ଜିନିଷକୁ ବେଶି ଦାମରେ ଧାରରେ କିଣି ଅସଲ ସୁଧ ଦେଇ ସର୍ବନାଶ ହେଉଛନ୍ତି । ମୁଁ ଏମାନଙ୍କୁ କହୁଛି, ଏମାନେ ସେ ଜିନିଷ ନ କିଣନ୍ତୁ ।" ଛାୟାମୂର୍ତ୍ତି ଈଷତ ହାସ୍ୟ କରି କହିଲେ, "ତୁମର ଲୁଗା ପିନ୍ଧିବାର ସଉକ ଅଛି, ଟୋପି ପିନ୍ଧିବାର ସଉକ ଅଛି, ହାତରେ ଘଡ଼ି ବାନ୍ଧିବାର ସଉକ ଅଛି । ତୁମେ ଘରପାଇଁ ସୁନାରୁପା ଗହଣା କିଣିବାର ସଉକ ଅଛି । ତମେ କହୁଛ ଯେ, ସବୁ ସଉକ ତୁମର ରହିବ, ଏମାନଙ୍କର କିଛି ରହିବ ନାହିଁ ? ତା' ହେବ ନାହିଁ । ଏମାନେ ଜିନିଷ କିଣିବେ ।" ସେବକ ନିସ୍ତବ୍ଧ ହୋଇ ଛିଡ଼ାହୋଇ ରହିଲେ । ଏହି ସମୟରେ ପର୍ଯ୍ୟବେକ୍ଷକ ଆଗକୁ ଚାଲି ଆସି ଜଙ୍ଗଲ କର୍ମଚାରୀ, ପୋଲିସ କର୍ମଚାରୀ ଓ ସେବକଙ୍କୁ ଏକାଠି କରି କହିବାରେ ଲାଗିଲେ । ଛାୟାମୂର୍ତ୍ତି କୁଆଡ଼େ ଉଭେଇ ଗଲେ । "ପର୍ଯ୍ୟବେକ୍ଷକ ! ମୁଁ ଏମାନଙ୍କ ଚରିତ୍ର ନିରୀକ୍ଷଣ କରି ଦେଖିଲିଣି ଯେ, ଏମାନଙ୍କୁ ସଭ୍ୟ କରି ହେବ ନାହିଁ, ବିନା ଏମାନଙ୍କ ଏ ଦେବୀଙ୍କୁ ଏଠୁଁ ନହଟାଇଲେ ସବୁ ଅନ୍ଧବିଶ୍ୱାସ ଏହି ଦେବୀଙ୍କଠିଁ କେନ୍ଦ୍ରୀଭୂତ । ଏହାକୁ ହିଁ ଆଗେ ଉଠାଇ ଦିଅ ଓ ଏଇଠି ଏକ ନୂତନ ଧରଣର ସ୍କୁଲ ଖୋଲ ।" 'ହଁ ଠିକ୍ କଥା' କହି ସମସ୍ତ ସେ କ୍ଷୁଦ୍ର ଦେବୀ ପୀଠଟିକୁ ଭାଙ୍ଗିଦେଲେ । ଇତିମଧ୍ୟରେ କନ୍ଧମାନେ କୁଡ଼ିଆ ଭିତରୁ ବାହାରି ଆସିଲେ । ସେମାନଙ୍କର ବର୍ତ୍ତମାନ ଆଧୁନିକ ବେଶଭୂଷା, ସଭ୍ୟ ଜଗତର ଲୋକ ସେମାନେ ବର୍ତ୍ତମାନ । ସେମାନେ ଆଗନ୍ତୁକ ଚାରିଜଣଙ୍କୁ ଦୃଢ଼ ଭାବରେ ପଚାରିଲେ "ଆପଣମାନେ ଏଠି କାହିଁକି ?" ଜଙ୍ଗଲ କର୍ମଚାରୀ କହିଲେ ଜଙ୍ଗଲ କାଟିବା କଥା । ପୁଲିସ କହିଲେ, କୁକୁଡ଼ା କଥା । ସେବକ କହିଲେ, ପାଣଙ୍କ ଶୋଷଣ କଥା । ପର୍ଯ୍ୟବେକ୍ଷକ କହିଲେ କନ୍ଧଙ୍କ ପ୍ରାଚୀନ ସଭ୍ୟତାର ଗବେଷଣା କଥା । କନ୍ଧଙ୍କ ଭିତରୁ ସେହି ବୃଦ୍ଧଲୋକ ଯେ ବର୍ତ୍ତମାନ ପରିଷ୍କାରପରିଚ୍ଛନ୍ନ ଆଧୁନିକ ବେଶାବୃତ, ସେ କହିଲେ "ଯାଆନ୍ତୁ ଆପଣମାନେ ଏଠୁ,

ଆମେ ଆଉ ସେ ପୁରୁଣାକାଳିଆ ମୂର୍ଖ ନାହୁଁ ।" ଆମେ କାଟୁଥିଲୁଁ ଜଙ୍ଗଲ ମୁଣ୍ଡରେ ଝାଳ ଗୋଡ଼ରେ ପକେଇ, ତମେ ହୋଇଥିଲ ଜମିର ଅଧିକାରୀ !!! ଆମେ ପୋଷୁଥିଲୁଁ କୁକୁଡ଼ା, ତୁମେ ଖାଉଥିଲ ଭୋଜି ! ଆମର ନାଁରେ ତୁମେ ସେବକ ବୋଲାଇ ଖ୍ୟାତି ଓ ପ୍ରତିଷ୍ଠା ଅର୍ଜନ କରୁଥିଲ । ଆମକୁ କୌତୁହଳଜନକ ଜୀବ ଭାବି ତୁମେ କରୁଥିଲ ଗବେଷଣା !!! ଏହିଠାରୁ ସବୁ ଶେଷ, ଯାଅ ବାହାରି ।" ଏହା କହି କନ୍ଧମାନେ ନୂତନ ବେଶରେ ତାଙ୍କର ନୃତ୍ୟ ଆରମ୍ଭ କଲେ ।

ଜଙ୍ଗଲ କର୍ମଚାରୀ, ପୋଲିସ କର୍ମଚାରୀ ବିବ୍ରତ ହୋଇ ପର୍ଯ୍ୟବେକ୍ଷକଙ୍କ ଆଡ଼େ ଅନାଇଛନ୍ତି । ସେବକ ଉତ୍ତ୍ୟକ୍ତ ହୋଇ କହୁଛନ୍ତି, "ମୁଁ ପରା ମୂଳରୁ କହୁଛି, ଇସ୍କୁଲ ଏଠି ଖୋଲନାହିଁ ।" ପର୍ଯ୍ୟବେକ୍ଷକ— "ଏମାନଙ୍କୁ ଅନ୍ୟମାନଙ୍କଠାରୁ ଅଲଗା ରଖି ଏମାନଙ୍କ ପାଇଁ ଅଲଗା ଶିକ୍ଷାର ବ୍ୟବସ୍ଥା କରିଥିଲେ ହୋଇଥାନ୍ତା । ଜଙ୍ଗଲ କର୍ମଚାରୀ କହୁଛନ୍ତି ପୋଲିସ କର୍ମଚାରୀକୁ— "ସରିଲା ତ ଏଥର ! ଯେତିକି ଦରମା ମିଳୁଛି ସେଥିରେ କଣ ପୋଷେଇବ ?" କହି କହି ଚାଲିଗଲେ । ସେବକ 'ଆମର ବିଭାଗର ଭବିଷ୍ୟତ କଅଣ' କହି ଚାଲିଗଲେ । ପର୍ଯ୍ୟବେକ୍ଷକ 'ଦୁଇନମ୍ବର ପୁସ୍ତିକା ବାହାରିବ ପାଇଁ ତଥ୍ୟ ସଂଗ୍ରହ ହୋଇଗଲା' କହି ଚାଲିଗଲେ । କନ୍ଧମାନଙ୍କ ନୃତ୍ୟ ଚାଲିଥାଏ । *

---

୧୯୫୬ ଅକ୍ଟୋବର ୮ ତାରିଖ ଦୈନିକ ପ୍ରଜାତନ୍ତ୍ରରୁ ସଂଗୃହୀତ

# ସମ୍ପାଦକୀୟ

ଓଡ଼ିଶାର ଆଦିବାସୀ ଓ ସେମାନଙ୍କର ସମସ୍ୟା ବିଷୟରେ ସାଧାରଣ ଭାବରେ ଆଲୋଚନା କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଆଦିବାସୀ ଗବେଷଣା ପରିଷଦ ତରଫରୁ "ଆଦିବାସୀ" ପତ୍ରିକା ପ୍ରକାଶିତ କରାଯାଉଛି । ଗତ ଅକ୍ଟୋବର ମାସରେ ଉକ୍ତ ପତ୍ରିକାର ୨ୟ ଓ ୩ୟ ସଂଖ୍ୟା ପ୍ରକାଶ କରାଯିବା ପରେ ଏବେ ଏହାର ୪ର୍ଥ ସଂଖ୍ୟା ପ୍ରକାଶ ଲାଭ କଲା ।

ଏ ମଧ୍ୟରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅଧିନାୟକତ୍ୱରେ ନୂତନ ସରକାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏ ଅବସରରେ ସ୍ମରଣ କରିବାର କଥା ଯେ ଗତ ୧୯୪୮-୪୯ ମସିହାରେ ମହତାବଜୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲାବେଳେ ତାଙ୍କର ପ୍ରେରଣା ଓ ଉଦ୍ୟମରେ ସାରା ଭାରତବର୍ଷରେ ପ୍ରଥମ କରି ଓଡ଼ିଶା ପ୍ରଦେଶରେ ଅନୁନ୍ନତ ଜାତିମାନଙ୍କ ନିମିତ୍ତ ସ୍ୱତନ୍ତ୍ର ବିଭାଗ ସୃଷ୍ଟି ହୋଇଥିଲା । ବମ୍ବେର ରାଜ୍ୟପାଳ ଥିବା ସମୟରେ ମଧ୍ୟ ମହତାବଜୀ ଓଡ଼ିଶା ଆଦିବାସୀ ଗବେଷଣା ପରିଷଦ ବିଷୟରେ ଆଗ୍ରହାନ୍ୱିତ ରହିଥିଲେ ଏବଂ ପ୍ରେରଣା ଓ ଉତ୍ସାହ ଦେଇ ଆସୁଥିଲେ । ଆମ୍ଭମାନଙ୍କର ପ୍ରଥମ ଇଂରାଜି ସଂଖ୍ୟାରେ ତାଙ୍କର ଓ ଓଡ଼ିଶା ରାଜ୍ୟପାଳଙ୍କ ସନ୍ଦେଶ ପ୍ରକାଶ ପାଇଥିଲା । ଅଧିକ ଆନନ୍ଦର ବିଷୟ ଯେ ସେ ନିଜେ ଆଦିବାସୀ ଓ ଅନୁନ୍ନତ ବିଭାଗର ଭାର ଗ୍ରହଣ କରିଛନ୍ତି ଓ ତତ୍‌ସଙ୍ଗେ ଆଦିବାସୀ ଗବେଷଣା ପରିଷଦର ସଭାପତି ଅଛନ୍ତି । ନିଜେ ଜଣେ ଖ୍ୟାତନାମା ଐତିହାସିକ, ଗବେଷକ ଓ ସୁଲେଖକ ହୋଇଥିବାରୁ ପରିଷଦ ତାଙ୍କୁ ସଭାପତି ଭାବରେ ପାଇ ଗୌରବାନ୍ୱିତ ହୋଇଛି ।

ଗବେଷଣା ଦିଗରେ ଏ ମଧ୍ୟରେ କେତେକ ଅଗ୍ରଗତି ହୋଇଛି । ପରିଷଦର ଜନୈକ କର୍ମଚାରୀ, ଶ୍ରୀ ଅଜିତକିଶୋର ରାୟଙ୍କ "ଜୁଆଙ୍ଗମାନଙ୍କର ପ୍ରଜନନ ଶକ୍ତି" (Reproductive life of the Juangs) ବିଷୟକ ଗବେଷଣା ବିଶ୍ୱବିଖ୍ୟାତ ବୈଜ୍ଞାନିକ ଅଧ୍ୟାପକ ହାଲଡେନଙ୍କଦ୍ୱାରା ଆଦୃତ ହୋଇଛି । ସେ ନିଜେ ଏଠାକୁ ଆସି ଏ ବିଷୟରେ ଆଲୋଚନା କରି ଯାଇଛନ୍ତି । ଶ୍ରୀରାୟଙ୍କ ସଂଗୃହୀତ ତଥ୍ୟ ନିକଟରେ ପ୍ରକାଶିତ ହେବ । ବଣାଇର ପୋଡ଼ୁଭୂଷୀ ଭୂୟାଁ ଓ କଳାହାଣ୍ଡି, କୋରାପୁଟ ଏବଂ ଫୁଲବାଣୀର କୁଟିଆ କନ୍ଧମାନଙ୍କ ସମ୍ବନ୍ଧରେ ପ୍ରାଥମିକ ଗବେଷଣା ଶେଷ ହୋଇଛି । ବର୍ତ୍ତମାନ ସବିସ୍ତୃତ ଗବେଷଣା ଆରମ୍ଭ ହୋଇଛି । ଓଡ଼ିଶାର ବିଭିନ୍ନ ଆଦିବାସୀଗୋଷ୍ଠୀଙ୍କର ଚାଲିଚଳନ, ଆଚାର, ବ୍ୟବହାର, ଖାଦ୍ୟପେୟ, ଭାଷା, ନୃତ୍ୟଗୀତ ତଥା ପର୍ବପର୍ବାଣିମାନଙ୍କର ବିଶଦ ବିବରଣୀ ସଂଗ୍ରହ କରାଯାଉଛି ।

ଏ ସଂଖ୍ୟାରେ ନୃତତ୍ତ୍ୱବିଦ୍ ଡକ୍ଟର ଏସ୍. ସି. ସରକାର, ସୁଲେଖକ ଶ୍ରୀ ଗୋପୀନାଥ ମହାନ୍ତି, ଶ୍ରୀ ଅଜିତ କିଶୋର ରାୟ, ଶ୍ରୀ ନିତ୍ୟାନନ୍ଦ ଦାସ, ଶ୍ରୀମତୀ ବିନୋଦିନୀ ଦେବୀ ଓ ଶ୍ରୀମତୀ ସୁଶ୍ରୀ ଦାସ ପ୍ରଭୃତିଙ୍କର ଲେଖାମାନ ପ୍ରକାଶ ପାଇଛି । ସେ ସମସ୍ତଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ସେମାନଙ୍କର ଓ ଆଦିବାସୀମାନଙ୍କ ବିଷୟରେ ସ୍ପୃହା ଥିବା ଅନ୍ୟାନ୍ୟ ଲେଖକ ଲେଖିକାମାନଙ୍କ ସହଯୋଗ କାମନା କରୁଅଛୁ ।

## ଆଦିବାସୀ ସମସ୍ୟା

ଗତ ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ନୂଆ ରାଜଧାନୀ ଭୁବନେଶ୍ୱରଠାରେ

ଅନୁଷ୍ଠିତ ହୋଇଥିବା ଆଦିବାସୀ ମେଳା ଉଦ୍‌ଘାଟନ କରି ଆମର ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ ଆଦିବାସୀ ସମସ୍ୟା ସମାଧାନ ବିଷୟରେ କେତେକ ମୂଲ୍ୟବାନ ଉପଦେଶ ଦେଇଥିଲେ । ତାହା ଆଦିବାସୀ ତଥା ଅନ୍ୟାନ୍ୟ ଅନୁନ୍ନତ ସଂପ୍ରଦାୟ ଲୋକମାନଙ୍କର ଉନ୍ନତିକଳ୍ପେ କାର୍ଯ୍ୟ କରୁଥିବା ସରକାରୀ ଓ ବେସରକାରୀ ସମସ୍ତ କର୍ମୀଙ୍କର ଅନୁଧ୍ୟାନ କରିବାର କଥା । ସେ କହିଥିଲେ—କନ୍ଧମାଳ ଓଡ଼ିଶାର ଏକ ଘୋର ଅରଣ୍ୟାବୃତ୍ତ ଆଦିବାସୀ ଅଞ୍ଚଳ । ପଚିଶ ବର୍ଷ ପୂର୍ବେ ବ୍ରିଟିଶ ସରକାରଙ୍କ ଅମଳରେ କନ୍ଧମାଳରେ ଜଣେ ଗୋରା ସାହେବ ଡେପୁଟି କମିଶନର ନିଯୁକ୍ତ ହୋଇଥିଲେ । ତାଙ୍କୁ ନିର୍ଦ୍ଦେଶ ଥିଲା ଯେ ଯେଉଁଦିନ ସେ ଅଞ୍ଚଳର ଏକଶତ ଲଙ୍ଗୁଳି ଆଦିବାସୀଙ୍କୁ ସେ ସୁନ୍ଦର ପୋଷାକପରିଚ୍ଛଦଧାରୀ ଭାବରେ କଟକ ମୁକାମକୁ ଆଣିବେ, ସେଦିନ ତାଙ୍କର କନ୍ଧମାଳରୁ ବଦଳି ହେବ; ତା ପୂର୍ବରୁ ନୁହେ । ଉକ୍ତ ସାହେବ ଦୀର୍ଘ ୨୭ ବର୍ଷ ପର୍ଯ୍ୟନ୍ତ ବହୁ କଷ୍ଟ ସ୍ୱୀକାର କରି କନ୍ଧମାଳରେ ନାନା ଉନ୍ନତିକର କାର୍ଯ୍ୟମାନ କରି ଯାଇଅଛନ୍ତି । ବହୁ ରାସ୍ତା, କୂପ ପ୍ରଭୃତି ତାଙ୍କର ଅମଳରେ ତିଆରି ହୋଇଥିଲା । ଆମ କର୍ମୀବୃନ୍ଦମାନେ ଏହିପରି ନିଷ୍ଠାସହ ସେବା କରିବାପାଇଁ ପ୍ରସ୍ତୁତ ହେବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ସେ ପୁଣି କହିଥିଲେ—ଆଦିବାସୀ ସଂସ୍କୃତିରେ ଯାହାକିଛି ଉପାଦେୟ ବସ୍ତୁ ରହିଛି, ସେ ସବୁ ବିକାଶ କରିବା ଦିଗରେ ଚେଷ୍ଟା ହେବା ସଙ୍ଗେ ସଙ୍ଗେ ସେମାନଙ୍କୁ ଗବେଷଣାଗାରର ନମୁନା ସ୍ୱରୂପ ନରଖି ତାଙ୍କୁ ଅର୍ଥନୈତିକ ଶିକ୍ଷା ପ୍ରଭୃତି ଦିଗରେ ଆଧୁନିକ ପ୍ରଗତିଶୀଳ ସଂପ୍ରଦାୟମାନଙ୍କ ସଙ୍ଗେ ସମାସ୍କନ୍ଧ କରିବାକୁ ହେବ, ଯେପରିକି ଯଥାସମ୍ଭବ ଶୀଘ୍ର ଆଦିବାସୀ ଓ ଅଣଆଦିବାସୀ ଭେଦାଭେଦ ଭାବ ଲୋପ ପାଏ । ଏଥିପାଇଁ ଦ୍ରୁତ ଓ ଦୃଢ଼ ଚେଷ୍ଟା ହେବା ବାଞ୍ଛନୀୟ ।

ମୁଦ୍ରାକର—ପଣ୍ଡିତ ଶ୍ରୀ ଅନସୂୟାପ୍ରସାଦ ପାଠକ, ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ-୧